# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, July 4/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 219 | ମୂଲ୍ୟ ₹୭/-




**ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ**

ରୁଷିଆର ସ୍ୱଳ୍ପ ବୟସ୍କା ମୀରା ଆନ୍ଦ୍ରିଭା ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୪

୧୦

**ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି**

ଅଭିନେତା ଧନୁଷ୍ ଏବଂ ଅଭିନେତ୍ରୀ କ୍ରିତି ସାନୋନ୍‌ଙ୍କ ପରବର୍ତ୍ତୀ ଫିଲ୍ମ 'ତେରେ ଇସ୍କ ମେଁ'ର ଶୁଟିଂ ଶେଷ ହୋଇଛି। ଏନେଇ କ୍ରିତି ଇନଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଗିଲ୍‌ଙ୍କ ଦ୍ୱିଶତକ

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ



୨୬୯ ରନ୍

୩୦ ଚୌକା

୩ ଛକା

**ବର୍ମିଂହାମ,୩।୭(ପି.ଟି.)**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭାରତର ଅଧିନାୟକ ଶୁବମନ ଗିଲ୍ ଦ୍ୱିଶତକୀୟ (୨୬୯ ରନ୍) ମାରାଥନ ପାଳି ଖେଳିଛନ୍ତି। ଏହି ଇନିଂସ ଅବସରରେ ସେ ଭାରତୀୟ ବ୍ୟାଟର ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ରନ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଭାରତର କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୧୯୭୯ରେ ଦି ଓଭାଲଠାରେ ୨୨୧ ରନର ଇନିଂସ ଖେଳିଥିଲେ। ଇଂଲଣ୍ଡ ମାଟିରେ ଦ୍ୱିଶତକ କରିଥିବା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍ ମଧ୍ୟ ରହିଛନ୍ତି। ସେ ୨୦୦୨ରେ ଦି ଓଭାଲଠାରେ ୨୧୭ ରନର ପାଳି ଖେଳିଥିଲେ। ତେବେ ଗିଲ୍ ପଞ୍ଚମ ଭାରତୀୟ ଅଧିନାୟକ ଭାବେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏହି ତାଲିକାରେ ମାକ ପଟୌଦି, ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂ ଧୋନୀ ରହିଛନ୍ତି।

ଏତଦ୍ ବ୍ୟତୀତ ଗିଲ୍ ପ୍ରଥମ ଭାରତ ତଥା ପ୍ରଥମ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡ ମାଟିରେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏଥିପୂର୍ବରୁ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ଶ୍ରୀଲଙ୍କାର ତିଲକରତ୍ନେ ଦିଲଶାନଙ୍କ ନାମରେ ଥିଲା। ସେ ୨୦୧୧ରେ ଲର୍ଡ୍ସଠାରେ ୧୯୩ ରନର ଇନିଂସ ଖେଳିଥିଲେ। ଭାରତୀୟ ଅଧିନାୟକଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନଙ୍କ ନାମରେ ସର୍ବାଧିକ ରନ କରିବାର ରେକର୍ଡ ଥିଲା। ସେ ୧୯୯୦ରେ ମାଞ୍ଚେଷ୍ଟର ୧୭୯ ରନର ଇନିଂସ ଖେଳିଥିଲେ।

# ସମୟ ପୂର୍ବରୁ ଜନ୍ମ ହେଉଛନ୍ତି ୧୩% ଶିଶୁ

**ଦେଶରେ ବାୟୁ ପ୍ରଦୂଷଣ ଯୋଗୁ ୧୩% ଶିଶୁ ସ୍ୱାଭାବିକ ସମୟ ପୂର୍ବରୁ ଜନ୍ମ ହେଉଥିବାବେଳେ ୧୭% ନବଜାତକଙ୍କ ଓଜନ କମ୍ ରହୁଛି। ବିଶେଷକରି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଜନ୍ମିତ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ଏଭଳି ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି। ଏହି କ୍ଷେତ୍ରରେ ୩୯% ସହ ହିମାଚଳ ପ୍ରଦେଶ ସବା ଆଗରେ ଥିବାବେଳେ ଉତ୍ତରାଖଣ୍ଡର ୨୭ ପ୍ରତିଶତ ଶିଶୁ ଅପରିପକ୍ୱ ଅବସ୍ଥାରେ ଜନ୍ମ ଗ୍ରହଣ କରୁଛନ୍ତି। ସେହିପରି ରାଜସ୍ଥାନରେ ୧୮% ଓ ଦିଲ୍ଲୀରେ ୧୭% ପିଲାଙ୍କ ଜନ୍ମ ନିର୍ଦ୍ଧାରିତ ଅବଧି ପୂର୍ବରୁ ହେଉଛି ବୋଲି ଭାରତର ଭୌଗୋଳିକ ଜନସଂଖ୍ୟାଗତ ସ୍ୱାସ୍ଥ୍ୟ ସର୍ଭେ ୨୦୧୯-୨୧ରୁ ଜଣାପଡ଼ିଛି। ଗର୍ଭସ୍ଥ ଶିଶୁଙ୍କ ସ୍ୱାସ୍ଥ୍ୟ ଜଳବାୟୁ ପରିବର୍ତ୍ତନ ଓ ବାୟୁ ପ୍ରଦୂଷଣ ଯୋଗୁ କିପରି ବିପନ୍ନ ହେଉଛି ତାହା ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି।**

## ଭାରତରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ

## ୧୭% ନବଜାତକଙ୍କ ଓଜନ କମ୍



**ନୂଆଦିଲ୍ଲୀ,୩।୭(ପି.ଟି./ଏଜେନ୍ସି)**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଦିଲ୍ଲୀ, ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ୍ ସାଇନ୍ସେସ୍, ମୁମ୍ବାଇ ଏବଂ ବ୍ରିଟେନ୍ ଓ ଆୟର୍ଲାଣ୍ଡର ବିଭିନ୍ନ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫କୁ ନେଇ ଅନୁଧ୍ୟାନ କରାଯାଇଥିଲା। ଗବେଷକମାନେ ରିମୋଟ୍ ସେନ୍ସିଂ ଡେଟାକୁ ମଧ୍ୟ ବିଶ୍ଳେଷଣରେ ବ୍ୟବହାର କରିଥିଲେ। ଗର୍ଭବତୀ ମହିଳାଙ୍କ ପିଲା ଜନ୍ମ ଉପରେ ବାୟୁ ପ୍ରଦୂଷଣର ପ୍ରଭାବକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଜାଣିବାକୁ ପାଇଛନ୍ତି ଯେ, ପ୍ରସୂତୀଙ୍କ ଗର୍ଭରେ ଥିବା ଶିଶୁଙ୍କ ଉପରେ ପାର୍ଟିକ୍ୟୁଲେଟ୍ ମ୍ୟାଟର (ପିଏମ୍)୨.୫ର ଅଧିକ ଖରାପ ପ୍ରଭାବ ରହୁଛି। ଏଥିଯୋଗୁ ଜନ୍ମ ସମୟରେ ୪୦% ଶିଶୁଙ୍କ ଓଜନ ହ୍ରାସ ପାଉଛି। ସେହିପରି ୭୦% ଶିଶୁ ଅବଧି ପୂର୍ବରୁ ଜନ୍ମ ହେଉଛନ୍ତି।

ରିପୋର୍ଟରୁ ଜଣାପଡ଼ିଛି, ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଓ ତାପମାତ୍ରା ପ୍ରଭାବିତ ହେଉଥିବାରୁ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ବିପନ୍ନ ହେଉଛି। ପିଏଲ୍ଓଏସ୍ ଗ୍ଲୋବାଲ ପବ୍ଲିକ୍ ହେଲ୍‌ଥ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି, ଭାରତର ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ଜନ୍ମିତ ଶିଶୁଙ୍କ ଉପରେ ବାୟୁ ପ୍ରଦୂଷଣର ସବୁଠୁ ଅଧିକ ନକାରାତ୍ମକ ପ୍ରଭାବ ପଡୁଛି। ୨.୫ ମାଇକ୍ରନ୍ ପରିଧିରୁ କମ୍ ଫାଇନ୍ ପାର୍ଟିକ୍ୟୁଲେଟ୍ ମ୍ୟାଟର ୨.୫(ପିଏମ୍୨.୫)କୁ ସବୁଠୁ ବିପଜ୍ଜନକ ବାୟୁ ପ୍ରଦୂଷକ ବୋଲି ମନେକରାଯାଉଛି। ଜୀବାଶ୍ମ ଇନ୍ଧନର ଓ ବାୟୋମାସ୍‌ର ଜାଳେଣିକୁ ଏଥିପାଇଁ ଦାୟୀ କରାଯାଉଛି।

ଗବେଷକମାନେ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, ପଞ୍ଜାବ ଓ ହରିୟାଣା ଭଳି ଉପର ଗାଙ୍ଗେୟ ଅଞ୍ଚଳ ଏବଂ ଦକ୍ଷିଣ ଓ ଉତ୍ତର-ପୂର୍ବ ଅଞ୍ଚଳର ତଳ ସ୍ତରରେ ପିଏମ୍୨.୫ର ମାତ୍ରା ଅଧିକ ରହିଥିବା ଜାଣିବାକୁ ପାଇଛନ୍ତି। ବିଶେଷକରି ହିମାଚଳ ପ୍ରଦେଶ (୩୯%), ଉତ୍ତରାଖଣ୍ଡ(୨୭%), ରାଜସ୍ଥାନ(୧୮%) ଓ ଦିଲ୍ଲୀ(୧୭%) ଭଳି ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲା ଜନ୍ମ ହେଉଛନ୍ତି। ତେବେ ମିଜୋରାମ, ମଣିପୁର ଓ ତ୍ରିପୁରାରେ ଏହାର ପ୍ରଭାବ କମ୍ ରହିଛି।

ପଞ୍ଜାବରେ ସର୍ବାଧିକ ୨୨% ନବଜାତ ଶିଶୁଙ୍କ ଓଜନ କମ୍ ରହୁଛି। ଏହା ପଛକୁ ରହିଛି ଦିଲ୍ଲୀ, ଦାଦ୍ରା ଓ ନଗର ହାବେଳି, ମଧ୍ୟପ୍ରଦେଶ, ହରିୟାଣା ଓ ଉତ୍ତର ପ୍ରଦେଶ। ପିଲାଙ୍କ ଓଜନ କ୍ଷେତ୍ରରେ ଉତ୍ତର-ପୂର୍ବ ଭାରତର ସ୍ଥିତି ଉନ୍ନତ ରହିଛି। ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ ଓ ଅନ୍ୟାନ୍ୟ ଡେଟାକୁ ଉପଯୋଗକରି ☞ପୃଷ୍ଠା-୪

# ଆନ୍ଦୋଳନ ଜାରି ରହିବ: ଓଏଏସ୍ ସଂଘ

## ଓଆର୍‌ଏସ୍‌ଙ୍କ ଅନୁପସ୍ଥିତିରୁ ବଢ଼ୁଛି ସମସ୍ୟା

**ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ମାଡ଼ ପ୍ରସଙ୍ଗ ଜଟିଳ ହେବାରେ ଲାଗିଛି। ୩ ଦିନ ଧରି ରାଜ୍ୟସାରା ଓଏଏସ୍ ଅଧିକାରୀମାନେ କାର୍ଯ୍ୟ କରୁ ନ ଥିବାରୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ଏଥିରେ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀ ସାମିଲ ହୋଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହେଉଛନ୍ତି। କେଉଁଠି ଛାତ୍ରୀଛାତ୍ରଙ୍କ ବିଭିନ୍ନ ପରୀକ୍ଷା ପାଇଁ ମାଜିଷ୍ଟ୍ରେଟଙ୍କ ଦସ୍ତଖତର ଆବଶ୍ୟକତା ଥିବାବେଳେ ଆଉ କେଉଁଠି କର୍ମଚାରୀଙ୍କ ଦରମା ଗଣ୍ଠାକ ମିଳିପାରୁନାହିଁ। ସବୁଠାରୁ ବଡ଼କଥା ହେଲା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ହିତାଧିକାରୀଙ୍କୁ ଡିବିଟି ଜରିଆରେ ଯେଉଁ ରାଶି ପ୍ରଦାନ କରାଯିବା କଥା ତାହା କେତେକ ସ୍ଥଳରେ ଅଧିକାରୀଙ୍କ ଅନୁପସ୍ଥିତି ପାଇଁ ଅଟକି ଯାଉଥିବା ଅଭିଯୋଗ ହୋଇଛି। ଓଏଏସ୍ ସଂଘ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ସହିତ ଅଧିକାରୀଙ୍କ ସୁରକ୍ଷା ଦାବିରେ ଅଟଳ ରହିଥିବାରୁ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଇତିମଧ୍ୟରେ ତିନିଦିନ ବିତି ଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ପଞ୍ଚାୟତସ୍ତରରୁ ଆରମ୍ଭ ☞ପୃଷ୍ଠା-୪

# ରତ୍ନଭଣ୍ଡାର ମରାମତି ପ୍ରାୟ ଶେଷ: ଗଜପତି

**ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପ୍ରାୟ ଶେଷ ହୋଇଛି ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ସମୀକ୍ଷା ପରେ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି। ସେହିପରି ଶ୍ରୀମନ୍ଦିରର ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଏଏସ୍ଆଇ ହାତକୁ ନେଇଛି। ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଦୃଷ୍ଟିରୁ ଗତ ଏପ୍ରିଲ୍ ୨୯ରୁ ରତ୍ନଭଣ୍ଡାର ମରାମତି ସ୍ଥଗିତ ରହିଥିଲା। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ରଥଯାତ୍ରା ପରଦିନ ଅର୍ଥାତ ଜୁନ୍ ୨୮ ତାରିଖରୁ ପୁନଃ ଆରମ୍ଭ ହୋଇଥିଲା। ରଥଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦିକୁ ଯାଇଥିବାରୁ ଏହି ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

ଏଏସ୍ଆଇ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ଜୁନ୍ ୨୮ ତାରିଖରେ ରତ୍ନଭଣ୍ଡାର କାର୍ଯ୍ୟର ସମୀକ୍ଷା କରିବା ସହ ବାକିଥିବା କାର୍ଯ୍ୟ ଆରମ୍ଭ କରିଥିଲେ। ତେଣୁ ଗୁରୁବାର ରତ୍ନଭଣ୍ଡାର କାର୍ଯ୍ୟ ସମୀକ୍ଷା କରିବା ପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇଥିଲେ। ସମୀକ୍ଷା ପରେ ଗଜପତି ମହାରାଜା ରତ୍ନଭଣ୍ଡାର କାର୍ଯ୍ୟ ସନ୍ତୁଷ୍ଟ ଥିବା ସେ ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀମନ୍ଦିର ୮୦୦ ବର୍ଷର ପୁରାତନ ହୋଇଥିବା ବେଳେ ପୂର୍ବରୁ ରତ୍ନଭଣ୍ଡାର କେବେ ମରାମତି ହୋଇ ନ ଥିଲା, ପ୍ରଥମଥର ପାଇଁ କରାଯାଉଛି। ଗଜପତି ମହାରାଜା କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ବହୁବର୍ଷ ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହେଉଛି। ☞ପୃଷ୍ଠା-୪

# ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ ନିଷ୍ପତ୍ତି ସ୍ଥଗିତ

**ନୂଆଦିଲ୍ଲୀ,୩।୭(ପି.ଟି.)**

ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବିକ୍ରି ବନ୍ଦ କରିବା ପାଇଁ ଜାରି ନିର୍ଦ୍ଦେଶନାମାକୁ ଦିଲ୍ଲୀ ସରକାର ଗୁରୁବାର ସ୍ଥଗିତ ରଖିଛନ୍ତି। ବାୟୁ ମାନ ପରିଚାଳନା ଆୟୋଗ (ସିଏକ୍ୟୁଏମ୍)କୁ ପତ୍ର ଲେଖି ଦିଲ୍ଲୀ ସରକାର କହିଛନ୍ତି, ପ୍ରଯୁକ୍ତିଗତ ଚ୍ୟାଲେଞ୍ଜ କାରଣରୁ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ କରିବା ସମ୍ଭବ ନୁହେଁ। ତେଣୁ ପୂର୍ବ ନିଷ୍ପତ୍ତିକୁ ତୁରନ୍ତ ସ୍ଥଗିତ ରଖିବା ପାଇଁ କମିଶନଙ୍କୁ ନିବେଦନ କରାଯାଇଛି। ଜାତୀୟ ରାଜଧାନୀରେ ଗାଡ଼ି ଚଳାଚଳଜନିତ ପ୍ରଦୂଷଣ ରୋକିବା ପାଇଁ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଯାନ ଏବଂ ୧୦ ବର୍ଷରୁ ପୁରୁଣା ଡିଜେଲ ଯାନକୁ ଇନ୍ଧନ ବନ୍ଦ କରିବା ପାଇଁ ଜୁଲାଇ ୧ରେ ସିଏକ୍ୟୁଏମ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହା ଦ୍ୱାରା ୬୨ ଲକ୍ଷରୁ ଉର୍ଦ୍ଧ୍ୱ କାର, ଦୁଇଚକିଆ ଯାନ, ଟ୍ରକ୍ ଓ ଅନ୍ୟାନ୍ୟ ଗାଡ଼ି ପ୍ରଭାବିତ ହୋଇଥାନ୍ତେ। ଏହାକୁ ନେଇ ସରକାର ଲୋକଙ୍କ ରୋଷର ଶିକାର ହେବା ପରେ ବିବାଦୀୟ ନିଷ୍ପତ୍ତି ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସରକାର ସେମାନଙ୍କ ସହ ଛିଡ଼ା ହୋଇଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂ ସିର୍ସା କହିଛନ୍ତି। ତେବେ ପୁରୁଣା ଗାଡ଼ିଗୁଡ଼ିକୁ ବ୍ୟାନ୍ କରିବା ଦିଗରେ ସରକାର ସମାଧାନ ପନ୍ଥା ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ପୁରୁଣା କାର୍ ଓ ମୋଟରସାଇକେଲକୁ ଯତ୍ନର ସହ ରଖିଥିବା ଲୋକଙ୍କୁ ଦଣ୍ଡିତ କରା ନ ଯାଇ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ ନ ଥିବା ଗାଡ଼ିଗୁଡ଼ିକୁ ଜବତ କରିବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସିର୍ସା କହିଛନ୍ତି।


**ଆଜିର ସମ୍ପାଦକୀୟ**

ଭବିଷ୍ୟତର ଇରାନ


# ଡେଲିଭରି ବୟ୍ କହି ପଶିଲେ, ବଳାତ୍କାର ପରେ ସେଲ୍‌ଫି ନେଲେ

**ପୁଣେ,୩।୭**

କବାଟ ଠକ୍ ଠକ୍ ହେଲା। ଡେଲିଭରି ବୟ ଆସିଛନ୍ତି ଭାବି ୨୨ ବର୍ଷୀୟା ଯୁବତୀ ଜଣକ ଘରର କବାଟ ଖୋଲିଲେ। ହାତରେ ଏକ ବ୍ୟାଙ୍କ ଏନ୍‌ଭଲପ ଧରି ଭିତରକୁ ଧସେଇ ପଶିଲେ ଜଣେ ଅଚିହ୍ନା ଯୁବକ। କିଛି ସମୟ ଭିତରେ ଯୁବକ ତାଙ୍କୁ ବଳାତ୍କାର କରି ସେଠାରୁ ଫେରାର ହୋଇଗଲେ। ମହାରାଷ୍ଟ୍ରର ପୁଣେ ସହର କୋନ୍ଧୱା ଅଞ୍ଚଳରେ ଥିବା ଏକ ହାଉସିଂ ସୋସାଇଟିରେ ବୁଧବାର ରାତି ୭ଟା ୩୦ ମିନିଟ୍‌ରେ ଘଟିଛି ଏଭଳି ଘଟଣା, ଯାହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ମହାରାଷ୍ଟ୍ରର ଅନ୍ୟ ଏକ ଜିଲାର ଏହି ଯୁବତୀ ଜଣକ ପୁଣେର ଏକ ଆଇଟି କମ୍ପାନୀରେ କାମ କରନ୍ତି। ସମ୍ପୃକ୍ତ ସୋସାଇଟିରେ ଯୁବତୀଙ୍କ ସହ ତାଙ୍କ ଭାଇ ରୁହନ୍ତି। ବୁଧବାର ସନ୍ଧ୍ୟାରେ ତାଙ୍କ ଭାଇ ବାହାରକୁ କୌଣସି କାମରେ ଯାଇଥିଲେ। ଅଭିଯୁକ୍ତ ଆସି କବାଟ ବାଡେଇଥିଲେ। କିଏ ବୋଲି ପଚାରିବାରୁ ସେ କହିଥିଲେ, କୋରିୟର ଡେଲିଭରି ପାଇଁ ଆସିଛନ୍ତି। କବାଟ ଖୋଲିବା ପରେ ଡେଲିଭରି ରିସିପ୍ଟରେ ଦସ୍ତଖତ କରିବାକୁ କହିବା ସହ ପିନ୍ ମାଗିଥିଲେ। ଯୁବତୀ ପିନ୍ ଦେଖିବା ପାଇଁ ଭିତରକୁ ଫୋନ୍ ଆଣିବାକୁ ଯିବାରୁ ଯୁବକ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ସେ ତାଙ୍କୁ ଏକୁଟିଆ ପାଇ ଯୁବତୀଙ୍କ ଦେହରେ ରାସାୟନିକ ସ୍ପ୍ରେ କରିଥିଲେ। ଯୁବତୀ ସଂଜ୍ଞାହୀନ ହୋଇଯିବାରୁ ସେ ତାଙ୍କୁ ବଳାତ୍କାର କରିଥିଲେ। ଫେରାର ହେବା ପୂର୍ବରୁ ପୀଡ଼ିତାଙ୍କ ଫୋନ୍‌ରେ ସେଲ୍ଫି ନେଇଥିଲେ। ମୋବାଇଲରେ ଏକ ମେସେଜ୍ ଛାଡ଼ିଯାଇଥିଲେ। ସେଥିରେ ସେ ଲେଖିଥିଲେ, ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ସୋସିଆଲ ମିଡିଆରେ ଭାଇରାଲ କରିଦେବେ।

ଏନେଇ ଡେପୁଟି ପୋଲିସ କମିଶନର (ଜୋନ୍ ୫) ରାଜକୁମାର ଶିନ୍ଦେ କହିଛନ୍ତି, ରାତି ୮ଟା ୩୦ରେ ବଳାତ୍କାର ପୀଡ଼ିତାଙ୍କ ସଂଜ୍ଞା ଫେରିଥିଲା। ସେ ନିଜ ସମ୍ପର୍କୀୟମାନଙ୍କୁ ସବୁକଥା ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। କ୍ରାଇମ୍ ବ୍ରାଞ୍ଚର ୫ ଓ ଜୋନାଲ ପୋଲିସର ୫ ମୋଟ ୧୦ଟି ଟିମ୍‌କୁ ନେଇ ତଦନ୍ତ ଜାରି ରହିଛି। ବିଏନ୍‌ଏସ୍ ଦଫା ୬୪, ୭୭ ଓ ୩୫୧(୨) ବଳରେ କୋନ୍ଧୱା ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ସେହିପରି ଯୁବକ ବ୍ୟବହାର କରିଥିବା ରାସାୟନିକ ପଦାର୍ଥ କ'ଣ ଥିଲା ତାହା ଜାଣିବା ପାଇଁ ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ସହାୟତା ନିଆଯାଉଛି। ଯୁବତୀଙ୍କ ଫୋନ୍‌ରୁ ଏକ ସେଲ୍‌ଫି ମିଳିଛି, ଯାହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।



ସାଳନ୍ଦୀ ନଦୀରେ ବନ୍ୟା ଯୋଗୁ ଭଦ୍ରକ ଜିଲା ସଦର ବ୍ଲକର ବେନ୍ତାଳ ଗାଁ ପାଣିଘେରରେ ରହିଛି। **(ଫଟୋ: ସନାତନ ରାଉତ,ଭଦ୍ରକ)**

# ସମୂହ ଛୁଟିରୁ ଲୋକେ ହଇରାଣ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ଓଏଏସ୍ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାବେଳେ ଅଫିସରମାନେ ସାମୂହିକ ଛୁଟିରେ ଯାଇଛନ୍ତି। ଗତ ୩ଦିନ ଧରି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଧିକାରୀମାନଙ୍କ ଅନୁପସ୍ଥିତି ଯୋଗୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସାଧାରଣ ଲୋକମାନେ ସମାନଙ୍କ ବିଭିନ୍ନ କାର୍ଯ୍ୟ ପାଇଁ ଅଫିସକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ବିଶେଷକରି ଏବେ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଏବଂ ପରୀକ୍ଷା ପାଇଁ ଆବେଦନ କରିବାକୁ ପଡୁଥିବାରୁ ଲୋକେ ବିଭିନ୍ନ ପ୍ରମାଣପତ୍ର ପାଇଁ ତହସିଲ କାର୍ଯ୍ୟାଳୟକୁ ଯାଉଛନ୍ତି। ହେଲେ ସେଠାରେ ଅଧିକାରୀମାନଙ୍କ ଅନୁପସ୍ଥିତି ଯୋଗୁ ଲୋକମାନେ ଠିକ୍ ସମୟରେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଜିଦ୍‌ରେ ଅଟଳ ହୋଇ ଅଧିକାରୀମାନେ ଅନିର୍ଦ୍ଦିଷ୍ଟ କାଳପାଇଁ ଛୁଟିରେ ଥିବାରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ତୁରନ୍ତ ଏହି ଘଟଣାର ସମାଧାନ କରି ଲୋକଙ୍କୁ ସେବା ଯୋଗାଇ ଦେବାପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ଗୁରୁବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟକୁ ଯାଇ ସେବା ନ ପାଇ ଫେରିଥିବା ଲୋକମାନଙ୍କ ପ୍ରତିକ୍ରିୟାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା.....




ବାରିପଦା ତହସିଲ୍‌କୁ ବିଭିନ୍ନ କାର୍ଯ୍ୟ ପାଇଁ ଆସି ଅଧିକାରୀଙ୍କୁ ନ ପାଇ ନିରାଶ ହୋଇ ଫେରିଥିବା ବ୍ୟକ୍ତି।

## ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ



ଜମି ବିକ୍ରି ବାବଦରେ ଅଭିଯୋଗ କରିବାକୁ ମା'ପୁଅ ବୁଧବାର ତହସିଲ କାର୍ଯ୍ୟାଳୟକୁ ଯାଇଥିଲୁ। ସେଠାରେ ତହସିଲଦାରଙ୍କ ଦେଖାମିଳିଲା ନାହିଁ। ଫଳରେ ଗୁରୁବାର ଏସଂକ୍ରାନ୍ତରେ ଅଭିଯୋଗ କରିବାକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଇଥିଲୁ। ଏଠାରେ ମଧ ଉପଜିଲାପାଳଙ୍କ ଦେଖାମିଳିଲା ନାହିଁ। ଅନ୍ୟ ଅଧିକାରୀଙ୍କୁ ପଚାରିବାରୁ ଓଏଏସ୍ ଅଫିସରଙ୍କ ଧର୍ମଘଟ ଚାଲିଛି ବୋଲି କହିଥିଲେ। ମୋ ଭଳି ଏକାଧିକ ଲୋକ ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇବାକୁ ଆସି ନିରାଶ ହୋଇ ଫେରିଛନ୍ତି। ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ।

- ସତ୍ୟଭାମା ସ୍ୱାଇଁ, ଖୋର୍ଦ୍ଧା

## ନିରାଶ ହୋଇ ଘରକୁ ଫେରିଲି



ଜମିର ଏକ ପାର୍ଟ ପ୍ଲଟ୍ ବିକ୍ରି ସମ୍ପର୍କରେ ବୁଝିବା ପାଇଁ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଦୁଇଦିନ ହେବ ଯାଇଥିଲେ ମଧ ଅଫିସରଙ୍କ ଦେଖା ମିଳିଲା ନାହିଁ। ଜାଣିବାକୁ ପାଇଲି ଓଏଏସ୍ ଏବଂ ଓଆର୍‌ଏସ୍ ଅଫିସରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଗୁରୁବାର ମଧ ଆସିଥିଲି, ହେଲେ ଦେଖା ମିଳିଲା ନାହିଁ। ଫଳରେ ନିରାଶ ହୋଇ ଘରକୁ ଫେରିଲି। ଅଫିସରେ ଏକ ପ୍ରକାର କାମ ଠପ୍ ହୋଇଯାଇଛି।

- ମୀନକେତନ ସୁବୁଦ୍ଧି, ଦଳେଇପୁଟ, ଖୋର୍ଦ୍ଧା

## ଏତେ ବାଟରୁ ଆସି ନିରାଶ ହେବାକୁ ପଡ଼ିଲା



୨୦୧୮ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ମିଳିଥିଲା। କାର୍ଯ୍ୟାଦେଶ ମିଳିବାର ୬ ମାସ ମଧରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିଲା। ସେଥିପାଇଁ ମିଳିବାକୁ ଥିବା ବୋନସ ୧୦ହଜାର ଟଙ୍କା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ଏପର୍ଯ୍ୟନ୍ତ ମିଳିନାହିଁ। ଏନେଇ ବ୍ଲକ୍ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ମଧ କିଛି ସୁଫଳ ନ ମିଳିବାରୁ ଗୁରୁବାର ଉପଜିଲାପାଳଙ୍କ ଅଫିସ୍‌ରେ ଅଭିଯୋଗ କରିବାକୁ ଆସିଥିଲି। ସେ ଛୁଟିରେ ଥିବାରୁ ବାଧ ହୋଇ ଫେରିଲି। ଅଭିଯୋଗ ଜଣାଇବା ପାଇଁ ବାସୁଦେବପୁରରୁ ଏତେ ବାଟ ଆସି ନିରାଶ ହେବାକୁ ପଡ଼ିଲା।

- ପାଗଳ ବଳ, ଖାଣ୍ଟଖୁଆଡ଼, ବାସୁଦେବପୁର

## ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ



ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଘର ଆଗରେ ପାଣି ଜମି ରହିଛି। ଜଳ ନିଷ୍କାସନ ନାଳକୁ ଗ୍ରାମର ଜଣେ ବ୍ୟକ୍ତି ଅବରୋଧ କରି ରଖିଥିବାରୁ ଏଭଳି ସମସ୍ୟା ଉପୁଜିଛି। ଆମ ପରିବାର ଲୋକଙ୍କୁ ବର୍ଷାପାଣିରେ ପଶି ଯାତାୟାତ କରିବାକୁ ପଡୁଛି। ତହସିଲଦାରଙ୍କୁ ଏ ବାବଦରେ ଜଣାଇବାକୁ ଆସିଥିଲି। କିନ୍ତୁ ତହସିଲଦାର ଛୁଟିରେ ଥିବାରୁ ନିରାଶ ହୋଇ ଫେରିଲି। ସରକାର ଓଏଏସ୍ ଅଧିକାରୀମାନଙ୍କ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ। ଏଭଳି ଅଚଳାବସ୍ଥା ଲାଗି ରହିଲେ ପ୍ରତ୍ୟେକ ଦିନ ବିଭିନ୍ନ ଅଫିସ୍‌କୁ ଆସୁଥିବା ଲୋକେ ମୋ ଭଳି ନିରାଶହୋଇ ଫେରିବେ।

- ରବୀନ୍ଦ୍ର ନାଥ ଶିଅଳ, କାଉପୁର, ଭଦ୍ରକ

## ଚେୟାର ଖାଲି ଦେଖି ଫେରି ଆସିଲି



ଅଙ୍ଗନୱାଡି କର୍ମୀଙ୍କ କହିବାନୁଯାୟୀ ଜେଜେବାପାଙ୍କ ମୃତ୍ୟୁ ପ୍ରମାଣପତ୍ର ସମ୍ପର୍କରେ ବୁଝିବାକୁ କେନ୍ଦୁଝର ଉପଜିଲାପାଳଙ୍କ ଅଫିସକୁ ଯାଇଥିଲି। ଅଫିସର ସାର୍ ନ ଥିଲେ, ଚେୟାର ଖାଲି ପଡ଼ିଥିଲା। ପରେ ନିକଟରେ ଥିବା ତହସିଲ ଅଫିସକୁ ଯାଇ ଦେଖିବା ବେଳକୁ ସେଇ ଅବସ୍ଥା। ସେଠାରେ ବି ତହସିଲଦାରଙ୍କ ଚେୟାର ଖାଲି ପଡ଼ିଥିଲା। ତେଣୁ ନିରାଶ ହୋଇ ଫେରି ଆସିଲି। ସରକାର ଏହାର ତୁରନ୍ତ ସମାଧାନକଲେ ମୋ ଭଳି ଲୋକେ ହଇରାଣ ହେବେ ନାହିଁ।

- ଚିତ୍ତରଞ୍ଜନ ମହାନ୍ତ, ନରଣପୁର, କେନ୍ଦୁଝର

## ଆଫିଡେଭିଟ୍ କାମ ହୋଇପାରୁନି



ମୋର ଜଣେ କ୍ଲାଏଣ୍ଟଙ୍କ ଏକ ଆଫିଡେଭିଟ୍ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ହେବାର ଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଯାଇ ଦେଖିବା ବେଳକୁ ସିଟ୍ ଫାଙ୍କା ପଡ଼ିଛି। ଆନ୍ଦୋଳନ ପାଇଁ ସେମାନେ ଛୁଟିରେ ଯାଇଥିବା ଜାଣିବାକୁ ମିଳିଲା। ଏଣୁ ଆଫିଡେଭିଟ୍ କାମ ହୋଇପାରିଲାନାହିଁ। ଏଭଳି ଜାରି ରହିଲେ ସାଧାରଣ ଲୋକ ଅସୁବିଧା ଭୋଗିବା ସହ ଗୁରୁତ୍ୱପୂର୍ଣ୍ଣ କାମ ହୋଇପାରିବନାହିଁ। ଏ ନେଇ ସରକାର ତୁରନ୍ତ ବିଚାର କରିବା ଜରୁରୀ।

- ଦୈତାରୀ ଆପଟ, ଆଇନଜୀବୀ, କେନ୍ଦୁଝର

## ମୋ ଭଳି ଗରିବ ହଇରାଣ ନ ହୁଅନ୍ତୁ



ହାତୀକୋଟ ଗାଁରେ ଥିବା ପୈତୃକ ଜମିଜମା ସଂକ୍ରାନ୍ତୀୟ ନୋଟିସ ପାଇ ବାରିପଦା ତହସିଲ କାର୍ଯ୍ୟାଳୟକୁ ଆସିଥିଲି। ସକାଳୁ କାଗଜପତ୍ର ଧରି ଶାଶୁଘର ଗାଁ ବଡ଼ସାହି ଅଞ୍ଚଳରୁ ଗଲି। ତହସିଲଦାର ନ ଥିବାରୁ ଶୁଣାଣି ହୋଇପାରିଲା ନାହିଁ। ତେଣୁ ନିରାଶରେ ଘରକୁ ଫେରିବାକୁ ପଡୁଛି। ସରକାର ଏଥିପ୍ରତି ତୁରନ୍ତ ଧ୍ୟାନଦେଲେ ମୋ ଭଳି ଗରିବ ଲୋକମାନେ ହଇରାଣ ହରକତ ହୁଅନ୍ତେ ନାହିଁ।

- ଲିଲିମଣି ନାଏକ, ଆନନ୍ଦପୁର, ବଡ଼ସାହି ବ୍ଲକ, ମୟୂରଭଞ୍ଜ

## ଲୋକଙ୍କ ସରକାର ଲୋକଙ୍କ କଥା ବୁଝନ୍ତୁ



ପିଲାଙ୍କ ଜାତି ସାର୍ଟିଫିକେଟ ପାଇଁ ବାରିପଦା ତହସିଲ ଅଫିସକୁ ଆସିଥିଲି। ତହସିଲଦାର ଛୁଟିରେ ଥିବାରୁ କାମ ହୋଇପାରିଲାନାହିଁ। ପିଲାଙ୍କ ନାମ ଲେଖା ପାଇଁ ସାର୍ଟିଫିକେଟ ନିହାତି ଆବଶ୍ୟକ। ଅଫିସରମାନେ ଛୁଟିରେ ରହିଥିବା ବିଷୟରେ ଜାଣି ନ ଥିବାରୁ ଏତେ ବାଟ ଆସି ଫେରିବାକୁ ପଡୁଛି। ଯେଉଁଥିପାଇଁ ଅଫିସରମାନେ ଆନ୍ଦୋଳନ କରିଛନ୍ତି ସରକାର ତା'ର ସମାଧାନ ପନ୍ଥା ବାହାର କରନ୍ତୁ। ଲୋକଙ୍କ ସରକାର ଲୋକଙ୍କ ସମସ୍ୟା ବୁଝିବା ପାଇଁ ନିବେଦନ କରୁଛି।

- ରାମରାୟ ମୁର୍ମୁ, ବେତନା, ବାରିପଦା ବ୍ଲକ୍, ମୟୂରଭଞ୍ଜ

## ତହସିଲ ଅଫିସରେ ଅଚଳାବସ୍ଥା ଲାଗି ରହିଛି



ଗତ ୩ ଦିନ ହେବ ଯାଜପୁର ଜିଲା ବ୍ୟାସନଗର ତହସିଲରେ ଅଚଳ ଅବସ୍ଥା ଲାଗି ରହିଛି। ଗତ ୧୫ ଦିନ ତଳେ ଘରବାଡି ପଟ୍ଟା ପାଇଁ ଆବେଦନ କରିଥିଲି। ଆବେଦନ କରିବାର ୨ ଦିନ ମଧରେ ପଟ୍ଟା ମିଳିଯିବ ବୋଲି ତହସିଲ ଅଫିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ୩ ରୁ ୪ ଥର ଆସି ମୁଁ ନିରାଶ ହୋଇ ଫେରୁଛି। ଏବେ ଓଏଏସ୍ ସଂଘ ଆନ୍ଦୋଳନ ଯୋଗୁ ତହସିଲଦାର ଅଫିସକୁ ଆସୁ ନାହାନ୍ତି। ତାଙ୍କ ପ୍ରକୋଷ୍ଠ ଖାଲି ପଡିଥିବା ବେଳେ କର୍ମଚାରୀମାନେ ବି ଠିକ୍‌ରେ କାମ କରୁନାହାନ୍ତି। ଏଥିପାଇଁ ନାନା ସମସ୍ୟା ସୃଷ୍ଟି ହୋଇଛି।

- ରମେଶ ଚନ୍ଦ୍ର ସାହୁ, କୋରେଇ ବ୍ଲକ, ଯାଜପୁର

## ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ



ସଂଘର ନିର୍ଦ୍ଦେଶ ଅନୁଯାୟୀ କୌଣସି ଓଏଏସ୍ ଅଫିସର ଅଫିସ ଆସୁନାହାନ୍ତି। ତହସିଲ କାର୍ଯ୍ୟାଳୟ ଏକପ୍ରକାର ବନ୍ଦ ରହିଛି। ସାଧାରଣ ଜନତା ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତହସିଲ ଅଫିସରୁ କୌଣସି ପ୍ରମାଣପତ୍ର ମିଳୁନାହିଁ। ସ୍କୁଲ, କଲେଜ ଖୋଲିବା ଆରମ୍ଭ ହୋଇଛି। ଏଥିପାଇଁ ଛାତ୍ରୀଛାତ୍ରମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଏଏସ ଅଧିକାରୀଙ୍କୁ ଆକ୍ରମଣ ଘଟଣାକୁ ସାରା ଆଇନଜୀବୀ ସଂଘ ନିନ୍ଦା କରୁଛି। କିନ୍ତୁ ବର୍ତ୍ତମାନ ଯାଜପୁର ଜିଲାରେ ବନ୍ୟା ସହିତ ହଇଜା ପରିସ୍ଥିତି ରହିଛି। ସରକାର ଏ ନେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ।

- ମନୀନ୍ଦ୍ର କୁମାର ଧଳ, ଆଇନଜୀବୀ, ଯାଜପୁର

## ଜିଲାପାଳଙ୍କ ଅଫିସରୁ ନିରାଶ ହୋଇ ଫେରୁଛି



ଆମେ ଗରିବ ଲୋକ। ରାଜ୍ୟର ହାଲଚାଲ ଆମକୁ ଜଣାନାହିଁ। ମୋର ସ୍ୱାମୀ ଆନନ୍ଦ ବେହେରା ଜଣେ ପକ୍ଷାଘାତ ରୋଗୀ। ବିଛଣାରୁ ଉଠିପାରୁ ନାହାନ୍ତି। ତାଙ୍କ ପାଖେ ଜଣେ ସମ୍ପର୍କୀୟଙ୍କୁ ଛାଡି ବୁଧବାର ଜିଲାପାଳଙ୍କୁ ଭେଟିବାକୁ ନୟାଗଡ଼ ଆସିଥିଲି। ଜିଲାପାଳ ଅଫିସରେ ନ ଥିଲେ। ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଗଲି। ସବୁ କାର୍ଯ୍ୟାଳୟରେ ଚୌକି ଖାଲି ଦେଖିଲି। ଶୁଣିବାକୁ ପାଇଲି ଅଧିକାରୀମାନେ ଆନ୍ଦୋଳନରେ ଅଛନ୍ତି। ନିରାଶ ହୋଇ ଫେରୁଛି। ସରକାର ଏହି ସମସ୍ୟା ସମାଧାନ କରନ୍ତୁ।

- ସଇଳ ବେହେରା, ନୂଆଗାଁ ବ୍ଲକ, ନୟାଗଡ଼

## ଅପରାହ୍ନ ଯାଏ ଅପେକ୍ଷା କରି ନିରାଶ ହେଲି



ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ଥିବାରୁ ସ୍ୱାମୀ ଓ ପୁତୁରାଙ୍କ ସହ ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲି। ଅଫିସ ଖୋଲା ଥିଲେ ମଧ ଅଫିସର ନ ଥିବାରୁ ସକାଳୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଶେଷରେ ନିରାଶରେ ଫେରିବାକୁ ପଡ଼ିଲା। ଅଧିକାରୀ କାର୍ଯ୍ୟାଳୟକୁ ଆସୁ ନ ଥିବା ଜାଣିଥିଲେ ଏତେ ଦୂରରୁ ଆସି ନ ଥାନ୍ତି।

- କଳାବତୀ ନାୟକ, ରାଇଝରଣ, ଛେଣ୍ଡିପଦା

## ଅଧିକାରୀ ନ ଥିବାରୁ ଅଭିଯୋଗ କରିପାରିଲି ନାହିଁ



ଏକ ଆଶ୍ରମ ସ୍କୁଲରେ ରୋଷେୟା ଭାବେ କାମ କରୁଛି। ଦରମା ବୃଦ୍ଧି ପାଇଁ ଅନୁଗୋଳ ଉପଜିଲାପାଳଙ୍କୁ ସାକ୍ଷାତ କରି ଅନୁରୋଧ କରିବାକୁ ବହୁ ଦୂରରୁ ଆସିଥିଲି। ହେଲେ କାର୍ଯ୍ୟାଳୟରେ ଉପଜିଲାପାଳ ଅନୁପସ୍ଥିତ ଥିବାରୁ ଫେରିଯାଉଛି। ଅଫିସକୁ ଅଧିକାରୀମାନେ ଆସୁ ନ ଥିବାରୁ ଜନସାଧାରଣଙ୍କ କାର୍ଯ୍ୟ ହୋଇପାରୁ ନାହିଁ।

- ପ୍ରଫୁଲ୍ଲ ନାୟକ, ଖଡ଼ରାମୁଣ୍ଡା, ସାନହୁଲା, ଆଠମଲ୍ଲିକ

## ଅପେକ୍ଷା କରି ନିରାଶରେ ଫେରିଲି



ମୋ ନାତିର ଗୋଡ଼ ଭାଙ୍ଗି ଯାଇଥିବାରୁ ଚିକିତ୍ସା ପାଇଁ ଅର୍ଥ ଅଭାବ ଯୋଗୁ ସହାୟତା ମାଗିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲି। ଏଠାକୁ ଆସି ଜାଣିଲି, ବାବୁମାନେ ଅଫିସ ଆସୁନାହାନ୍ତି। ବହୁ ସମୟ ଅପେକ୍ଷା କଲି। କେହି ନ ଆସିବାରୁ ଶେଷରେ ନିରାଶ ହୋଇ ଫେରିଲି।

- ଡମୁଣୀ ନାୟକ, କତକମଡ଼ା, ଢେଙ୍କାନାଳ

## ଅଚଳାବସ୍ଥା ଶୀଘ୍ର ଦୂରହେଉ



ଜମି ମାପଚିହ୍ନଟ ପାଇଁ ଦୀର୍ଘଦିନ ହେଲା ଆବେଦନ କରିଥିଲି। ଉକ୍ତ ବିଷୟ କ'ଣ ହେଲା ବୋଲି ପଚାରିବାକୁ ବ୍ରହ୍ମପୁର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇଥିଲି। କିନ୍ତୁ ତହସିଲଦାର ଓ ଅତିରିକ୍ତ ତହସିଲଦାର ଉଭୟେ ଅନୁପସ୍ଥିତ ଥିବା ଅନ୍ୟ କର୍ମଚାରୀମାନଙ୍କଠାରୁ ଜାଣିବାକୁ ପାଇଲି ଉଚ୍ଚ କର୍ତ୍ତୃପକ୍ଷ ଆସିଲେ ଯାହା କିଛି ହେବ ବୋଲି କହିବାରୁ ନିରାଶରେ ଫେରିଯାଉଛି। ଏଭଳି ଅଚଳାବସ୍ଥା ଶୀଘ୍ର ଦୂର ହେଉ।

- କେଦାର ସାହୁ, ବ୍ରହ୍ମପୁର, ଗଞ୍ଜାମ

## ଜରୁରୀ କାର୍ଯ୍ୟରେ ବିଳମ୍ବ



ବାଲେଶ୍ୱର ତହସିଲ କାର୍ଯ୍ୟାଳୟକୁ ଗୁରୁବାର ମୁଁ ମୋର ସମ୍ପର୍କୀୟଙ୍କ ସାର୍ଟିଫିକେଟ୍ ପାଇଁ ଆସିଥିଲି। କଲେଜରେ ଆଡମିଶନ୍ ପାଇଁ ଅନଲାଇନ୍‌ରେ ସାର୍ଟିଫିକେଟ୍ ପାଇଁ ଆବେଦନ କରିଥିଲି। ସାର୍ଟିଫିକେଟ୍ ପାଇବାରେ ବିଳମ୍ବ ହେଉଥିବାରୁ ତହସିଲଦାରଙ୍କୁ ଦେଖା କରିବାର ଥିଲା। ହେଲେ ସେ ଅନୁପସ୍ଥିତ ଥିବାରୁ ବାଧ ହୋଇ ଫେରିଯାଉଛି। ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଲେ ମୋ ଭଳି ଜରୁରୀ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ଅଯଥା ହଇରାଣ ହେବେ ନାହିଁ।

- ଅର୍ଜୁନ କୁମାର ଜେନା, ବୁଆଁଳ, ବାଲେଶ୍ୱର

## ଜମି ବିକ୍ରି କରିପାରୁନାହିଁ



ଅର୍ଥ ଆବଶ୍ୟକ ଥିବାରୁ ଜମି ବିକ୍ରି ପାଇଁ ସବ୍‌ରେଜେଷ୍ଟ୍ରି ଅଫିସ୍‌କୁ ଆସିଥିଲି। ଅଧିକାରୀ ନ ଥିବାରୁ କିଛି କାମ ହୋଇପାରୁନାହିଁ। ଜମି ବିକ୍ରିବଟା ନ ହୋଇପାରିବାରୁ ଅର୍ଥ ପାଇଁ ହଇରାଣ ହେବାକୁ ପଡୁଛି। ଅଫିସରଙ୍କ ସମୂହ ଛୁଟି ଲୋକଙ୍କୁ ସେବା ଦେବାରେ ଅନ୍ତରାୟ ସୃଷ୍ଟି କରିଛି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରୁଛି।

- ପ୍ରଦୀପ ମହାନ୍ତି, ହରିପୁର, ବାଲେଶ୍ୱର

## ପିଲାଙ୍କ ଆଡ୍‌ମିଶନରେ ସମସ୍ୟା ହେବ



ମୁଁ ରାଉରକେଲା ତହସିଲ ଅଫିସରେ ରୋଜଗାର ପ୍ରମାଣପତ୍ର ପାଇଁ ଆବେଦନ କରିଥିଲି। ୩ଦିନ ହେଲାଣି ଏଥିପାଇଁ ଅଫିସ୍‌କୁ ଧାଁଧପଡ଼ କରୁଛି। ମାତ୍ର ଓଏଏସ୍ ଅଫିସରମାନଙ୍କ ପ୍ରତିବାଦ ଚାଲିଥିବା କହି ତହସିଲ ଅଫିସ୍‌ରେ ପ୍ରମାଣପତ୍ର ଦେଉନାହାନ୍ତି। ଫଳରେ ବାଧହୋଇ ବାରମ୍ବାର ଫେରିବାକୁ ପଡୁଛି। ଠିକ୍ ସମୟରେ ପ୍ରମାଣପତ୍ର ନ ମିଳିଲେ ପିଲାଙ୍କ ଆଡ୍‌ମିଶନରେ ସମସ୍ୟା ହେବ। ସରକାର ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ ଜନସାଧାରଣ ବିବିଧ ସମସ୍ୟାରେ ଛନ୍ଦି ହୋଇଯିବେ।

- ଶ୍ରୀକାନ୍ତ ବାରିକ, ମନଟୋଲା, ରାଉରକେଲା

## ଖର୍ଚ୍ଚାନ୍ତ ହେଲୁ, ହଇରାଣ ହୋଇ ଫେରିଲୁ



ଜମି ବିବାଦ ଶୁଣାଣି ଥିବାରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ସଦର ଉପଜିଲାପାଳଙ୍କ କୋର୍ଟରେ ଉପସ୍ଥିତ ରହିବାକୁ ନୋଟିସ ମିଳିଥିଲା। ସେଥିପାଇଁ ମା', ଭଉଣୀ ଏବଂ ବଡଭାଇଙ୍କ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆସିଥିଲୁ। ହେଲେ ଉପଜିଲାପାଳ ଉପସ୍ଥିତ ନ ଥିଲେ। ଦୀର୍ଘସମୟ ଅପେକ୍ଷା କରିବା ପରେ କାର୍ଯ୍ୟାଳୟର ଜଣେ କିରାଣିଙ୍କୁ ପଚାରିବାରୁ ଦସ୍ତଖତ କରି ପରବର୍ତ୍ତୀ ଶୁଣାଣିରେ ଉପସ୍ଥିତ ରହିବାକୁ ସେ କହିଲେ। ଅଯଥାରେ ଖର୍ଚ୍ଚାନ୍ତ ହେଲୁ, ହଇରାଣ ହୋଇ ଫେରିବାକୁ ବାଧ ହେଉଛୁ।

- ଭାନୁ କାଲେତ, ମିର୍ଗାମୁଣ୍ଡା, ମାନେଶ୍ୱର, ସମ୍ବଲପୁର

## ଆନ୍ଦୋଳନ ଯୋଗୁ ଭୂମିହୀନ ପ୍ରମାଣପତ୍ର ମିଳୁନି



ମୁଁ ଜଣେ ଭୂମିହୀନ। ଆବାସ ଯୋଜନାରେ ଘରଟିଏ ପାଇଁ ଆବେଦନ କରିବାକୁ କାଗଜପତ୍ର କରିସାରିଛି। ବଲାଙ୍ଗୀର ତହସିଲ ଅଫିସରୁ ମୋର ଭୂମିହୀନ ପ୍ରମାଣ ପତ୍ର ଆଣିବା କଥା। ଏଥିପାଇଁ ଗତ ୨ ଦିନ ହେଲା ବଲାଙ୍ଗୀର ତହସିଲ ଅଫିସକୁ ଆସୁଛି। ଏଠାରେ ଅଫିସରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବାରୁ ଭୂମିହୀନ ପ୍ରମାଣପତ୍ର ପାଇପାରୁନାହିଁ। କେବେ ଅଫିସରମାନେ ଅଫିସରେ ବସିବେ ଜଣାନାହିଁ ବୋଲି କହୁଛନ୍ତି। ଫଳରେ ନିରାଶ ହୋଇ ଫେରିଯାଉଛି। ପ୍ରତିଦିନ କାମ କଲେ ଘର ଚଳେ। ଏଭଳି ପରିସ୍ଥିତିରେ କାମ ବନ୍ଦ କରି କେତେଦିନ ଅପେକ୍ଷା କରିବାକୁ ପଡିବ ଜଣାପଡୁନାହିଁ। ଏହି ଆନ୍ଦୋଳନ ଯୋଗୁ ମୋ ଭଳି ବହୁ ଗରିବ ଲୋକେ ସାଧାରଣ କାମ ପାଇଁ ଢ଼େର ହଇରାଣ ହେଉଛନ୍ତି।

- ସୁବର୍ଣ୍ଣ ପଟ୍ଟନାୟକ, ହାଟପଦାପଡା, ବଲାଙ୍ଗୀର

## ଲୋକଙ୍କୁ ଠିକ୍ ସେବା ଯୋଗାଇବାକୁ ସରକାର ପଦକ୍ଷେପ ନିଅନ୍ତୁ



ପାଠପଢ଼ା ପାଇଁ ରେସିଡେଣ୍ଟ ପ୍ରମାଣପତ୍ରର ଆବଶ୍ୟକତା ଥିବାରୁ ଆସିଥିଲି। ତହସିଲଦାର ଆନ୍ଦୋଳନରେ ଥିବାରୁ କାମ ହେଉନାହିଁ। ସେମାନେ କେବେ କାର୍ଯ୍ୟରେ ଯୋଗଦେବେ ତାହା ଜଣାନାହିଁ। ତେଣୁ ରେସିଡେଣ୍ଟ ପ୍ରମାଣପତ୍ର କେବେ ମିଳିବ ତାହା ଠିକ୍ ନାହିଁ ବୋଲି ଅଫିସର ଅନ୍ୟ କର୍ମଚାରୀ କହିଛନ୍ତି। ଏବେ ବିଦ୍ୟାଳୟ, କଲେଜରେ ଆଡ୍‌ମିଶନ ସମୟ। ଏହିଭଳି ଆନ୍ଦୋଳନ ଜାରି ରହିଲେ ଅନେକ ଛାତ୍ରୀଛାତ୍ର ଜରୁରୀ ପ୍ରମାଣପତ୍ର ପାଇବାରୁ ବଞ୍ଚିତହେବେ। ତେଣୁ ସରକାର ଲୋକଙ୍କୁ ସେବା ଦେବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରନ୍ତୁ।

- ଏମ୍. ତେଜେଶ୍ୱର ରାଓ, ନବରଙ୍ଗପୁର

## ୧୫ କି.ମି. ଦୂରରୁ ଆସି ନିରାଶରେ ଫେରୁଛୁ



୩ ଦିନ ହେଲା ଜିଲାପାଳଙ୍କ ଅଫିସକୁ ଆସୁଛି। କିନ୍ତୁ ଓଏଏସ୍ ସ୍ତରର ଅଧିକାରୀମାନେ ଛୁଟିରେ ଥିବାରୁ କୌଣସି କାର୍ଯ୍ୟ ହୋଇପାରୁନାହିଁ। ୧୦-୧୫ କି.ମି. ଦୂରରୁ ଆସି କାମ ନ ହେବାରୁ ନିରାଶ ହୋଇ ଫେରିବାକୁ ପଡୁଛି। ଏମିତି ଅନେକ ଲୋକ ଆସି କାମ ନ ହେବାରୁ ଫେରିଯାଉଛନ୍ତି, ସାରା ଦିନର କାମ ଛାଡ଼ି ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରିବାକୁ ପଡୁଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ସରକାର ଲୋକଙ୍କୁ ସୁବିଧା ଓ ସେବା ଯୋଗାଇବାର ବାଟ ବାହାର କରନ୍ତୁ।

- ସୁରୋଜ ଲାଲ, ନବରଙ୍ଗପୁର

## ୨ଦିନ ହେଲା ତହସିଲକୁ ଆସି ନିରାଶରେ ଫେରୁଛି



ମୁଁ ଜଣେ ଆଦିବାସୀ ମହିଳା। ମୋର ଜମିଜମା ସଂକ୍ରାନ୍ତ କାମରେ ମାଲକାନଗିରି ତହସିଲଦାରଙ୍କୁ ଦେଖାକରିବା ପାଇଁ ୨ଦିନ ଧରି ତହସିଲକୁ ଅଫିସକୁ ଆସି ଫେରୁଛି। କିନ୍ତୁ ଗୁରୁବାର ଜାଣିବାକୁ ପାଇଲି ଯେ, ତହସିଲଦାର ବାବୁ ଓଏଏସ୍ ଅଫିସରମାନେ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ ଛୁଟିରେ ଅଛନ୍ତି। ଫଳରେ ମୁଁ ତହସିଲ ଅଫିସକୁ ଆସି ନିରାଶରେ ଫେରୁଛି। ୨ଦିନ ଧରି ମାଲକାନଗିରିରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ମୁଁ ଓଦାରେ ବହୁ ହଇରାଣ ହୋଇଛି।

- ମୁୟେ କବାସୀ, କମଳାପଦର, ମାଲକାନଗିରି

## ଜରୁରୀ କାଗଜପତ୍ର କାମ ହୋଇପାରିଲା ନାହିଁ



ତହସିଲ କାର୍ଯ୍ୟାଳୟରେ ମୋର ଜମିଜମା ସଂକ୍ରାନ୍ତ କାଗଜପତ୍ର କାର୍ଯ୍ୟ ଥିବାରୁ ମୁଁ ପ୍ରବଳ ବର୍ଷାରେ ଏମ୍‌ଭି ୧ ଗ୍ରାମରୁ ଆସି ଦୀର୍ଘ ସମୟ ଅପେକ୍ଷା କରିଥିଲି। କିନ୍ତୁ ତହସିଲ ଅଫିସ କର୍ମଚାରୀମାନଙ୍କଠାରୁ ଜାଣିବାକୁ ପାଇଲି ଯେ, ତହସିଲଦାରବାବୁ ଓଏଏସ୍ ଅଫିସରମାନେ କରିଥିବା ଧର୍ମଘଟରେ ସାମିଲହୋଇ ଛୁଟିରେ ଅଛନ୍ତି। ଫଳରେ ମୋର ଜରୁରୀ କାଗଜପତ୍ର କାମ ହୋଇପାରିଲା ନାହିଁ। କାମ ହୋଇ ନ ପାରିବାରୁ ନିରାଶ ହୋଇ ଘରକୁ ଫେରୁଛି।

- ଅନିତା ଦେ, ଏମ୍‌ଭି ୧ ଗ୍ରାମ, ମାଲକାନଗିରି

## ଆୟ ପ୍ରମାଣପତ୍ର ମିଳିଲା ନାହିଁ



ଆମ ୱାର୍ଡର ଜଣେ ମହିଳା ସରିତା ଝୋଡ଼ିଆଙ୍କ ଆୟ ପ୍ରମାଣପତ୍ର ପାଇଁ ତାଙ୍କୁ ନେଇ ଗୁରୁବାର ରାୟଗଡ଼ା ତହସିଲ କାର୍ଯ୍ୟାଳୟକୁ ଆସିଥିଲି। କିନ୍ତୁ ସେଠାରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ଉପସ୍ଥିତ ନ ଥିବାରୁ ତାହା ଅନୁମୋଦିତ ହୋଇପାରିନାହିଁ। ୩ ଦିନ ହେଲା ଓଏଏସ୍ ସଂଘ ସାମୂହିକ ଛୁଟିରେ ଥିବାରୁ ବିଧବା, ବୃଦ୍ଧାବୃଦ୍ଧ ଆଦି ଆୟ ପ୍ରମାଣପତ୍ର ନ ପାଇବା ଯୋଗୁ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି।

- ସୁକାନ୍ତ ପରିଡ଼ା, ରାୟଗଡ଼ା ପୌର ପରିଷଦ କାଉନସିଲର

## ତହସିଲ ଅଫିସ୍‌ରୁ ନିରାଶରେ ଫେରିଲୁ



ଜମି କାଗଜପତ୍ର କାର୍ଯ୍ୟ ପାଇଁ ଭାଇଙ୍କ ସହ ପାରଳାଖେମୁଣ୍ଡି ତହସିଲ ଅଫିସକୁ ଦିନ ୧୧ଟାରେ ଆସିଥିଲି। ଅଫିସ ଖୋଲାଥିଲା, ହେଲେ ତହସିଲଦାର ନ ଥିଲେ। ପ୍ରାୟ ୩/୪ ଘଣ୍ଟା ଅପେକ୍ଷା କରିଲୁ। କୌଣସି କାମ ହୋଇ ନ ପାରିବାରୁ ନିରାଶରେ ଫେରିଲୁ। ମୋ ସହ ଆଉ କେତେଜଣ ମଧ କିଛି କାମ ନ କରିପାରି ଫେରିଯାଇଛନ୍ତି। ରାଜ୍ୟ ସରକାର ଏ ଦିଗରେ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟା ସମାଧାନର ବାଟ ବାହାର କରନ୍ତୁ। ନଚେତ୍ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ହଇରାଣ ହେବେ।


- ଗଣେଶ ପାତ୍ର, ଗୋଷାଣି ଗ୍ରାମ, ଗଜପତି

## ଅଭିଯୋଗ ଶୁଣିବାକୁ କେହି ନାହାନ୍ତି



ଆମ ଅଞ୍ଚଳରେ ଦୀର୍ଘଦିନ ହେବ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ବିଏମ୍‌ସିର ୧୯୨୯କୁ କଲ୍ କରି ଅଭିଯୋଗ କରି ହାଲିଆ ହେଲୁଣି। ମୁଁ ସ୍ଥାନୀୟ କେତେଜଣ ବାସିନ୍ଦା ବିଏମ୍‌ସିରେ ଅଭିଯୋଗ କରିବାକୁ ଆସିଥିଲୁ। ମାତ୍ର ସେଠାକୁ ଗଲାବେଳକୁ କେହି ନାହାନ୍ତି। କେତେଜଣ ଅଧିକାରୀ ଚାମ୍ବର ଛାଡି ବାହାରେ ବୁଲୁଥିବା ଦେଖିଲୁ। ବହୁ ସମୟ ଅପେକ୍ଷା କରିବା ପରେ ନିରାଶରେ ଫେରିଲୁ।

- ରଞ୍ଜିତ୍ ବେହେରା, ଭୁବନେଶ୍ୱର




## ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷାଫଳ ପ୍ରକାଶ

**କଟକ,୩।୭(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା (ଅଷ୍ଟମ ଷ୍ଟାଣ୍ଡାର୍ଡ) ଫଳ ପ୍ରକାଶିତ ହୋଇଛି। ଏଥିରେ ୭୯.୨୨% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏ ନେଇ ବୋର୍ଡ ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ଗତ ମେ’ ୨୧ରେ ସମଗ୍ର ରାଜ୍ୟର ୮ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ମୋଟ ୧୫୨୫ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୦୮ଜଣ ପରୀକ୍ଷା ଦେଇଥିବା ବେଳେ ୭୮ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଏଥିସହ ୨୩୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ ନଂ. ଓ ନାମ ପ୍ରଦାନ କରି ନିଜ ଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।

## ବଜ୍ରପାତରେ ୨ ଯୁବକ ମୃତ

**ଝାରସୁଗୁଡ଼ା,୩।୭ (ଆଶିଷ ରଞ୍ଜନ ଦାଶ)**

ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବଞ୍ଜାରୀ ଅଞ୍ଚଳର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ଗୁରୁବାର ଭୋର ୪ଟାରେ କୁରେବଗାସ୍ଥିତ ପାଉଁଶ ପୋଖରୀରୁ ସେମାନେ କିଛି ପଦାର୍ଥ କାଢୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବଡ଼ମାଲ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




# ଶବରୀ ଭବନ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

**■ ଶବରୀ ସାଂସ୍କୃତିକ ଭବନର ଉନ୍ନତୀକରଣ ପାଇଁ ଖର୍ଚ୍ଚ ହେବ ୨ କୋଟି**

**■ ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ: ମୋହନ**

**ଭୁବନେଶ୍ୱର,୩।୭ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥ ଆଇଆର୍‌ସି ଭିଲେଜଠାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲା ନିମନ୍ତେ ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କରିବା ସହ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତୀକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ। ଆଦିବାସୀ ଭଉଣୀ, ଭାଇମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନ ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭଉଣୀ, ଭାଇମାନେ ଯେତେବେଳେ ଆସିବେ ଏଠାରେ ନିଜ ଘର ପରି ଅନୁଭବ କରିବେ। ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ନୁହେଁ, ଏହା ହେଉଛି ଏକ ଜୀବନଶୈଳୀ, ଏକ ଆତ୍ମା। ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାରକରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସେ ଆହୁରି କହିଛନ୍ତି, ରାଜ୍ୟର ୨୪% ଜନଜାତି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ ‘୩୬ ପାଇଁ ୩୬’ ବୋଲି କୁହାଯାଉଛି। ରାଜ୍ୟର ଡବଲ ଇଞ୍ଜିନ ସରକାର ୧ ବର୍ଷର ସଫଳ ଯାତ୍ରା ପୂରଣକରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ, ନୂତନ ଶକ୍ତି ସହିତ ଜାରି ରଖିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କଫୋର୍ସ ଗଠନକରି ୨୦୦ କୋଟି ଲେଖାଏଁର ଅନୁଦାନ ପ୍ରଦାନ କରିଛନ୍ତି। ଏଥିରୁ ଦକ୍ଷିଣ ଓଡ଼ିଶା ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲାର ବିକାଶର ଗତି ଦ୍ରୁତତର ହେବ। ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁଦାୟିତ୍ୱ ରହିବ ବୋଲି ସେ କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ମୁନା ଖାଁ, ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତାରାପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପୁ ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ କାଡ୍ରାକା ଅପଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ପୁଅ, ବୋହୂଙ୍କ ଜୀବନ ଗଲା

**ବାପାଙ୍କ ଶବ ଦାହ କରିବାକୁ ଯାଉଥିଲେ**

**ବୌଦ୍ଧ/ହରଭଙ୍ଗା/ନୟାଗଡ଼/ଗଣିଆ,୩।୭ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ/ଲୋକନାଥ ମିଶ୍ର/ ସନ୍ତୋଷ କୁମାର ପ୍ରଧାନ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାମ୍ବିକଟାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାପାଙ୍କ ଶବଦାହ କରିବାକୁ କାର୍‌ରେ ଗାଁକୁ ଯାଉଥିବା ବେଳେ ଛିଡା ହୋଇଥିବା ଏକ ଟ୍ରକ୍‌ରେ ପିଟି ହୋଇଯିବାରୁ ପୁଅବୋହୂଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ନୟାଗଡ଼ ଜିଲା ଗଣିଆ ପାଟଣାସାହିର ରାଜକିଶୋର ସାହୁ (୫୫) ଏବଂ ସ୍ତ୍ରୀ ମୀନାକ୍ଷୀ ସାହୁ(୫୦)।


ଦୁର୍ଘଟଣାଗ୍ରସ୍ତ ଗାଡ଼ି

ରାଜକିଶୋର ସାହୁ

ମୀନାକ୍ଷୀ ସାହୁ

ସୂଚନା ମୁତାବକ, ରାଜକିଶୋର ନୂଆପଡା ଜିଲା କୁରୁମ ଭୋଇ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ରାତି ୯ଟାରେ ତାଙ୍କ ବାପା ବଲ୍ଲଭ ସାହୁ(୮୬)ଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରାଜକିଶୋର ବାପାଙ୍କ ଶବଦାହ କରିବାକୁ ସ୍ତ୍ରୀ ମୀନାକ୍ଷୀଙ୍କୁ ଧରି ଏକ କାର୍ ଯୋଗେ ନୂଆପଡାରୁ ନିଜ ଗାଁକୁ ଯାଉଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାମ୍ବିକଟାଠାରେ ଗୁରୁବାର ଭୋର୍ ୬ଟାରେ ରାସ୍ତାକଡ଼ରେ ଛିଡା ହୋଇଥିବା ଏକ ଟ୍ରକ୍‌ରେ କାର୍‌ଟି ମୁହାଁମୁହିଁ ପିଟି ହୋଇଥିଲା। ସ୍ଥାନୀୟ ଲୋକେ ରାଜକିଶୋର ଓ ମିନାରାଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ରାଜକିଶୋର ଓ ମୀନାକ୍ଷୀ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବଲ୍ଲଭଙ୍କ ମୃତଦେହକୁ ଗୁରୁବାର ଭୋର୍ ସମୟରେ ଦାହ କରାଇଦେଇଥିଲେ। ପୁଅବୋହୂଙ୍କ ମୃତ୍ୟୁ ଖବର ଘରେ ପହଞ୍ଚିଲା ବେଳକୁ ବାପାଙ୍କ ମୃତଦେହ ସତ୍କାର ହୋଇସାରିଥିଲା। ବୌଦ୍ଧରେ ରାଜକିଶୋର ଓ ମୀନାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁକୁ ଆସିବା ପରେ ପୁରୀ ନେଇ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ମୃତ ରାଜକିଶୋରଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରାଜକିଶୋର ନୂଆପଡାରେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ଆଉ ମାତ୍ର ୪ବର୍ଷ ପରେ ଅବସର ନେଇଥାନ୍ତେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଷ୍ଟ କୋଷ୍ଟ ରେଲୱେ ପକ୍ଷରୁ ବିଭିନ୍ନ ଦାବିନେଇ ବିକ୍ଷୋଭ, ସ୍ଥାନ: ରେଲ୍‌ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆମ କଳାକାର ଡ୍ୟାମ୍ବର ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ:ପୂର୍ବାହ୍ନ ୧୧ଟା ୩୦ ।
- ସଙ୍ଗୀତା ପ୍ରତିଭା ସମାରୋହ ଏବଂ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ବିଦ୍ୟାକନକ ସୃଜନାନୁଷ୍ଠାନ ଓ ସମାଜର ମିଳିତ ସହଯୋଗରେ ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପଣ୍ଡିତଙ୍କ ଦ୍ୱାରା ଜଗନ୍ନାଥ ଅଷ୍ଟକମ୍, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୩ଟା ୩୦ ।
- କୀର୍ତ୍ତନ/ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୪ଟା ।
- ଦୀପ ଦୀପାବଳି କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦ ।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୭ଟା ୩୦ ।
- କଳକୀ ବେଶ ଦର୍ଶନ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା ୩୦ ।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫ ।

## କେନ୍ଦୁଝର
- ବନ ମହୋତ୍ସବ ପାଳନ ଓ ବୃକ୍ଷରୋପଣ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ୱାର୍ଡ ନଂ–୧୫, ବଡବିଲ, ସମୟ: ପୂର୍ବାହ୍ନ ୯ଟା ୩୦ ।

## ମୟୂରଭଞ୍ଜ
- ମହାପ୍ରଭୁଙ୍କ ବେଶ ଦର୍ଶନ,ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୭ଟା ।

## ଗଞ୍ଜାମ
- ୭୯ତମ ବନମହୋତ୍ସବ ପାଳିତ, ସ୍ଥାନ: ନଗରବନ ଚାରିମଇଲି ଆସିକା, ସମୟ: ପୂର୍ବାହ୍ନ ୧୦ଟା ।
- ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ,ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଜଗନ୍ନାଥ ଭଜନ ସମାରୋହ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୭ ଟା ।

## ଜଗତସିଂହପୁର
- ଆମଦାନୀ ରପ୍ତାନୀକାରୀ ସଂସ୍ଥାଙ୍କୁ ନେଇ ରାମ୍ପ ସ୍କିମ କର୍ମଶାଳା, ସ୍ଥାନ: ହୋଟେଲ ଏମ୍ପାୟର୍ସ, କଲେଜ ରୋଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।

## କେନ୍ଦ୍ରାପଡ଼ା
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର
- ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳନ,ସ୍ଥାନ : ଯାଜପୁର ନନ୍ଦିପୁର ସରକାରୀ ହାଇସ୍କୁଲ ପରିସର, ସମୟ : ପୂର୍ବାହ୍ନ ୧୧ଟା ।
- ବ୍ୟାସନଗର ସ୍ୱୟଂଶାସିତ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୧୦ଟା ।
- ଧର୍ମଶାଳା ପଞ୍ଚାୟତ ସମିତିର ୧୦ମ ସାଧାରଣ ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ଅପରାହ୍ନ ୩ଟା ।
- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା' ମନ୍ଦିର ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପଠାଣୀ ସାମନ୍ତ ନର୍ସିଂ ସ୍କୁଲ ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା ।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ବେଶରେ ଗରୁଡ ଗୋବିନ୍ଦ ବେଶ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ ଅବସରରେ ପ୍ରସାଦ ବଣ୍ଟନ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ ।
- ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ, ସ୍ଥାନ:ଖଣ୍ଡପଡ଼ା ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ ।

## ରାୟଗଡ଼ା
- ମହାବିଦ୍ୟାଳୟ ୫୯ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଉଚ୍ଚଶିକ୍ଷା, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଭାଜପା ନେତାଙ୍କ ସହ ବୈଠକ, ସ୍ଥାନ: ଭାଜପା ଦଳୀୟ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ନବରଙ୍ଗପୁର
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗ୍ଲେଜ୍, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଉଦିଆତାରା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଡିଏଭି ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ।
- ଶାବର ଶ୍ରୀକ୍ଷେତ୍ରରେ ଶ୍ରୀ ଜିଉଙ୍କ କଳକୀ ଅବତାର, ସ୍ଥାନ: ଆଡ଼ପ ମଣ୍ଡପ, ସମୟ : ଅପରାହ୍ନ ୫ ଟା ।

## ମାଲକାନଗିରି
- ମାଥିଲି ବ୍ଲକରେ ରେଳ ଜମି ଅଧିଗ୍ରହଣ ମୂଲ୍ୟ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ:ମାଥିଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦ ।
- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ସ୍ଥାପନ, ମୂର୍ତ୍ତି ସ୍ଥାପନ, ସ୍ଥାନ: ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦ ।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଆମଷଢା କଟାପାଲି, ସମୟ: ଅପରାହ୍ନ ୫ଟା ।
- ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି ଜୁହାର ଛକ, ସମୟ: ଅପରାହ୍ନ ୫ଟା ୩୦ ।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପରଧିଆପାଲି, ସମୟ: ସନ୍ଧ୍ୟା ୬ଟା ।
- ସାଓଲିନ କୁଙ୍ଗ ଫୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ରମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ ଅଇଁଠାପାଲିସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ବ୍ରାହ୍ମଣୀଜୋରରେ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବ୍ରାହ୍ମଣୀଜୋର, ଦେଓଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ସିପିଆଇର ଜିଲା ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ–ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଧର୍ମଗଡ଼ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ଗଣବ୍ରତ,ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ସକାଳ ୭ଟା ।
- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ କଳକୀ ଅବତାର, ସ୍ଥାନ: ମାଉସୀମା ମନ୍ଦିର , ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼
- ୭୬ତମ ବନ ମହୋତ୍ସବ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣୀ ବ୍ଲକର ସାମନ୍ତରାପାଳି ଗ୍ରାମ, ସମୟ: ସକାଳ ୮ଟା ୪୫ ।
- ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ନୂଆ ବାଲିରୋଇ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ଗରିବ କଲ୍ୟାଣ ଓ ବିକାଶ ସମାବେଶ, ସ୍ଥାନ: ବଡ଼ ବଗିଚା, ପ୍ରଧାନପାଟ ରୋଡ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ, ସ୍ଥାନ: ସିଲାଟି ଡୁଙ୍ଗୁରି ରାସ୍ତା, ବିନିକା, ସମୟ:ଅପରାହ୍ନ ୪ଟା ।
- ବନ ମହୋତ୍ସବ ଅବସରରେ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ବ୍ଲକର ସିଲାଟି ଡୁଙ୍ଗୁରି ରାସ୍ତା, ସମୟ: ଅପରାହ୍ନ ୪ଟା ।
- ତରଭା ରଥଯାତ୍ରା ଅବସରରେ ମାଉସୀ ମା' ମନ୍ଦିରରେ ଦଧିବାମନ ଜଗନ୍ନାଥଙ୍କ ବଳରାମ ଅବତାର, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

# ୭ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)**

ଗାଙ୍ଗେୟ ପଶ୍ଚିମବଙ୍ଗ ସଂଲଗ୍ନ ଉତ୍ତର ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ସୁନ୍ଦରଗଡ଼ରେ ସର୍ବାଧିକ ୪୩.୪ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୪.୨ ମିମି, ବୌଦ୍ଧରେ ୧୫ ମିମି ଓ ନବରଙ୍ଗପୁରରେ ୫.୫ ମିମି ବର୍ଷା ହୋଇଛି। ଆସନ୍ତା ୭ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଅନ୍ୟ କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଶୁକ୍ରବାର କେତେକ ଜିଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଉକ୍ତ ଜିଲାଗୁଡିକ ହେଲା ବରଗଡ, ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ। ସେହିପରି ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ରାୟଗଡା, ଗଜପତି ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ବିଜେଡି ପ୍ରରୋଚନାରେ ଓଏଏସ୍ ସଂଘର ଆନ୍ଦୋଳନ: ପ୍ରଦୀପ ପୁରୋହିତ

**ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ପରିସର ମାଡ଼ ପ୍ରସଙ୍ଗକୁ ନେଇ ବିଜେଡି ରାଜନୀତି କରୁଛି ବୋଲି ଭାଜପା ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି। ଗୁରୁବାର ସାଂସଦ ଗଣମାଧ୍ୟମକୁ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସରକାରଙ୍କ ମୁଣ୍ଡ କିପରି ତଳକୁ ନଇଁବ ସେଥିପାଇଁ ବିଜେଡି ପୂରା ଦମ୍‌ରେ ଲାଗି ପଡ଼ିଛି। ଅତିରିକ୍ତ ଆୟୁକ୍ତଙ୍କୁ ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣାକୁ ନିନ୍ଦା କରୁଛି। ସରକାର ସମ୍ବେଦନଶୀଳ ଅଛନ୍ତି। ଏହି ଘଟଣାରେ ସରକାର ୫ଜଣଙ୍କୁ ଗିରଫ କରି ସାରିଲେଣି। ସଂଘ ଯେଉଁ ପ୍ରଚ୍ଛଦ ପଟ୍ଟର ମୁଖ୍ୟଙ୍କ କଥା କହୁଛି, ତାହା କେବଳ ପ୍ରାୟୋଜିତ। ଏସବୁକୁ ମଧ୍ୟ ରାଜ୍ୟ ସରକାର ଦୃଢ଼ତାର ସହ ବିଚାର କରୁଛନ୍ତି। ଯିଏ ଦୋଷୀ ସିଏ ନିଶ୍ଚିତ ଦଣ୍ଡ ପାଇବ। ହେଲେ ବିଜେଡି ଏହାକୁ ନେଇ ଯେଉଁ ରାଜନୀତି କରୁଛି ତାହାକୁ ରାଜ୍ୟବାସୀ କ୍ଷମା ଦେବନାହିଁ ବୋଲି ସାଂସଦ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ମରିଗଲେ ଆନନ୍ଦ କାହିଁ ?**
**ଚାନ୍ଦ ବୁଡ଼ିଗଲେ ଚାନ୍ଦିନୀ କାହିଁ ?**

ଯେମିତି ମନ ବିରସ ହେଲେ ଖୁସି ଉଭେଇଯାଏ ସେମିତି ଚାନ୍ଦ ନ ଥିଲେ ରାତି ଅନ୍ଧାର ଲାଗେ । ମନ ଖୁସିଥିଲେ ଦୁନିଆର ସବୁ ସୁଖ ହାତ ମୁଠାରେ । ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ମାର୍ଜାର ଯେବେ କରୁଥିବ କଳି,**
**ଆଗକୁ ପାଦେ ନ ଯିବଟି ଚଳି।**

ଅନୁକୂଳ କରି ଘରୁ ବାହାରିବା ସମୟରେ ଆଗରେ ବିଲେଇ କଳି କରୁଥିବାର ଦେଖିଲେ ଅନୁକୂଳ ବିଗିଡି ଯାଏ । ଏପରି ସ୍ଥଳେ ଆଗକୁ ନ ଯିବା ଭଲ ବୋଲି ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁକ୍ତ୩ ସ୍ପଟ୍ ନାମଲେଖା ପାଇଁ ୭ରୁ ଆବେଦନ

**ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)**

## ୧୦ରୁ ପ୍ରଥମ ବର୍ଷ ପାଠପଢ଼ା

ଚଳିତବର୍ଷ ଯୁକ୍ତ୩ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଆସନ୍ତା ୭ତାରିଖଠାରୁ ସ୍ପଟ୍ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ସମସ୍ତ ପର୍ଯ୍ୟାୟରେ ନାମଲେଖା ସୁଯୋଗ ପାଇନାହାନ୍ତି କିମ୍ବା ନିଜ ମନ ପସନ୍ଦର କଲେଜରେ ନାମ ଲେଖାଇ ପାରିନାହାନ୍ତି ସେମାନେ ଏହାର ସୁଯୋଗ ନେଇପାରିବେ। ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ସମେତ ସେଲ୍ଫ ଫାଇନାନ୍ସ ଏବଂ ସଂସ୍କୃତ କଲେଜର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇପାରିବେ। ଆସନ୍ତା ୭ ତାରିଖ ଅପରାହ୍ନ ୨ଟାରୁ ୧୦ ତାରିଖ ରାତି ୧୧ଟା ୪୫ ଯାଏ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ ଅତିକମ୍‌ରେ ଗୋଟିଏ କଲେଜ କିମ୍ବା ତା'ଠାରୁ ଅଧିକର କଲେଜକୁ ଚୟନ କରିପାରିବେ। ୧୨ ତାରିଖ ଅପରାହ୍ନ ୨ଟାରେ ମେରିଟ ଲିଷ୍ଟ ଇ–ସ୍ପେସ ମାଧ୍ୟରେ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ୧୪ ତାରିଖରେ ନୋଟିସ୍ ବୋର୍ଡ ଏବଂ ୱେବ୍ ସାଇଟରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ୧୫ ତାରିଖରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଯେଉଁମାନେ ୱେଟିଂ ଲିଷ୍ଟରେ ଥିବେ ସେମାନେ ୧୬ରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଜୁଲାଇ ୧୦ରୁ ଯୁକ୍ତ ୩ର ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାରଙ୍କ ପାଖରେ ପ୍ଲାନ୍ ୧, ୨, ୩ ଅଛି: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)**

ସରକାରଙ୍କ ପାଖରେ ଗୋଟିଏ ନୁହେଁ, ପ୍ଲାନ ୧, ୨, ୩ ରହିଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗୁରୁବାର ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ ଆୟୁକ୍ତଙ୍କୁ ମାଡ଼ ଘଟଣାକୁ ନେଇ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସଂଘ ଏବଂ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍)ସଂଘ ପକ୍ଷରୁ ସମୂହ ଛୁଟି ଆନ୍ଦୋଳନ ଡାକରା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ସବୁ ସମସ୍ୟାର ସମାଧାନ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ନିକଟରେ ଅତିରିକ୍ତ ତହସିଲଦାରଙ୍କୁ ମାଡ଼ ବେଳେ କେଉଁ ଅଧିକାରୀ ସାମ୍ନାକୁ ଆସିଥିଲେ, ବରଂ ମୁଁ ନିଜେ ସାମ୍ନାକୁ ଆସିଥିଲି। ଆମ ଉପରେ ଅଧିକାରୀମାନେ ଭରସା ରଖନ୍ତୁ। ଯେଉଁ ଅଫିସର ଧର୍ମଘଟରେ ଅଛନ୍ତି, ତାଙ୍କ କଷ୍ଟ ଓ ଭାବନା ସହ ସରକାର ଅଛନ୍ତି। ବିଏମ୍‌ସି ଘଟଣାରେ ୫ ଜଣ ଗିରଫ ହୋଇ ସାରିଲେଣି, ସେମାନେ ଦଳରୁ ମଧ୍ୟ ନିଲମ୍ବନ ହୋଇଛନ୍ତି। ବିନା ପ୍ରମାଣରେ ପ୍ରଚ୍ଛଦ ପଟ୍ଟର ବ୍ୟକ୍ତି କିଏ ଗିରଫ ହୁଅନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି, ଏହି ମାମଲାକୁ କୋର୍ଟ ଗ୍ରହଣ କରିବେ ନାହିଁ। ଯେଉଁମାନଙ୍କ ଭିଡିଓ ଫୁଟେଜ୍ ଅଛି, ସେମାନେ ଗିରଫ ହୋଇ ସାରିଛନ୍ତି। ତେବେ ଏହାର ପ୍ରଚ୍ଛଦ ପଟ୍ଟରେ କିଏ ରହିଛନ୍ତି ତାକୁ ଖୋଜିବାକୁ ଟିକେ ସମୟ ଲାଗିବ। ଆଇନରୁ କେହି ବର୍ତ୍ତିବେ ନାହିଁ। ସଂପ୍ରତି ମହାପ୍ରଭୁଙ୍କ ରଥଯାତ୍ରା ପର୍ବ ଚାଲୁଥିବାବେଳେ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମୟରେ ସରକାରଙ୍କୁ ଅଧିକାରୀମାନେ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୭ରେ ବି.ଏଡ୍., ଏମ୍.ଏଡ୍. ଉତ୍ତର ପ୍ରକାଶନ

## ପ୍ରତିଟି ପ୍ରଶ୍ନ ପାଇଁ ୨୦୦ଟଙ୍କା ଦେବାକୁ ପଡ଼ିବ

**ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)**

ଦୁଇବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ୍.ଏଡ୍ ପ୍ରବେଶିକା ପରୀକ୍ଷା–୨୦୨୫ର ସାମୟିକ ଉତ୍ତର ପ୍ରକାଶନ ବା ଆନ୍‌ସାର୍ କି' ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ପ୍ରଦାନ କରାଯାଇଥିବା ମାର୍କକୁ ନେଇ କେତେଜଣ ପରୀକ୍ଷାର୍ଥୀ ଅସମ୍ମତି ଓ ଅଭିଯୋଗ ଆଣିଥିଲେ। ଏହାକୁ ଭିତ୍ତିକରି ଅସମ୍ମତିର ସମାଧାନ ସହ ପ୍ରକ୍ରିୟାରେ ପ୍ରତିପାଳିତ ହେଉଥିବା ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ସାମୟିକ ଉତ୍ତର ପ୍ରକାଶନ କରାଯିବ। ଆବେଦନକାରୀମାନେ ରାଜ୍ୟ ପ୍ରବରଣ ମଣ୍ଡଳୀ ପୋର୍ଟାଲ https://ssbodisha.ac.in/ରେ ପ୍ରକାଶନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆବେଦନକାରୀମାନେ ତାଙ୍କ ଉତ୍ତରଗୁଡ଼ିକୁ ଯାଞ୍ଚ କରିପାରିବେ। ୮ତାରିଖ ପୂର୍ବାହ୍ନ ୧୧ଟାରୁ ୧୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନକାରୀମାନେ ନିଜ ଅଭିଯୋଗ ସାମ୍‌ସ ପୋର୍ଟାଲ https://www.samsodisha.gov.in/ ମାଧ୍ୟମରେ ଦାଖଲ କରିପାରିବେ। ପ୍ରତିଟି ପ୍ରଶ୍ନ ପାଇଁ ୨୦୦ଟଙ୍କା ଲେଖାଏ ପଇଠ କରିବାକୁ ପଡ଼ିବ ବୋଲି ଏସ୍‌ଏସ୍‌ବି ସଭାପତି କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରବେଶିକା ପରୀକ୍ଷା ଓ ନାମଲେଖା ପାଇଁ ହୋଇଥିବା ଯୋଗ୍ୟତା ଚୟନ ତାଲିକାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଅଧିକ ମାର୍କ ପାଇବାକୁ ବହୁ ପରୀକ୍ଷାର୍ଥୀ ଆଶାବାଦୀ ଥିବାବେଳେ ସ୍କୋର୍ କାର୍ଡରେ କିନ୍ତୁ କମ୍ ମାର୍କ ରହିଥିଲା। ଏସ୍‌ଏସ୍‌ବି ପକ୍ଷରୁ ଉତ୍ତର ନ ବାହାର କରି ସିଧାସଳଖ ସ୍କୋର୍ କାର୍ଡ ପ୍ରକାଶ କରାଯାଇଥିବାରୁ ଉଚ୍ଚଶିକ୍ଷା ବିଭାଗର ଅଭିଯୋଗ ଶୁଣାଣିରେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ସମୟ ପୂର୍ବରୁ...

ଅଧ୍ୟୟନରେ ପରିସଂଖ୍ୟାନଗତ ବିଶ୍ଳେଷଣ କରାଯାଇଥିଲା। ସେଥିରୁ ୧୩% ପିଲା ପ୍ରିମାଚ୍ୟୁର ଜନ୍ମ ହେଉଥିବା ଏବଂ ୧୭ ପ୍ରତିଶତଙ୍କ ଓଜନ କମ୍ ରହୁଥିବା ଜଣାପଡ଼ିଥିଲା। ପ୍ରତି ୧୦ କ୍ୟୁବିକ୍ ମିଟରରେ ୧୦ ମାଇକ୍ରୋଗ୍ରାମ୍ ପ୍ରଦୂଷଣ ବଢ଼ିଲେ ଜନ୍ମବେଳେ ଶିଶୁଙ୍କ ଓଜନ ହ୍ରାସ ଆହୁରି ୫% ବଢ଼ିବା ଆଶଙ୍କା ରହିଛି। ସେହିପରି ସମୟ ପୂର୍ବରୁ ଜନ୍ମହାର ମଧ୍ୟ ଆହୁରି ୧୨% ବଢ଼ିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ–୫ ଅଧ୍ୟୟନର ୫ ବର୍ଷ ପୂର୍ବରୁ ଜନ୍ମିତ ୧୮% ଶିଶୁଙ୍କ ଓଜନ କମ୍ ରହିଥିବା ସେମାନେ ଜାଣିବାକୁ ପାଇଛନ୍ତି। ସେମାନେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଉତ୍ତର ଭାରତୀୟ ଜିଲାଗୁଡ଼ିକରେ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି।

### ଆନ୍ଦୋଳନ ଜାରି...

କରି ବ୍ଲକ, ସବ୍‌ଡିଭିଜନ, ଜିଲା ଏବଂ ରାଜ୍ୟସ୍ତରରେ ସରକାରୀ କାର୍ଯ୍ୟ ଅଚଳ ହୋଇଯାଇଛି। ଓଏଏସ୍, ଓଆର୍‌ଏସ୍ ଅଧିକାରୀମାନେ କାର୍ଯ୍ୟରେ ଯୋଗ ଦେଉ ନ ଥିବାରୁ ଅଧସ୍ତନ କର୍ମଚାରୀମାନେ ବିଭିନ୍ନ ପ୍ରକାର ମଉଜ ମଜଲିସ୍‌ରେ ସମୟ ବିତାଉଥିବା ଦେଖିବାକୁ ମିଳିଛି।

ଏନେଇ ଗୁରୁବାର ଓଏଏସ୍ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଛନ୍ତି, ସମ୍ପ୍ରତି ବାଲେଶ୍ୱର ସମେତ କେତେକ ଅଞ୍ଚଳରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି, ତାକୁ ଦୃଷ୍ଟିରେ ରଖି ଓଏଏସ୍ ଅଧିକାରୀମାନେ ଉକ୍ତ ଅଞ୍ଚଳରେ ସରକାରୀ କାର୍ଯ୍ୟ କରିବେ। ଏହାସହିତ ରଥଯାତ୍ରାରେ ମଧ୍ୟ ନିଜ କାର୍ଯ୍ୟ ସମ୍ପାଦନ କରିବେ । ମୁଖ୍ୟମନ୍ତ୍ରୀଙ୍କ ଉପରେ ସଂଘର ପୂର୍ଣ୍ଣ ଭରସା ରହିଛି। ସେ ନିଶ୍ଚିତ ଭାବେ ଏହି ସମ୍ବେଦନଶୀଳ ଘଟଣାରେ ସଂଘ ପକ୍ଷରୁ କରାଯାଇଥିବା ତିନିଦଫା ଦାବି ପୂରଣ କରିବେ।

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛୁ ଯେ, ସେ ଅଭିଯୋଗର କିଛି ସମୟ ମଧ୍ୟରେ ୫ଜଣଙ୍କୁ ଗିରଫ କରିଛନ୍ତି। କିନ୍ତୁ ଏହି ଘଟଣା ପଛରେ ଥିବା ଜଗନ୍ନାଥ ପ୍ରଧାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ସଂଘ ଦାବି କରୁଛି। ସରକାରଙ୍କ ନିଷ୍ପତ୍ତିକୁ ଆମେ ଅପେକ୍ଷା କରିଛୁ। ତେବେ ସରକାରଙ୍କ ପକ୍ଷରୁ ମାସ ମାସ ଧରି ତଦନ୍ତ ଚାଲିଲେ ଚଳିବ ନାହିଁ। ତିନିଦିନ ଭିତରେ ତଦନ୍ତ ଶେଷ ହେବା ଦରକାର ବୋଲି ସଭାପତି ଜ୍ୟୋତିରଞ୍ଜନ କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଓଡ଼ିଶା ରାଜସ୍ୱ ସେବା ସଂଘ ନିନ୍ଦା କରିବା ସହିତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛି। ବନ୍ୟା, ରଥଯାତ୍ରା ଭଳି ସରକାରଙ୍କ ଜରୁରୀ କାର୍ଯ୍ୟକୁ ବାଦ୍ ଦେଲେ ସଂଘର ସଦସ୍ୟମାନେ କାର୍ଯ୍ୟାଳୟକୁ ଆସୁ ନ ଥିବା ପରିଲକ୍ଷିତ ହୋଇଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଜଗନ୍ନାଥଙ୍କୁ ଗିରଫ ସହିତ ଓଏଏସ୍ ସଂଘର ଦାବି ପୂରଣ ନେଇ କୌଣସି ସ୍ପଷ୍ଟ କରାଯାଇ ନାହିଁ। ଏହାବାଦ୍ ଓଏଏସ୍ ଅଧିକାରୀଙ୍କ ବିରୋଧରେ ସରକାର 'ଏସ୍‌ମା' ଲଗାଇବେ କି ନାହିଁ ତାହା ମଧ୍ୟ ନିଶ୍ଚିତ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସରକାରୀ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେଉଥିବା ଦେଖିବାକୁ ମିଳିଛି।

### ରତ୍ନଭଣ୍ଡାର ମରାମତି...

ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ବାହାର ରତ୍ନଭଣ୍ଡାର ଓ ଭିତର ରତ୍ନଭଣ୍ଡାର ସ୍ଥିତି ବହୁତ ଖରାପ ଥିଲା। ଏହା ମରାମତି ହୋଇ ନ ଥିଲେ ସୁରକ୍ଷା ଦୃଷ୍ଟିରୁ ବହୁ ସମସ୍ୟା ହୋଇଥାନ୍ତା ବୋଲି ଏଏସ୍‌ଆଇ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ମହାପ୍ରଭୁଙ୍କ କୃପାରୁ ଏଏସ୍‌ଆଇର ସମସ୍ତ ଟିମ୍ ୧୧ ମାସ ହେଲା କାର୍ଯ୍ୟ ଜାରି ରଖିଛନ୍ତି। ଆସନ୍ତା ନୀଳାଦ୍ରି ବିଜେ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମନ୍ଦିର ନିର୍ମାଣ ଶୈଳୀରେ ପଥରଗୁଡ଼ିକ ପ୍ରତିସ୍ଥାପନ କରାଯାଇଛି। ଅନେକ ପିଲର ଖରାପ ଥିବାରୁ ତାହା ରିପ୍ଲେସ କରାଯାଇଛି। ପାଖାପାଖି ୬୦୦ ଖଣ୍ଡ ସାହାଣ ପଥର ବ୍ୟବହାର କରାଯାଇଛି। ମରାମତି କାର୍ଯ୍ୟ ସରିବା ପରେ ବାହାର ଷ୍ଟ୍ରଙ୍ଗ ରୁମ୍‌ରେ ଥିବା ରତ୍ନ ଅଳଙ୍କାର ଭିତର ଭଣ୍ଡାରକୁ ଯିବ। ନୀଳାଦ୍ରି ବିଜେ ପୂର୍ବରୁ ଭଣ୍ଡାର ମରାମତି କାର୍ଯ୍ୟ ସରି ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିବା ପରେ ଅଳଙ୍କାରର ଗଣତି ମଣତି କରାଯିବ।

ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ କହିଛନ୍ତି, ନୀଳାଦ୍ରି ବିଜେ ପୂର୍ବରୁ ସମସ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ରତ୍ନଭଣ୍ଡାରର ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟ କାର୍ଯ୍ୟ ଯେପରି ପଥର ରିପ୍ଲେସମେଣ୍ଟ, ବିମ୍, ଫାଟ ମରାମତି ସହ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହୋଇଯାଇଛି। ମହାରାଜା ମରାମତି କାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଆପଣଙ୍କ ଭୁଲ ନିଷ୍ପତ୍ତି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଦେବା ନେବାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ ବିବାଦ ବଢ଼ିପାରେ। ଶାରୀରିକ ଅସୁସ୍ଥତାବଶତଃ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ବୃଷ** – କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତିରେ ଆପଣ ନୀରବ ରହିବାକୁ ବାଧ୍ୟ ହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ପଡୋଶୀଙ୍କ ଅବଦାନକୁ ଭୁଲି ହେବନି। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବନ୍ଧୁ ମିଳନ ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** – ଆଜିର ଶୁଭଯୋଗରୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ। ଆପଣଙ୍କ କାମଟି କରିବା ସକାଶେ ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ହଁ ଭରିବ। ସାଧାରଣ କଥାକୁ କେନ୍ଦ୍ରକରି ପଡୋଶୀ ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ।

**କର୍କଟ** – କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ କରିବାକୁ ପଡିପାରେ। ଯାନବାହନରେ ସତର୍କ ନ ହେଲେ ଅସୁବିଧାର ସମ୍ମୁଖୀନ ହେବେ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ** – ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବାର ଆଶା ରହିଛି। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯିବ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା ଦୂର ହେବ।

**କନ୍ୟା** – ଯେତେ ଭଲ କରିବାକୁ ଚିନ୍ତା କଲେ ମଧ୍ୟ ନିଜ ଲୋକଙ୍କ ବିରୁଦ୍ଧାଚରଣ ଯୋଗୁ ସବୁ ଓଲଟପାଲଟ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଏବଂ ବିଜ୍ଞ ବ୍ୟକ୍ତିଙ୍କର ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପରିବାରରେ ଅଶାନ୍ତି ଦୂର ହେବା ସୂଚନା ପାଇବେ।

**ତୁଳା** – ଅର୍ଥ ସଙ୍କଟ ଯୋଗୁ କାମଗୁଡିକ ଅଧାରେ ଅଟକି ଯିବାର ଆଶଙ୍କା ରହିଛି। ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନତୁବା ଠକିଯିବାଟା ହିଁ ସାର ହେବ। ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବାର ସୂଚନା ପାଇପାରନ୍ତି।

**ବିଛା** – ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ଆଜି ଆଶା ନିଶ୍ଚିତ ପୂରଣ ହେବ କିନ୍ତୁ ପ୍ରାଥମିକ ଅବସ୍ଥାରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ ଯାହାକି ଅଯଥା ଟେନ୍ସନ ସୃଷ୍ଟି କରିବ ।

**ଧନୁ** – ଶନିଙ୍କ ପ୍ରଭାବରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ଉପୁଜିବ। ନୂତନ କର୍ମସଂସ୍ଥାନ ସକାଶେ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପୂର୍ବ ପରିକଳ୍ପିତ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡିବ ନାହିଁ।

**ମକର** – ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ସାମୟିକ ମନଦୁଃଖ ହୋଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ପରେ ବହୁତ ବ୍ୟସ୍ତ ହେବାକୁ ପଡିପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ। କିଛି ପାଇବାର ଆଶା ରଖି ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** – ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ ଫଳରେ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଆଜି ଭ୍ରମଣ, ରାଜନୀତି,ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମୀନ** – ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଜୁଲାଇ ୪ ତାରିଖ, ଆଷାଢ଼ ଶୁକ୍ଳ ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଆଡପ ମଣ୍ଡପେ ଶ୍ରୀଜୀଉଙ୍କ ବାହୁଡା ପୂର୍ବ ସନ୍ଧ୍ୟା ଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର–ଚିତ୍ରା/ତୁଳା, ନବମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ ଗତେ, ଘ.୦୭।୦୧ ମଧ୍ୟେ, ଘ.୧୨।୧୭ ଗତେ, ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୧୨ ଗତେ, ଘ.୧୧।୫୧ ମଧ୍ୟେ ରାହୁକାଳ ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ




ଭୋଗରାଇ(ପ୍ରଦୀପ ଦାସ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୩।୭

୧୦ଦିନ ମଧ୍ୟରେ ସୁବର୍ଣ୍ଣରେଖା ନଦୀରେ ଦୁଇ ଥର ବନ୍ୟା ଆସିଛି। ପ୍ରଥମ ବନ୍ୟା ପାଣି ନ ଛାଡୁଣୁ ଦ୍ୱିତୀୟ ବନ୍ୟା ଆସିଲା। ବନ୍ୟା ପ୍ରଭାବରେ ଉତ୍ତରବାଲେଶ୍ୱର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ବ୍ୟାପକ ଧନଜୀବନ କ୍ଷତି ଘଟିଛି। ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୋଗରାଇ ଓ ବାଲିଆପାଳ ବନ୍ୟାଞ୍ଚଳ ପରିଦର୍ଶନ କରି ଅପରାହ୍ନ ୫ଟାରେ ଭୁବନେଶ୍ୱର ଫେରିଯାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ହେଲିକପ୍ଟର ଯୋଗେ ଭୋଗରାଇ ତାଳସାରୀ ନିକଟ ବିନ୍ଧାପଦ୍ମପୁର ହେଲିପ୍ୟାଡ ପଡ଼ିଆରେ ପୂର୍ବାହ୍ନ ୧୧ଟା ୧୦ରେ ଅବତରଣ କରି କାର୍ ଯୋଗେ ଭୋଗରାଇ ଲକଗେଟରେ ପହଞ୍ଚିଥିଲେ। ସେଠାରୁ ଏକ ଯନ୍ତ୍ରଚାଳିତ ବୋଟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ (ସାଧାରଣ) ସୁଧାକର ନାୟକ, ଜିଲାପରିଷଦ କାର୍ଯ୍ୟକାରିଣୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି ପ୍ରମୁଖ ସୁବର୍ଣ୍ଣରେଖା ନଦୀକୂଳ ଗାଁ ବାଉଁଶଖଣା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ବନ୍ୟା ବିପନ୍ନଙ୍କ ସମସ୍ୟା ପଚାରି ବୁଝିଥିଲେ। ବନ୍ୟା ବିପନ୍ନମାନେ ଶୁଖିଲା ଖାଦ୍ୟ ପାଇ ନ ଥିବା ଅଭିଯୋଗ ସହିତ ବାଉଁଶ ଖଣା ପ୍ରାଥମିକ ବିଦ୍ୟାଳୟ ଦୀର୍ଘଦିନ ହେଲା ବନ୍ଦ ଥିବାରୁ ଉକ୍ତ ବିଦ୍ୟାଳୟକୁ ଚଳିତବର୍ଷ ଖୋଲିଦେବାକୁ ଦାବି ରଖିଥିଲେ। ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଉପମୁଖ୍ୟମନ୍ତ୍ରୀ ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚଡ଼ବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମକୁ ବୋଟ୍ ଯୋଗେ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ସେଠାରେ ବନ୍ୟା ପ୍ରପୀଡ଼ିତଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ଲୋକଙ୍କ ମୁଖ୍ୟ ସମସ୍ୟା ପଞ୍ଚରୁଖିଠାରୁ ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତା ଉପରେ ସ୍ଥାୟୀ ପୋଲ ଓ ରାସ୍ତାକୁ ଉଚ୍ଚା କରାଗଲେ ସମସ୍ୟା କିଛି ମାତ୍ରାରେ ସୁଧୁରିଯିବ ବୋଲି ଗ୍ରାମବାସୀଙ୍କ ଦାବିକୁ ବିଚାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା କହିଥିଲେ। ଏଥିସହିତ ବନ୍ୟା ପାଣି ଛାଡ଼ିବା ମାତ୍ରେ ସରକାରୀ କର୍ମଚାରୀମାନେ ଘର ଘର ବୁଲି କ୍ଷୟକ୍ଷତି ଆକଳନ କରି ସମସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲିଆପାଳ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଧୋଇଗଲା କାନପୁର ପ୍ରକଳ୍ପର କପର ବନ୍ଧ

- ବୈତରଣୀରେ ପ୍ରବାହିତ ହେଲା ଜଳ
- ତଳମୁଣ୍ଡରେ ବନ୍ୟା ଆଶଙ୍କା
- ବୈଷୟିକ ତ୍ରୁଟିରୁ ବନ୍ଧ ନିର୍ମାଣରେ ବିଳମ୍ବ


ଧୋଇଯାଇଥିବା ବନ୍ଧ

ଯୋଡ଼ା,୩।୭(ମାନସ ମହାନ୍ତି)

ଓଡ଼ିଶାର ପ୍ରମୁଖ ନଦୀ ବୈତରଣୀ ଉପରେ ନିର୍ମାଣାଧୀନ କାନପୁର ଡ୍ୟାମ୍‌ର ଅସ୍ଥାୟୀ କପର ମାଟି ବନ୍ଧ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଜଳାଶୟରେ ଥିବା ବନ୍ଧ ଡେଇଁ ବୈତରଣୀରେ ଜଳ ପ୍ରବାହିତ ହୋଇଛି। ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା କରାଯାଉଛି। ବୈଷୟିକ ତ୍ରୁଟି କାରଣରୁ ଡ୍ୟାମ୍ କାମ ବିଳମ୍ବ ଘଟୁଛି। ଫଳରେ ଏଭଳି ସମସ୍ୟା ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ପୂର୍ବ ସରକାରଙ୍କ ଅମଳରୁ କାନପୁର ପ୍ରକଳ୍ପ ତଥା ବୈତରଣୀ ନଦୀବନ୍ଧ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଡିପ୍ଲିସନ ସ୍ଲୁଇସ ଗେଟ୍ ନିର୍ମାଣ ହୋଇ ନ ଥିଲା। ବନ୍ଧ କାର୍ଯ୍ୟ ସମାପନ ହୋଇ ଆସୁଥିବା ବେଳେ ବର୍ତ୍ତମାନର ସରକାର ଡିପ୍ଲିସନ ସ୍ଲୁଇସ ନିର୍ମାଣ ହୋଇ ନ ଥିବା ଜାଣି ବୈଷୟିକ ଟିମ୍ ସହ ଆଲୋଚନା କରିଥିଲେ। ପରେ ଡିପ୍ଲିସନ ସ୍ଲୁଇସ୍ ନିର୍ମାଣର ନିଷ୍ପତ୍ତି ନିଆଯାଇ ମେ ମାସରେ ଅସ୍ଥାୟୀ କପର ମାଟି ବନ୍ଧ ନିର୍ମାଣ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନିର୍ମାଣ ପାଇଁ ଜଳକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରାଯାଇଥିଲା। ଡିପ୍ଲିସନ ସ୍ଲୁଇସ୍ ପାଇଁ ପ୍ଲାଷ୍ଟିକ୍ କଂକ୍ରିଟ କରାଯାଇଥିଲା। ଏହି କାର୍ଯ୍ୟ ଅଗଷ୍ଟ ଭିତରେ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଇଥିଲା। ତେବେ ଉପରମୁଣ୍ଡ ବାଂଶପାଳ ବ୍ଲକ୍ ଅଞ୍ଚଳରେ ଗତ ୧୭ ଓ ୧୮ ତାରିଖରେ ୧୭୦ ମିଲିମିଟର ବୃଷ୍ଟିପାତ ହେବା ସହ ୧୭ ତାରିଖରୁ ଯୋଡ଼ା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ଫଳରେ ସୁନା ନଦୀର ଜଳସ୍ତର ବୃଦ୍ଧି ପାଇ ଜଳାଶୟର ବର୍ତ୍ତମାନର କ୍ଷମତା ପୂର୍ଣ୍ଣ ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କାନପୁର ଡ୍ୟାମ୍ କର୍ତ୍ତୃପକ୍ଷ ଅସ୍ଥାୟୀ କପର ଡ୍ୟାମ୍ ଭାଙ୍ଗିବା ଆଶଙ୍କାକରି ଶ୍ରମିକ ଓ ମେଶିନକୁ ଡିପ୍ଲିସନ ସ୍ଲୁଇସ୍ ଗେଟ୍ ନିର୍ମାଣ ସ୍ଥଳରୁ ହଟାଇନେଇଥିଲେ। ଗୁରୁବାର ସକାଳେ ଜଳାଶୟର ଜଳସ୍ତର ଚାପରେ ମାଟିରେ ନିର୍ମାଣ କରାଯାଇ ଥିବା କପର ବନ୍ଧଟି ଭାଙ୍ଗିଯାଇଛି। ଜଳ ଅର୍ଦ୍ଧନିର୍ମିତ ଗେଟ୍ ଲଂଘି ପ୍ରବଳ ସ୍ରୋତରେ ପ୍ରବାହିତ ହୋଇଥିଲା। ଜଳରାଶି ଏବେ ବି ନିଷ୍କାସନର ବାଟ ନ ଥିବାରୁ ଅନବରତ ବୈତରଣୀରେ ପ୍ରବାହିତ ହେଉଛି। ଫଳରେ ବୈତରଣୀର ତଳମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି।

କାନପୁର ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି, ଅସ୍ଥାୟୀ ମାଟି ନିର୍ମିତ କପର ଡ୍ୟାମ୍ ଭାଙ୍ଗିବାରୁ ବନ୍ଧର କୌଣସି କ୍ଷତି ହୋଇନାହିଁ। ମାତ୍ର ଡିପ୍ଲିସନ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ବ୍ୟାହତ ହୋଇଛି। ବର୍ଷା ନ କମିବା ପର୍ଯ୍ୟନ୍ତ କାର୍ଯ୍ୟ କରିହେବ ନାହିଁ। ଚଳିତ ବର୍ଷ କେବଳ ଜୁନ୍‌ରେ ୪୫୦ ଏମ୍‌ଏମ୍ ବୃଷ୍ଟିପାତ ହେତୁ ନିର୍ମାଣର ସମସ୍ତ ଯୋଜନା ଫେଲ୍ ମାରିଲା। ଜଳାଶୟର ସମ୍ପୂର୍ଣ୍ଣ ଜଳମଗ୍ନ ଅଞ୍ଚଳ ୨୫୧୧.୨୬୬ ହେକ୍ଟର। ଜଳାଶୟର ସର୍ବୋଚ୍ଚ ଉଚ୍ଚତା ବା ଗଭୀରତା ୩୯.୫୦ ମିଟର। ଗୁରୁବାର ଜଳାଶୟକୁ ୨୪୯.୫୯୬ ଘନ ମିଟର ପ୍ରତି ସେକେଣ୍ଡରେ ଜଳ ପ୍ରବେଶ କରୁଛି। ଅସ୍ଥାୟୀ ମାଟି କପର ଡ୍ୟାମ୍ ଭାଙ୍ଗିଯିବା ହେତୁ ନିର୍ମାଣାଧୀନ ବନ୍ଧକୁ ଅତିକ୍ରମ କରି ଜରୁରିକାଳୀନ ନିଷ୍କାସନ କେନାଲ ଦେଇ ୩୩୬.୮୭୫ ଘନ ମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେଉଛି।

ପ୍ରକାଶଯୋଗ୍ୟ, ରାଜ୍ୟ ସରକାର ବନ୍ଧ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ଚାହୁଁଛନ୍ତି। ମାତ୍ର ଅତୀତରେ ଜଳ ନିଷ୍କାସନ ପାଇଁ ଡିପ୍ଲିଶନ ସ୍ଲୁଇସ୍ ନିର୍ମାଣ ହୋଇ ନ ଥିବାରୁ ପ୍ରକଳ୍ପ ପୁଣି ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଏହା କାହିଁକି ନିର୍ମାଣ ହୋଇ ନ ଥିଲା ସରକାର ଏହାର ତଦନ୍ତ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ଯବାନ ଗୁରୁତର

ବଣାଇଁ,୩।୭(ପ୍ରଦୀପ ତ୍ରିପାଠୀ)


ମନୋଜ ଦମାଇ

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଲଗ୍ନ ଛୋଟନାଗରା ଥାନା ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଗୁରୁବାର ପ୍ରତ୍ୟୁଷରେ ସର୍ଚ୍ଚ ଅପରେଶନ ବେଳେ ପୁଣି ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟିଛି। ଏଥିରେ ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ଯବାନ ମନୋଜ ଦମାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି। ୨ଦିନ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ ହଜାର ଡେଟୋନେଟର ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆର୍‌ପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧ ସାମରିକ ବାହିନୀର ମିଳିତ ସର୍ଚ୍ଚ ଅପରେଶନ ବେଳେ ଏହା ଜବତ ହୋଇଥିଲା। ଆଜିର ଘଟଣା ମାଓବାଦୀଙ୍କ ପକ୍ଷରୁ କାଉଣ୍ଟର ଆଟାକ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମାଓବାଦୀ ଅଧ୍ୟୁଷିତ ବଣାଇଁ ଉପଖଣ୍ଡରେ ବିଗତ ଦିନରେ ମୁତୟନ ଅର୍ଦ୍ଧସାମରିକ ବାହିନୀ (ସିଆର୍‌ପିଏଫ୍) ପୋଷ୍ଟଗୁଡ଼ିକୁ ମାଓବାଦୀମୁକ୍ତ ଅଞ୍ଚଳ ଘୋଷଣା କରି ୨୦୧୫ରେ ଅପସାରିତ କରାଯାଇଥିଲା। କିଛିଦିନ ନୀରବ ରହି ବଳ ଗୋଟାଉଥିବା ଛୋଟନାଗପୁର ମାଓବାଦୀ ଡିଭିଜନ ଏବେ ପୁନଃ ସକ୍ରିୟ ହୋଇ ଉଠିଛି। ଦୀର୍ଘଦିନ ହେବ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଅପସାରିତ ଅର୍ଦ୍ଧସାମରିକ ବାହିନୀଙ୍କୁ ପୁନଃ ଓଡ଼ିଶା-ଝାଡଖଣ୍ଡ ସୀମାରେ ମୁତୟନ ନ କଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ଜଣାପଡୁଛି।

# ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ମିଳିଲା ଆଗୁଆ ଜାମିନ

### ସିବିଆଇ ଚଢ଼ାଉ ମାମଲା

କଟକ,୩।୭(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ଓ ତାଙ୍କ ପରିବାରକୁ ଆଶ୍ୱସ୍ତି ମିଳିଛି। ବିଷ୍ଣୁପଦଙ୍କ ପକ୍ଷରୁ ଆଗତ ଆଗୁଆ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଭି. ନରସିଂହ ତାଙ୍କ ଆବେଦନକୁ ଗୁରୁବାର ମଞ୍ଜୁର କରିଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ ହୋଇଛି।

ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ାଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆବେଦନ ଉପରେ ହାଇକୋର୍ଟ ପ୍ରାଥମିକ ଅବସ୍ଥାରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହାଇକୋର୍ଟ ବିଷ୍ଣୁପଦଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ପୁଣି ବିଷ୍ଣୁପଦଙ୍କ ପକ୍ଷରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରାଯାଇଥିଲା।

# ୬ରେ ଖୋଲିବ ହୀରାକୁଦ ଜଳଭଣ୍ଡାର ଗେଟ୍

ସମ୍ବଲପୁର,୩।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରୁ ଆସନ୍ତା ୬ତାରିଖରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବ। ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକଙ୍କ କାର୍ଯ୍ୟାଳୟ ବୁର୍ଲାଙ୍କ ସୂଚନା ଅନୁସାରେ ହୀରାକୁଦର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ କ୍ରମାଗତ ଭାବେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରରୁ ବନ୍ୟା ଜଳ ନିଷ୍କାସନ ପାଇଁ ଆସନ୍ତା ୬ତାରିଖ ପୂର୍ବାହ୍ନ ୧୦ଟାରେ ଗେଟ୍ ଖୋଲାଯିବ। ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ଏହି ସମୟରେ ଜଳଭଣ୍ଡାର ତଳମୁଣ୍ଡ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ମହାନଦୀ ବା ଏହାର ଶାଖାନଦୀ ମଧ୍ୟକୁ ପ୍ରବେଶ ନ କରିବା ତଥା ନଦୀର ଅନ୍ୟାନ୍ୟ ବ୍ୟବହାର ସମୟରେ ମଧ୍ୟ ସତର୍କତା ଅବଲମ୍ବନ ପାଇଁ ଜନସାଧାରଣଙ୍କୁ ସୂଚାଇ ଦିଆଯାଇଛି।

# ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଆସିବ ନୂଆ ସମବାୟ ନୀତି: ମନ୍ତ୍ରୀ

ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାର ନୂଆ ସମବାୟ ନୀତି ଆଣିବାକୁ ଯାଉଛନ୍ତି। ୨୦୨୬ ଜାନୁଆରୀ ୩୧ ସୁଦ୍ଧା ନୂଆ ସମବାୟ ନୀତି ଆସିବ ବୋଲି ଦିଲ୍ଲୀରୁ ଫେରି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟର ସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ହେବ। ସବୁ ସମବାୟ ସମିତିରେ ଏକାଧିକ ବ୍ୟବସାୟ କରାଯିବ। ସମବାୟ ସମିତି ଗୁଡିକରେ ଏଲ୍‌ପିଜି ଗ୍ୟାସ୍ ବିତରଣ ଏବଂ ଔଷଧ ଦୋକାନ ଆଦି ରହିବ। ପେଟ୍ରୋଲ ପମ୍ପ, ଜନ ସେବା କେନ୍ଦ୍ର, ଡାଇରୀ ଫାର୍ମ ଏବଂ ଦୁଗ୍ଧ ବିତରଣ ବ୍ୟବସ୍ଥା ମଧ୍ୟ ରହିବ। ଲୋକଙ୍କ ଘର ପାଖରେ ସବୁ ସୁବିଧା ପହଞ୍ଚାଇବାକୁ ସବୁ ବ୍ୟବସ୍ଥା କରାଯିବ। ଲାଭ ଆଦାୟ ପାଇଁ ନୁହେଁ ବରଂ ସେବା ଯୋଗାଇବା ପାଇଁ ସମବାୟ ସମିତି କାର୍ଯ୍ୟ କରିବ। ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ପ୍ରତିଷ୍ଠା ହେବ। କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଓଡିଶା ଫେରିବା ପରେ ମନ୍ତ୍ରୀ ବଳସାମନ୍ତ ଏହି ସୂଚନା ଦେଇଛନ୍ତି।

DSPL - 159


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖପ୍ପର, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
OIPR-10003/13/0224/2526
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

# ଟ୍ରକ୍ ମାଡ଼ିଯାଇ ମହିଳା ହୋମ୍‌ଗାର୍ଡଙ୍କ ମୃତ୍ୟୁ

### ୪ ମାସ ତଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା

କଟକ,୩।୭(କାର୍ତ୍ତିକ ସାହୁ)


ମନୋରମା ପଣ୍ଡା

କଟକ ଛତ୍ରବଜାରରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଅଘଟଣ ଘଟିଯାଇଛି। ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ (ନଂ.ଓଡି-୦୪-ପି-୪୦୩୨) ଜଣେ କାର୍ଯ୍ୟରତ ମହିଳା ହୋମଗାର୍ଡଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ହେଲେ ମାଲଗୋଦାମ ଥାନାର ହୋମ୍‌ଗାର୍ଡ ମନୋରମା ପଣ୍ଡା (୫୬)। ମାଲଗୋଦାମ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ଥାନାକୁ ଆଣିଛି। ଡ୍ରାଇଭର ଫେରାର ଥିବା ବେଳେ ଟ୍ରକ୍‌ର ଅନ୍ୟ ଜଣେ କର୍ମଚାରୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ଦୁର୍ଘଟଣା ମାମଲା (ନଂ. ୧୫୦/୨୫) ରୁଜୁ ହୋଇଛି। ସୂଚନାନୁସାରେ, ମନୋରମା ଛତ୍ରବଜାରରୁ ପରିବା ଓ ଅନ୍ୟାନ୍ୟ ଗ୍ରୋସେରି ସାମଗ୍ରୀ ନେଇ ସାଇକେଲରେ ଫେରୁଥିବା ବେଳେ ତାଙ୍କ ଉପରେ ଟ୍ରକଟି ପଛରୁ ଆସି ମାଡ଼ି ଯାଇଥିଲା। ଅପରପକ୍ଷରେ ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କ ସୂଚନାନୁସାରେ, ହୋମ୍‌ଗାର୍ଡ ମନୋରମାଙ୍କୁ ଗୁରୁବାର ସାଦା ପୋଷାକରେ ଡ୍ୟୁଟି କରିବା ପାଇଁ କୁହାଯାଇଥିଲା। ସେ ଛତ୍ରବଜାର ପରିବା ମାର୍କେଟ ଅଞ୍ଚଳରେ ଡ୍ୟୁଟି କରୁଥିଲେ। ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ମାଡ଼ିଯାଇଥିଲା। ମନୋରମାଙ୍କ ବଡ଼ ପୁଅ ମୃତ୍ୟୁଞ୍ଜୟ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଆଇଆଇସି ଦାସ କହିଛନ୍ତି। ମନୋରମାଙ୍କ ଘର ନିଶ୍ଚିନ୍ତକୋଇଲି ଅସୁରେଶ୍ୱର କୁଳଗାଁ ଇଶାଳ ଗ୍ରାମରେ। ୪ ମାସ ତଳେ ତାଙ୍କ ସ୍ୱାମୀ ଅଶ୍ୱିନୀ କୁମାର ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ୨ ପୁଅ ଅଛନ୍ତି। ସେ କଟକ ରାଉସାପାଟଣାରେ ଭଡ଼ା ନେଇ ରହୁଥିଲେ।

# ସମଗ୍ର ନାରୀ ଜାତି ଆଗରେ କ୍ଷମାମାଗନ୍ତୁ ଖଟୁଆ: ବିଜେଡି

ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)

ନୀଳଗିରି ଭାଜପା ବିଧାୟକ ସନ୍ତୋଷ ଖଟୁଆଙ୍କ ହାତୀ ଶିକାର ଓ ହାତୀର ଦାନ୍ତ ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗ କରିବାରୁ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ସେ କୁତ୍ସିତ ଓ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି। ବିଜେଡି ଏହାକୁ ଦୃଢ ନିନ୍ଦାକରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି, ବନ ବିଭାଗ ଖଟୁଆଙ୍କ ଫାର୍ମ ହାଉସରୁ ହାତୀଦାନ୍ତ ଚୋରଙ୍କୁ ଧରିବା ବାବଦରେ ବୁଧବାର ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଶାସକ ଦଳର ବିଧାୟକ ହୋଇଥିବାରୁ ଏଭଳି ସ୍ପର୍ଶକାତର ମାମଲାରେ ସମ୍ପୃକ୍ତି ଥିଲେ ମଧ୍ୟ ବନ ବିଭାଗ ଖଟୁଆଙ୍କୁ କାହିଁକି ଗିରଫ କରୁନାହାନ୍ତି ବୋଲି ବିଜେଡି ପ୍ରଶ୍ନ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଖଟୁଆ ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରି ଲେଖାଶ୍ରୀଙ୍କୁ କହିଥିଲେ। ଜଣେ ମହିଳାଙ୍କ ମୁହଁକୁ ଆଧାରକରି ଯଦି ନ କାରାତ୍ମକ ଟିପ୍ପଣୀ ଦିଆଯାଏ, ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାଜପାରେ ମଧ୍ୟ ମହିଳା ନେତ୍ରୀ ତଥା ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି। ଭିନ୍ନ ଚିନ୍ତାଧାରାର ଦଳ ବୋଲି ନିଜକୁ କହୁଥିବା ଭାଜପା ମହିଳାଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତାଙ୍କ ବିଧାୟକମାନଙ୍କୁ ତାଲିମ ଦେଇଛି କି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି।

# ଦେବାଶିଷ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ନିଯୁକ୍ତ

ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ବୁଧବାର ଏକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି, ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି।

### ଜଳସମ୍ପଦ ବିଭାଗ ସର୍ବୋଚ୍ଚଯନ୍ତ୍ରୀଙ୍କୁ ପୁନଃ ନିଯୁକ୍ତି

ଅନ୍ୟପକ୍ଷରେ ନିକଟରେ ଅବସର ଗ୍ରହଣ କରିଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଗୁରୁବାର ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଚନ୍ଦ୍ରଶେଖର ପାଢ଼ୀଙ୍କୁ ୬ମାସ ପାଇଁ ବି'ଭାଗରେ ପୁନଃ ନିଯୁକ୍ତି ଦିଆଯାଇଛି। ସଂପ୍ରତି ସେ ବିଭାଗର ଓଏସ୍‌ଡି କମ୍ ସର୍ବୋଚ୍ଚ ଯନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ।

> ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି । ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି । ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି । ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ । କିନ୍ତୁ ସେମାନେ ଖୋଲନ୍ତି ନାହିଁ । **-ଶ୍ରୀମା**

# ଭବିଷ୍ୟତର ଇରାନ୍



ଜୱାଦ ସାଲେହି-ଇସ୍ଫାହାନି

ଦୁଇଟି ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଇସ୍ରାଏଲ ଓ ଆମେରିକା ବିରୋଧରେ ଇରାନ୍‌ର ୧୨ ଦିନିଆ ଯୁଦ୍ଧ ସବୁ ପକ୍ଷକୁ ବିଜୟୀ ଘୋଷଣା କରିବାକୁ ସୁଯୋଗ ଦେଇଛି । ଇସ୍‌ଲାମିକ ରିପବ୍ଲିକ (ଇରାନ୍) ପାଇଁ ବିଜୟ ଶୀଘ୍ର ହେଲା, କାରଣ ତାହାର ଶାସନ ଏଯାବତ ସୁରକ୍ଷିତ ଅଛି । ଏହାର ଶାସନ ଭୁଶୁଡ଼ି ନାହିଁ କିମ୍ବା ଏହା ବିରୋଧରେ କୌଣସି ବିଦ୍ରୋହ ହୋଇନାହିଁ କି ଶାସନରେ ପରିବର୍ତ୍ତନ ଘଟିନାହିଁ । ଅନେକ ଇରାନୀୟ, ବିଶେଷକରି ବିଦେଶରେ ଥିବା ବିରୋଧୀଙ୍କ ମତରେ ଆକ୍ରମଣର ତୀବ୍ରତା ସରକାର ପତନକୁ ସୂଚିତ କରୁଥିଲା । କିନ୍ତୁ ବିଦ୍ରୋହ ସମ୍ଭବ ହେଲା ନାହିଁ । ସହରରେ ରହୁଥିବା ମଧ୍ୟବିତ୍ତ ବର୍ଗ, ଯେଉଁମାନେ ଇରାନ୍‌ର ସାମାଜିକ ଓ ବୃତ୍ତିଗତ ଜୀବନର ମେରୁଦଣ୍ଡ, ସେମାନେ ଦୁଇ ବିଦେଶୀ ଶକ୍ତିଙ୍କ ସପକ୍ଷରେ ସ୍ୱର ଉଠାଉନାହାନ୍ତି । ସାଧାରଣ ଇରାନୀୟ ନାଗରିକମାନେ କ'ଣ ପାଇଛନ୍ତି ବା ପାଇନାହାନ୍ତି ତାହା ଆଗାମୀ ସ୍ଥିତି ଉପରେ ନିର୍ଭର କରେ । ସରକାର ଏହା ଉପରେ କିଭଳି ପଦକ୍ଷେପ ନେବେ ଓ ବେସାମରିକ ଭିତ୍ତିଭୂମିର ପୁନର୍ଗଠନ କରିପାରିବେ, ମଧ୍ୟବିତ୍ତ ବର୍ଗଙ୍କୁ କ୍ଷତିପୂରଣ ଦେବେ ତାହା ଗୁରୁତ୍ୱପୂର୍ଣ୍ଣ ହେବ । ଦେଖିବାକୁ ଗଲେ ଇସ୍ରାଏଲ ଆକ୍ରମଣର ବହୁ ପୂର୍ବରୁ କିଛି ପରିବର୍ତ୍ତନ ଘଟିଥିଲା । ୨୦୨୩ ମଧ୍ୟଭାଗରୁ ଇସ୍‌ଲାମିକ୍ ରିପବ୍ଲିକ୍ ଆଭ୍ୟନ୍ତରୀଣ ଯୋଜନାବଦ୍ଧ ପରିବର୍ତ୍ତନର ସଙ୍କେତ ଦେଇଆସୁଛି । ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ୍‌ର ଆକ୍ରମଣ ପରେ ସେଥିରେ ସିଧାସଳଖ ମୁଣ୍ଡ ଖେଳାଇ ନ ଥିଲା କିମ୍ବା ଏହାର ମିତ୍ରଦେଶ ଲେବାନନ୍ ଓ ସିରିଆର ଚାପରେ ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା ।

ପୋଲିସ ହେପାଜତରେ ଥିବା ମାଶା ଅମିନ ନାମ୍ନୀ ଯୁବତୀଙ୍କ ମୃତ୍ୟୁ ପରେ ୨୦୨୨ରେ ଦେଖାଦେଇଥିବା ଗଣ ଆନ୍ଦୋଳନକୁ ଦେଖି ସରକାର ରାସ୍ତାରେ ଲାଗୁ ହୋଇଥିବା ଅଲିଖିତ ଡ୍ରେସ୍ କୋଡ୍‌କୁ ହଟାଇନେଇଥିଲେ । ଗତ ଏପ୍ରିଲରେ ମୁଁ ତେହେରାନ ଓ ଅନ୍ୟ କେତେକ ଛୋଟ ସହରକୁ ଯାଇଥିଲି ଓ ସେଠାରେ ସହରୀ ଦୃଶ୍ୟପଟରେ ପରିବର୍ତ୍ତନ ଦେଖିଥିଲି । ଅନେକ ମହିଳା ମୁଣ୍ଡ ନ ଘୋଡ଼ାଇ ବାହାରକୁ ଯାଉଥିଲେ ଏବଂ ପୁରୁଷଙ୍କ ସହ କଫି ଶପ୍‌ରେ ସେମାନଙ୍କୁ ଦେଖିବାକୁ ମିଳିଥିଲା । ଜୁନ୍ ୨୦୨୪ରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ମାସୁଦ୍ ପେଜେସ୍କିଆନ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ଜଣେ ସୁଧାର ମନସ୍କ ବ୍ୟକ୍ତି ଭାବେ ସେ ରଢ଼ିବାଦୀ ନେତା ଇବ୍ରାହିମ୍ ରଏସିଙ୍କ ଉତ୍ତରାଧିକାରୀ ହୋଇଥିଲେ । ଉଲ୍ଲେଖନୀୟ, ରଏସି ରାଷ୍ଟ୍ରପତି ଥିବାବେଳେ ହିଜାବ ଲାଗୁକୁ ପ୍ରାଥମିକତା ଦେଇଥିଲେ ଏବଂ ଆନ୍ଦୋଳନ ଉପରେ ହିଂସ୍ରକ ପଦକ୍ଷେପ ନେଇଥିଲେ । ଜୁଲାଇ ୨୦୨୪ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ରଏସିଙ୍କ ମୃତ୍ୟୁ ଘଟିଥିଲା । ଯେତେବେଳେ ଏକ ନୂଆ ହିଜାବ ଆଇନ ପାସ୍ ହେଲା, ସେତେବେଳେ ପେଜେସ୍କିଆନ ଏହାକୁ ଲାଗୁକରିବାକୁ ମନାକରି ଏକ ନୂଆ ପ୍ରଭାବୀ ସାମାଜିକ ନୀତି ଆରମ୍ଭ କରିବାକୁ ଅନୁମତି ଦେଇଥିଲେ । ତେବେ ଇରାନର ଅର୍ଥ ବ୍ୟବସ୍ଥା ସେତିକି ଦୁର୍ବଳ ନୁହେଁ ଯେତିକି ବିଦେଶୀ ଗଣମାଧ୍ୟମଗୁଡ଼ିକ ଦର୍ଶାଉଛନ୍ତି । ସେମାନେ ଯେଉଁ ତଥ୍ୟ ଦେଉଛନ୍ତି ତାହା ଠିକ୍ ନୁହେଁ କି ଆସନ୍ନ ପତନ ସମ୍ପର୍କରେ ଯାହା କହୁଛନ୍ତି ତାହା ଗ୍ରହଣୀୟ ନୁହେଁ । ୨୦୧୮ରେ ଇରାନ୍ ଉପରେ ଆମେରିକା ଲଗାଇଥିବା କଠୋର କଟକଣା (୨୦୧୫ ଆଣବିକ ଚୁକ୍ତିରୁ ଡୋନାଲ୍ଡ ଟ୍ରମ୍ପ ଦୂରେଇ ଯିବା ପରେ) ସତ୍ତ୍ୱେ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସୁଧୁରିବାରେ ଲାଗିଛି । ୨୦୨୪ ସୁଦ୍ଧା ଇରାନ୍‌ର ଜିଡିପି ୨୦୧୮ର ଶୀର୍ଷ ସ୍ତରକୁ ଟପିଯାଇଛି ଏବଂ ବାର୍ଷିକ ଅଭିବୃଦ୍ଧି ପାଖାପାଖି ୩ ପ୍ରତିଶତ ରହିଛି । ତେବେ ଟ୍ରମ୍ପ୍ ଲାଗୁ କରିଥିବା କଟକଣାକୁ ବାଇଡେନ୍ ପ୍ରଶାସନ କୋହଳ କରିବା ପରେ ତୈଳ ରପ୍ତାନି ଯୋଗୁ ଏହା ସମ୍ଭବ ହୋଇଥିଲା । ବର୍ଷେ ଦୁଇ ହେବ ପ୍ରକୃତ ମୁଣ୍ଡ ପିଛା ବ୍ୟୟ ବଢ଼ୁଛି ବୋଲି ଏକ ସର୍ଭେରୁ ମଧ୍ୟ ଜଣାପଡ଼ିଛି ।

ପେଜେସ୍କିଆନ୍ କଲ୍ୟାଣ ଓ ଶ୍ରମ ମନ୍ତ୍ରଣାଳୟରେ ଜଣେ ପ୍ରଗତିଶୀଳ ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଭାବେ ଶିକାଗୋରେ ଶିକ୍ଷା ଲାଭ କରିଥିବା ଜଣେ ଯୁବକଙ୍କୁ ନିଯୁକ୍ତ କରିଛନ୍ତି, ଯାହା ଆର୍ଥିକ ସୁପରିଚାଳନାର ଏକ ସଙ୍କେତ ଦେଉଛି । ଆରମ୍ଭରୁ ଏକ ପ୍ରଶ୍ନ ସାମ୍ନାକୁ ଆସିବାରେ ଲାଗିଛି ଯେ, ନିୟମିତ ଭାବେ ଇରାନ ବାର୍ଷିକ ବଜେଟ ଓ ୫ବର୍ଷିଆ ଯୋଜନାରେ ୮ ପ୍ରତିଶତ ଅଭିବୃଦ୍ଧିର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରୁଛି ତାହାକୁ ପୂରଣ କରିପାରିବ କି ନାହିଁ, ସେ ନେଇ ବଡ଼ ବିତର୍କ ଚାଲିଛି । ଅର୍ଥନୀତିଜ୍ଞମାନେ ଏକମତ ଯେ, ଏହା ହାସଲ କରିବା ଲାଗି କୂଟନୀତି ଦରକାର, ମିଶାଇଲ ନୁହେଁ । ତଥାପି, ପେଜେସ୍କିଆନ୍ ପ୍ରଶାସନର ନୂତନ ୨୦୧୦ର କ୍ୟାଶ ଟ୍ରାନ୍ସଫର ପ୍ରୋଗ୍ରାମ ସମେତ ଅନେକ ଆର୍ଥିକ ସୁଧାର ନୀତି ହୁଏତ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ସରକାରଙ୍କୁ ସମର୍ଥନ କରିବା ପାଇଁ ସହରୀ ମଧ୍ୟବିତ୍ତ ବର୍ଗଙ୍କ ମନରେ ଆଗ୍ରହ ସୃଷ୍ଟି କରିଛି । ଯୁଦ୍ଧ ପୁଣି ଆରମ୍ଭ କଲେ ବିକାଶ ଲକ୍ଷ୍ୟରୁ ଇରାନ ଦୂରେଇଯିବ ବୋଲି ଇରାନୀୟ ନେତାମାନେ ମନେକରନ୍ତି । ୨୦୦୫ରେ ବିକାଶର ଏହି ୨୦ ବର୍ଷିଆ ଭିଜନ ପ୍ଲାନ୍ ସ୍ଥିର କରାଯାଇଥିଲା ଏବଂ ୨୦୨୫ ସୁଦ୍ଧା ମଧ୍ୟପ୍ରାଚ୍ୟର ଶୀର୍ଷ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଇରାନକୁ ସ୍ଥାନିତ କରିବା ସକାଶେ ଲକ୍ଷ୍ୟ ରଖାଯାଇଥିଲା ।

ଏବକାର ଯୁଦ୍ଧ ଇରାନକୁ ସାମରିକ ଶକ୍ତି ବଢ଼ାଇବା ଦିଗରେ ପ୍ରେରିତ କରିବ ନା ଦେଶର ଅର୍ଥ ବ୍ୟବସ୍ଥା ବୃଦ୍ଧି କିମ୍ବା ନାଗରିକ ସମାଜ ଓ ଘରୋଇ କ୍ଷେତ୍ରର ସ୍ୱାଧୀନତା ପାଇଁ ପଦକ୍ଷେପ ନେବ, ତାହାକୁ ନେଇ ପ୍ରଶ୍ନ ଉଠୁଛି । ୧୯୮୦ ଦଶକରେ ଇରାକ ସହ ଦୀର୍ଘ ୮ ବର୍ଷର ସଂଘର୍ଷ ଅନେକଙ୍କର ମନେରହିଥିବ । ଏହାଦ୍ୱାରା ରାଶନ ବ୍ୟବସ୍ଥା, କେନ୍ଦ୍ରୀୟ ଯୋଜନା ତଥା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ପ୍ରଭାବ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଥିଲା । ମାର୍କେଟ ନୀତି ପୁନର୍ବାର ଆରମ୍ଭ କରିବା ସହ ଘରୋଇ କ୍ଷେତ୍ରର ପୁନରୁଦ୍ଧାର ଆଦିରେ ସୁଧାର ଆଣିବା ଲାଗି ପାଖାପାଖି ୨ ଦଶନ୍ଧି ଲାଗିଗଲା । ଇରାନ ଏବେ ଭଲ ସ୍ଥିତିରେ ରହିପାରେ, କାରଣ ଯୁଦ୍ଧ ସୀମିତ ରହିଲା ଏବଂ ଏହାର ଘରୋଇ କ୍ଷେତ୍ର ଓ ମାର୍କେଟ ସଂସ୍ଥାଗୁଡ଼ିକ ଦୃଢ଼ ସ୍ଥିତିରେ ଅଛି । ଯୁଦ୍ଧ ପର ବ୍ୟାପକ ବିକାଶ ନିବେଶକୁ ଗ୍ରାମୀଣ ସମୁଦାୟ ସ୍ୱୀକାର କରିବେ । ହୁଏତ ସମାନ ପ୍ରକାର ନୀତିକୁ ସହରର ମଧ୍ୟବିତ୍ତ ବର୍ଗ ଗ୍ରହଣ କରିପାରନ୍ତି । ଯଦି ଏହା ଘଟେ, ତେବେ ଏକ ପ୍ରକାର ସାମାଜିକ ସହମତି ହାସଲ ହୋଇପାରିବ ବୋଲି ପେଜିସ୍କିଆନ୍ ଆଶା କରୁଛନ୍ତି । ୨ଦଶନ୍ଧି ପୂର୍ବେ ମଜାରେ କୁହାଯାଉଥିଲା, ଇସ୍‌ଲାମିକ ରିପବ୍ଲିକ୍‌ର ଏକ ସୁସଙ୍ଗତ କୋରିଆନ ରଣନୀତି ଥିଲା ଏବଂ ବେଳେବେଳେ ଏହା ଉତ୍ତର କୋରିଆ କିମ୍ବା ଦକ୍ଷିଣ କୋରିଆର ଥିଲା ବୋଲି କୁହାଯାଉଥିଲା । ବର୍ତ୍ତମାନ ଇରାନ ସମ୍ମୁଖରେ ସମାନ ପ୍ରକାର ବିକଳ୍ପ ଅଛି । ପରମାଣୁ ପ୍ରତିରୋଧ ଅସହମତିକୁ ଦବାଇବା ସହ ସୀମା ବନ୍ଦ ରଖିଥିବା ଉତ୍ତର କୋରିଆର ଢାଞ୍ଚା କେତେଜଣଙ୍କୁ ଆକର୍ଷକ ଲାଗିପାରେ । କିନ୍ତୁ ଇରାନର ସଂସ୍କୃତି , ଭୌଗୋଳିକ ଅଞ୍ଚଳ, ଇତିହାସ ଓ ସ୍ୱଭାବ ସହ ପରିଚିତ ଥିବା ଅଧିକାଂଶ ପର୍ଯ୍ୟବେକ୍ଷକ ଏହାକୁ ଏକ ଉପଯୋଗୀ ବିକଳ୍ପ ଭାବେ ଗ୍ରହଣ କରିବେ ନାହିଁ ।

ଏହା ନିଃସନ୍ଦେହ ଯେ, ନାଗରିକଙ୍କ ଆବଶ୍ୟକତା ପୂରଣ କରିବା ତଥା ସାମରିକ ପୁନର୍ଗଠନ, ଜଳ ଯୋଗାଣଠାରୁ ଆରମ୍ଭକରି ବାଧାପ୍ରାପ୍ତ ହୋଇଥିବା ଗ୍ୟାସୋଲାଇନ ଓ ଯୁବକଙ୍କ ନିଯୁକ୍ତିକୁ ନେଇ ଚିନ୍ତା ବଢ଼ିବ । ସୌଭାଗ୍ୟବଶତଃ ଆର୍ଥିକ ପୁନର୍ଗଠନକୁ ନୀତି ଦ୍ୱାରା ଆଗକୁ ବଢ଼ାଯାଇପାରିବ, ଯାହା ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ସହ ପ୍ରତିରକ୍ଷା ଓ ବିକାଶ ମଧ୍ୟରେ ବଜେଟଜନିତ ବିପରୀତ ସ୍ଥିତିକୁ ଦୂରକରିପାରିବ । ଯୁଦ୍ଧବିରତି ଜାରି ରହୁ ବୋଲି ଆଶା କରାଯାଏ । କିଏ ଜିତିବ କିମ୍ବା ହରିବା ତାହା ପ୍ରକୃତ ପ୍ରଶ୍ନ ନୁହେଁ । ପ୍ରଶ୍ନ ହେଉଛି, ଇରାନ୍ ଆର୍ଥିକ ବିକାଶରେ ବାଧାକୁ ପୂର୍ବାପେକ୍ଷା ଅଧିକ ବେଗରେ ହ୍ରାସ କରିବ ନା ଯୁଦ୍ଧର ବିଭୀଷିକା ଏକ ବିଚାରଗତ କଠିନତା ସୃଷ୍ଟିକରିବ । ବିକାଶ ସପକ୍ଷବାଦୀ ବିକଳ୍ପ ଶାସନ ଦ୍ୱାରା ବାଧାପ୍ରାପ୍ତ ହୋଇପାରେ , କିନ୍ତୁ ଏକ ସ୍ଥାୟୀ ଯୁଦ୍ଧ ମନୋଭାବ ଆର୍ଥିକ ଓ ସାମଜିକ ଦୃଷ୍ଟିରୁ ଅଯଥାର୍ଥ ।

**ଅର୍ଥନୀତି ପ୍ରାଧ୍ୟାପକ, ଭର୍ଜିନିଆ ଟେକ୍**



# ଜୀବନ ନୌକା



ଯଚିଦାନନ୍ଦ ଦାଶ

ପ୍ରତ୍ୟେକ ମଣିଷର ଜୀବନ ଏକ ନୌକା ସଦୃଶ । ଯାହାକୁ ନାଉରିଆ ନଦୀରୂପକ ସଂସାରରେ ତା'ର ଜିନିଷ ଓ ଆସବାବପତ୍ର ଲଦି ବାହିନେଇଥାଏ । ଲୌକିକ ମତରେ ଏହି ବୋହି ନେଉଥିବା ଆବାବାବପତ୍ରଗୁଡ଼ିକ କହିଲେ, ଜୀବନର ଚରିତ୍ର, ଶିକ୍ଷା, ସଂସ୍କାର, କର୍ତ୍ତବ୍ୟ, ଗୁଣ ଇତ୍ୟାଦିକୁ ବୁଝାଏ । ସଂସାରରେ କିଛି ଲୋକଙ୍କ ଜୀବନ ନୌକା ସୁଚାରୁରୂପେ ବାହିହୋଇଯାଉଥିବା ବେଳେ କିଛି ଲୋକଙ୍କ ଜୀବନ ନୌକା ଚାଳନାରେ ବିଭିନ୍ନ ବାଧା, ବିଘ୍ନ ଓ ବ୍ୟତିକ୍ରମ ଘଟିଥାଏ । ସୂକ୍ଷ୍ମ ଅର୍ଥରେ ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରୁକରୁ କେହି ସୁଖ, ସ୍ୱଚ୍ଛନ୍ଦ ଲାଭ କଲାବେଳେ ଆଉ କେହି ଦୁଃଖ, କଷ୍ଟର ଶିକାର ହୋଇପଡନ୍ତି । ଯେପରି କି କୋମଳ ବାୟୁର ପ୍ରବାହରେ ନୌକାଟିକୁ ନାଉରୀ ସୁରୁଖୁରୁରେ ଚଳାଇ ନିଏ ଏବଂ ବେଳେ ବେଳେ ଝଡ଼, ବତାସର ପ୍ରକୋପରେ ନୌକାଟି ଚଳି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହୁଏ, ନତୁବା ବୁଡିଯାଏ । ଏପରି ସ୍ଥିତିକୁ ବାସ୍ତବ ଅର୍ଥରେ ପୁରାତନ ଲୋକକଥା ଅନୁସାରେ ବର୍ଣ୍ଣନା କରାଯାଇଥାଏ । ଯଥା – 'ଏ ଘଟଣାଟି ଘଟି ମୋ ସଂସାର ବୁଡିଗଲା' ବା ଆମ ବାପାଙ୍କ ମୃତ୍ୟୁରେ ଆମ ସଂସାର ବୁଡିଗଲା ? ତେଣୁ ପୁରାତନ କାଳରୁ ବହୁକ୍ଷେତ୍ରରେ ନଦୀକୁ ସଂସାରର ଏକ ତୁଳନାତ୍ମକ ଆଖ୍ୟା ଦିଆଯାଇଛି । ନଦୀ ଯେପରି ଶାନ୍ତ ଓ ବେଳେ ବେଳେ ଉଗ୍ର ରୂପ ଧାରଣ କରେ, ଠିକ୍ ସେହିପରି ମଣିଷ ସଂସାରରେ ସୁଖ ଏବଂ ଦୁଃଖର ସମ୍ମୁଖୀନ ହୋଇଥାଏ । ନୌକାଟି ଯେପରି ନଦୀ ଓ ଜଳବାୟୁର ବିଭିନ୍ନ ପ୍ରତିକୂଳ ପରିବେଶକୁ ସମ୍ଭାଳି ବାହିଚାଲେ, ସେହିପରି ମଣିଷ ବିଭିନ୍ନ ପ୍ରକାର ପ୍ରତିକୂଳ ଏବଂ ସମସ୍ୟାବହୁଳ ପରିସ୍ଥିତିକୁ ସମ୍ଭାଳି ଚାଲେ ।

ନୌକାଟି ନଦୀକୂଳରେ ସୁରକ୍ଷିତ ଅବସ୍ଥାରେ ଥାଏ । ମାତ୍ର ସେ ପ୍ରକାର ରଖିବା ଦ୍ୱାରା ନୌକାଟି ତିଆରି ହେବାର ଉଦ୍ଦେଶ୍ୟ ସାଧିତ ହୋଇ ନ ଥାଏ । ନୌକାଟିକୁ ନଦୀରେ ବାହିତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗି ରହିବାର ଉଦ୍ୟମକୁ ପାଳନ କରିବାକୁ ପଡ଼ିବ । ମଣିଷ ମଧ୍ୟ ନୌକା ପରି ଆରାମରେ ଗୋଟିଏ ଜାଗାରେ ରହିବା ଜୀବନର ଉଦ୍ଦେଶ୍ୟ ନୁହେଁ, ତାକୁ (ମଣିଷ) ବିଭିନ୍ନ ସମସ୍ୟା, ବାଧା, ବିଘ୍ନ ପ୍ରତିଯୋଗିତା ଇତ୍ୟାଦିକୁ ସାହସର ସହିତ ସମ୍ମୁଖୀନ ହେବାକୁ ପଡ଼ିବ । ନୌକାଟି କୂଳରେ ପହଞ୍ଚିବା ପାଇଁ ଆହୁଲା ମାରି ଗାଢ଼ ପ୍ରଚେଷ୍ଟାର ସହିତ ବାହିନେଲା ଭଳି ମଣିଷ ତା'ର ଲକ୍ଷ୍ୟ ହାସଲ ପାଇଁ ସମସ୍ତ କାର୍ଯ୍ୟକଳାପଗୁଡ଼ିକୁ ହାଲୁକା ନ ଭାବି ଖୁବ୍ ଯତ୍ନ ସହକାରେ କରିଚାଲିବା ଉଚିତ । ମଣିଷ ଜୀବନରେ ନୌକାରେ ବୋହିଥିବା ଆବାସଭଳି ଯେଉଁ ସବୁ ଅଦୃଶ୍ୟ କଳା ଓ ଶକ୍ତି ଯଥା, ଚରିତ୍ର, ସଂସ୍କାର ଇତ୍ୟାଦି ଅଛି, ସେଗୁଡ଼ିକୁ ମଣିଷକୁ ଉଚିତ ମାର୍ଗରେ ନେବାକୁ ପଡ଼ିବ ଏବଂ ସତ୍‌ପଥରେ ଉପଯୋଗ କରିବାକୁ ପଡ଼ିବ । ମଣିଷର ଚରିତ୍ର ହେଉଛି ସବୁଠାରୁ ବଡ଼ ଉପାଦାନ । ଜୀବନରେ ଚରିତ୍ରର କଳଙ୍କବିହୀନ ହେବା ଦରକାର । ମାତ୍ର ଆମର ଭୌତିକ ଦର୍ଶନ ଏବଂ ଷଡ଼ରିପୁ ମଣିଷକୁ ଚରିତ୍ର ନିଷ୍କଳଙ୍କ କରିବାକୁ ଦିଏ ନାହିଁ । ସେଥିନିମନ୍ତେ ଜୀବନର ନୌକାକୁ ଏମିତି ଚଲେଇବାକୁ ପଡ଼ିବ ଯେପରିକି ମଣିଷର ଚରିତ୍ର ନିଷ୍କଳଙ୍କ ରହେ । ଯଦି ଆମେ ସଂସ୍କାରିତ ହୋଇଥିବା, ତେବେ ଆମର କର୍ମମୟ ଜୀବନ ନଦୀର କରାଳ ସ୍ରୋତକୁ ନୌକାଟି ଅତିକ୍ରମ କଲା ସଦୃଶ ସବୁ ବିପଦକୁ ସାମ୍ନା କରିଚାଲିବ ।

ଉପରୋକ୍ତ ବିଷୟବସ୍ତୁର ପ୍ରାସଙ୍ଗିକତାକୁ ନେଇ ଏକ କ୍ଷୁଦ୍ରଗଳ୍ପଟିଏ ଉପସ୍ଥାପନା କରିବାକୁ ମନେକରେ । ଜଣେ ବୃଦ୍ଧ ନାବିକଟିଏ ଦିନେ ନଦୀକୂଳରେ ବସି ଝଡବାତ୍ୟାରେ କ୍ଷୟ ହେଉଥିବା ତା'ର ପୁରୁଣା ନୌକାଟିକୁ ଲକ୍ଷ୍ୟକରି ବସିଥାଏ । ଏତି ସମୟରେ ଯୁବାକାଳରେ ନୌକା ଚଲେଇବାର ସ୍ମୃତି ମନେପଡ଼ିଯାଉଥାଏ । ଅତୀତରେ ଝଡବାତ୍ୟା ମିଶ୍ରିତ ନଦୀର ତରଙ୍ଗରେ ବହୁ ବାଧାବିଘ୍ନ ଅତିକ୍ରମ କରି ପରିସ୍ଥିତିର ଅନୁକୂଳକୁ ସୁହାଇଲାଭଳି ନୌକା ଚାଳନାକରି କେତେ ସେ ବିପଦରୁ ପାରି ହୋଇଯାଇଥିବାର କଥା ତା'ର ମନେ ପଡ଼ିଯାଉଥାଏ । ଉକ୍ତ କ୍ଷୁଦ୍ର ଉପସ୍ଥାପନାଟି ମଣିଷର ଜୀବନ ଓ ଜୀବନର ଉତ୍ଥାନ ପତନ ଏବଂ ଜଟିଳ ପରିସ୍ଥିତିକୁ ସାମ୍ନା କରିବାର ପ୍ରୟାସ ଓ ସାହସକୁ ବିଶ୍ଳେଷଣ କରେ । ଜୀବନରେ ସଫଳତା ଓ ବିଫଳତା, ଉନ୍ନତି ଓ ଅବନତି, ଦୁଃଖ-ସୁଖ, ଇତ୍ୟାଦି କଥା ଆସିବ । ମାତ୍ର ମଣିଷ ସେସବୁର ସାମ୍ନା କରିବାକୁ ଆଗଭର ହେବା ଉଚିତ । ଯେପରି ନାଉରିଆ ଜୀବନରୂପୀ ନୌକାକୁ ସବୁ ପରିସ୍ଥିତିରେ ଚାଳନା କରିବାର ପ୍ରଚେଷ୍ଟା କରିଥାଏ ।

**ସିଡ଼ିଏ, କଟକ**
**ମୋ :୭୦୦୮୬୫୦୬୩୯**

## ଏଇ ଭାରତରେ

ଶଜନା ଗଛର ଅନେକ ଗୁଣ । ଏହାର ଛାଲିଠାରୁ ଆରମ୍ଭ କରି ଶାଗ, ଛୁଇଁ ସବୁକିଛି କାମରେ ଆସେ । ଛୁଇଁ ଓ ଶାଗ ପୌଷ୍ଟିକ ତତ୍ତ୍ୱରେ ଭରପୂର ଓ ଛେଲିର ଔଷଧୀୟ ଗୁଣ ରହିଛି । ଏ ଦୃଷ୍ଟିରୁ ଉତ୍ତରପ୍ରଦେଶର ଜଣେ ଅବସରପ୍ରାପ୍ତ ବୈଜ୍ଞାନିକ କାମିନୀ ସିଂ ଶଜନା ଚାଷକୁ ଉତ୍ସାହିତ କରିବା ସହ ତାଙ୍କ ବ୍ୟବସାୟକୁ ୧.୭୫ କୋଟି ଟଙ୍କାରେ ପହଞ୍ଚାଇ ପାରିଛନ୍ତି । ସେ ବୈଜ୍ଞାନିକ ଭାବେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ସବ୍‌ଟ୍ରପିକାଲ ହର୍ଟିକଲ୍‌ଚର ଏବଂ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିସିନାଲ ଆଣ୍ଡ୍ ଆରୋମାଟିକ ପ୍ଲାଣ୍ଟରେ ଗବେଷକ ଭାବେ କାମ କରି ଅବସର ନେବା ପରେ ଜୈବିକ ପଦ୍ଧତିରେ ଶଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ । ୨୦୧୭ରେ ଏହି ଚାଷ ଆରମ୍ଭ କରିଥିଲେ । ଏଥିରେ ତାଙ୍କ ୧୭ ବର୍ଷ ଗବେଷଣାର ଅଭିଜ୍ଞତାକୁ ଉପଯୋଗ କରି ସଫଳ ହେବା ପରେ ଏଯାବତ ୧୦୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏଥିରେ ଯୋଡ଼ି ସାରିଲେଣି । ଏବେ ଶଜନା ଛୁଇଁ ଓ ଶାଗରୁ ୨୩ ପ୍ରକାର ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି । ଏଥିରେ ରହିଛି ସାବୁନ, ଗ୍ରୀନ୍ ଟି, କୁକିଜ୍, କ୍ୟାପ୍‌ସୁଲ, ତେଲ ଇତ୍ୟାଦି । ଏହି ଉତ୍ପାଦ ପ୍ରସ୍ତୁତ କରିବା ଲାଗି ସେ ଡକ୍ଟର ମର୍ନିଙ୍ଗା ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠା କରିଛନ୍ତି । ଏବେ ବ୍ୟବସାୟିକ କାରବାର ୧.୭୫ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୩୦ ପ୍ରତିଶତ ଲାଭ ମିଳୁଛି । କୃଷକମାନେ ସେମାନଙ୍କ ଉତ୍ପାଦକୁ ବିନା ମଧ୍ୟସ୍ଥରେ କାମିନୀଙ୍କ କମ୍ପାନୀକୁ ଦେଇ ଅଧିକ ଲାଭ ପାଇପାରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୪ ଜୁଲାଇ ୧୯୭୬

- ୟୁରୋପୀୟ ସାଧାରଣ ବଜାର ଓ ଭାରତ ମଧ୍ୟରେ ଖୋଟ ବାଣିଜ୍ୟ ସମ୍ପର୍କରେ ଏକ ଚୁକ୍ତି ସମ୍ପାଦିତ ।
- କଳା, ସାହିତ୍ୟ, ସଂସ୍କୃତି ଏବଂ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ ଓ ଉତ୍ତର କୋରିଆ ମଧ୍ୟରେ ଏକ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 6 | | | 7 | | |
| | 6 | | 1 | | | | | |
| 7 | | | | | 9 | | 3 | |
| | | | | | | 9 | | |
| 6 | | | 5 | | | 1 | | |
| | 5 | | 4 | 1 | | | | |
| | 7 | | | | | | | 2 |
| | | 8 | 3 | | 6 | | | |
| | 1 | | | 5 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 8 | 4 | 2 | 3 | 9 | 6 |
| 4 | 3 | 8 | 9 | 7 | 6 | 1 | 5 | 2 |
| 6 | 2 | 9 | 1 | 5 | 3 | 7 | 4 | 8 |
| 1 | 6 | 7 | 2 | 9 | 4 | 5 | 8 | 3 |
| 8 | 5 | 2 | 6 | 3 | 1 | 9 | 7 | 4 |
| 3 | 9 | 4 | 5 | 8 | 7 | 2 | 6 | 1 |
| 5 | 4 | 6 | 3 | 1 | 9 | 8 | 2 | 7 |
| 9 | 7 | 3 | 4 | 2 | 8 | 6 | 1 | 5 |
| 2 | 8 | 1 | 7 | 6 | 5 | 4 | 3 | 9 |

ଗତକାଲିର ଉତ୍ତର

# ଜନଗହଳିରେ ଶିଶୁଙ୍କ ସୁରକ୍ଷା



ଶୁଭନାରାୟଣ ଶତପଥୀ

ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁରୀ ବଡଦାଣ୍ଡ ତଥା ସଂଲଗ୍ନ ଅଞ୍ଚଳ ଲୋକାରଣ୍ୟ ହୋଇ ରହିଥାଏ । ଅନେକ ଭକ୍ତ ସେମାନଙ୍କ ପିଲାଛୁଆଙ୍କୁ ସାଙ୍ଗରେ ଧରି ଆସିଥାନ୍ତି । ଅଲକ୍ଷ୍ୟରେ ପିଲାମାନଙ୍କ ସୁରକ୍ଷା ଟିକେ ଢିଲା ହୋଇଯାଇଥାଏ । ଭିଡ ଭିତରେ କେତେବେଳେ ସେମାନଙ୍କ ହାତଛଡା କରିଦିଅନ୍ତି ତ କେତେବେଳେ ସେମାନେ ହଜିଯାଆନ୍ତି । ତେବେ ପିଲାଚୋର, ଚାଲାଣକାରୀ, ଅଙ୍ଗତସ୍କରଙ୍କ ଭୟ ଭୁଲିଯିବା କଥା ନୁହେଁ ।

ଏକ ଘଟଣା । ଜଣେ ମାଆ ତାଙ୍କର ପୁଅଝିଅଙ୍କୁ ସାଙ୍ଗରେ ନେଇ ରଥଯାତ୍ରାକୁ ଆସିଥିଲେ ପୁରୀ । ଭିଡ ଭିତରେ ପିଲାଦୁଇଟି ହଜିଗଲେ । ତେବେ ତାଙ୍କ ମୋବାଇଲ ଫୋନଟି ପିଲାଙ୍କ ହାତରେ ରହିଯାଇଥାଏ । ଏହି ସମୟରେ ରାଜ୍ୟ ସରକାର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ୟୁନିସେଫ, ସୂଚନା ଓ ଲୋକସମ୍ପର୍କ ବିଭାଗଙ୍କ ମିଳିତ ସହଯୋଗରେ ପ୍ରତି ସୂଚନା କେନ୍ଦ୍ରରେ ନିୟୋଜିତ ହୋଇଥିବା ସ୍ୱେଚ୍ଛାସେବୀଙ୍କ ନଜରକୁ ଆସିଲେ ଏହି ଦୁଇପିଲା । ବୟସ ପ୍ରାୟ ୧୦ରୁ ୧୨ବର୍ଷ ହେବ । ସେମାନେ ପିଲା ଦୁହିଁଙ୍କୁ ପାଇବା ପରେ ଘର ଠିକଣା ବୁଝି ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କଲେ । କିନ୍ତୁ ପ୍ରାୟ ଏକ ଘଣ୍ଟା ଅପେକ୍ଷା ପରେ କେହି ନ ଆସିବାରୁ ଶିଶୁ ଦୁହିଁଙ୍କୁ ଶିଶୁ ମଙ୍ଗଳ କମିଟି ନିକଟକୁ ନିଆଗଲା । ଝିଅଟି ନିରନ୍ତର କାନ୍ଦୁଥାଏ । କହୁଥାଏ ମୋ ବୋଉକୁ ଖୋଜିଆଣ । ଘରର ଫୋନ ନମ୍ବର ବା ସମ୍ପର୍କୀୟ କାହାରି ଫୋନ ନମ୍ବର କହିପାରୁ ନ ଥାନ୍ତି କି ସେମାନେ ଧରିଥିବା ଫୋନଟିକୁ କେହି କଲ କରୁ ନ ଥାନ୍ତି । ପଚାରିବାରୁ କହିଲେ ଏଇଟା ମୋ ବୋଉର ଫୋନ । କିନ୍ତୁ ନମ୍ବର ଜଣାନାହିଁ । ପ୍ୟାଟର୍ନ ଲକ୍ ଅଛି । ବଡ ସମସ୍ୟାରେ ପଡିଲେ ଶିଶୁମଙ୍ଗଳ କମିଟି । ତେବେ ଜଣେ ସଦସ୍ୟଙ୍କ ନିରନ୍ତର ଚେଷ୍ଟା ଫଳରେ ମୋବାଇଲର ପ୍ୟାଟର୍ନ ଲକ୍ ଖୋଲିଗଲା । ଘର ସମ୍ପର୍କୀୟଙ୍କୁ ଯୋଗାଯୋଗ ହେଲା । ସେମାନେ ପିଲାମାନଙ୍କ ସହିତ କାଥାବାର୍ତ୍ତା କଲେ । ସତେବେଳକୁ ସହରର ସବୁ ସୂଚନା କେନ୍ଦ୍ରକୁ ଖବର ଦିଆଯାଇ ପିଲାଟିର ମାଆଙ୍କ ସାହିତ ଯୋଗାଯୋଗ ନିମନ୍ତେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଡକାଯାଉଥାଏ । ଇତିମଧ୍ୟରେ ପିଲାମାନେ ଧରିଥିବା ଫୋନରୁ ଯୋଗାଯୋଗ ନମ୍ବର ନେଇ ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗ ହେବା ପରେ ସେମାନେ ଆସି ପହଞ୍ଚି ଯାଇଥିଲେ ପିଲାମାନଙ୍କୁ ନେବାପାଇଁ । କମିଟି ନିକଟରେ ପରିଚୟ ପତ୍ରର ନିରୀକ୍ଷଣ କାର୍ଯ୍ୟ ଚାଲୁଥାଏ । ପିଲାମାନଙ୍କ ବୋଉ ଆସିଲେ । ତୁମେମାନେ କେଉଁଆଡେ ଚାଲିଗଲ ବୋଲି ପାଟିକଲେ ମାଆ । ପିଲାମାନଙ୍କ ଦାୟିତ୍ୱ ତୁମର, ତୁମେ ସିନା ପିଲାଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବ କହିଲେ ସିଡବ୍ଲ୍ୟୁସି ଅଧ୍ୟକ୍ଷ । ବୁଝାଶୁଝା ପରେ ମାଆଙ୍କ ସହିତ ପିଲାମାନେ ଘରକୁ ଫେରିଲେ ।

ଅନ୍ୟ ଏକ ଘଟଣାରେ ପିଲାଟିଏ ହଜିଯାଇଥିବା ଖବର ତା'ର ଅଭିଭାବକ ସ୍ଥାନୀୟ ସୂଚନା କେନ୍ଦ୍ରରେ ଜଣାଇଲେ । ସେଠାରେ ଥିବା ସ୍ୱେଚ୍ଛାସେବୀ ଜଣକ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କଲେ । କିନ୍ତୁ କିଛି ଲାଭ ହେଲାନାହିଁ । ଚବିଶ ଘଣ୍ଟିଆ ଶିଶୁ ସୁରକ୍ଷା ସେବାର ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ଜଣାଇବା ପରେ ସବୁ ସୂଚନା କେନ୍ଦ୍ରଗୁଡିକରେ ଏହି ବିଷୟକୁ ବାରମ୍ବାର ଘୋଷଣା କରାଗଲା । ଚାଇଲ୍ଡ ହେଲ୍ପଲାଇନ କର୍ମୀମାନେ ବିଭିନ୍ନ ସ୍ଥାନ ବୁଲିଲେ । ସମସ୍ତଙ୍କ ପ୍ରୟାସରେ ପିଲାଟି ମିଳିଗଲା । ମାତାପିତା ଓ ପିଲାଟି ମଧ୍ୟରେ ଆବେଗର ସେ ଝଡ ବର୍ଣ୍ଣନା କରିହେବ ନାହିଁ । ରଥଯାତ୍ରା ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ସିଡବ୍ଲ୍ୟୁସିରେ ଅନ୍‌ଲାଇନ ଉପସ୍ଥାପିତ ହେଲା ପିଲାଟି । ମାତାପିତାଙ୍କ ଚିହ୍ନଟ ପ୍ରକ୍ରିୟା ସାରି ତାକୁ ତା'ର ପରିବାରରେ ସମ୍ମିଶ୍ରଣ କରାଇଲେ ।

ପରେ ପରେ ବୁଲୁଥିବା ପାଞ୍ଚଜଣ ରାଜ୍ୟ ବାହାରର ପିଲାମାନଙ୍କୁ ନେଇ ସ୍ଥାନୀୟ ପୋଲିସ ଆସିଲେ । ଲୋକେ ଏହି ପିଲାମାନଙ୍କୁ ଚୋର ବୋଲି କହୁଥିଲେ । ପଚାରିବାରୁ ଏହି ପିଲାମାନେ ଚୋରି କାରିବା ବିଷୟ ମନା କରୁଥାନ୍ତି । ଏଣୁ ଶିଶୁ ମଙ୍ଗଳ କମିଟି ନିକଟକୁ ଆଣିଲେ । ପରେ ଶିଶୁମାନଙ୍କୁ ମୁକ୍ତ ଆଶ୍ରୟସ୍ଥଳୀରେ ସାମୟିକ ଥଇଥାନ କରାଗଲା । ତେବେ ଶିଶୁମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସମ୍ମାନକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ସେମାନଙ୍କୁ ସେମାନଙ୍କ ପରିବାରରେ ପୁନଃମିଶ୍ରଣ କରାଗଲା । ଏମିତି ଘଟଣା ପ୍ରତିବର୍ଷ ରଥଯାତ୍ରା ସମୟରେ ସାମ୍ନାକୁ ଆସେ । ଗତବର୍ଷ ପୁରୀରେ ରଥଯାତ୍ରା ସମୟରେ ପ୍ରାୟ ୨୫୦ ଶିଶୁଙ୍କୁ ଉଦ୍ଧାର କରାଯାଇ ଥଇଥାନ ବା ପରିବାରରେ ସମ୍ମିଶ୍ରଣ କରାଯାଇଥିଲା । ଅତ୍ୟଧିକ ଜନଗହଳି ରହୁଥିବାରୁ ପିଲାଚୋର, ଚାଲାଣକାରୀ, ଦଲାଲ ଆଦିଙ୍କ ଅପଚେଷ୍ଟାକୁ ପଣ୍ଡ କରିବାର ଏହି ସ୍ୱତନ୍ତ୍ର ପ୍ରୟାସ ପ୍ରଶଂସନୀୟ । ଏହି ସବୁ ବିପରୀତ ପରିସ୍ଥିତିକୁ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଚାଲିଆସିଲେ କିଶୋର ନ୍ୟାୟ ଅଧିନିୟମ ଧାରା ୨(୧୪)ଅନୁସାରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଭାବରେ ପରିଗଣିତ ହୁଅନ୍ତି । ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ।



ତେବେ ଅଧିକ ଜନଗହଳି ସ୍ଥାନକୁ ଯିବାକୁ ବାରଣ କରିବା, ଶିଶୁମାନଙ୍କ ହାତକୁ ନ ଛାଡିବା, ମୋବାଇଲ ନମ୍ବର ମନେରଖିବା, ବିପରୀତ ପରିସ୍ଥିତିରେ କ'ଣ କରିବେ ଜଣାଇବା ପ୍ରତ୍ୟେକ ଅଭିଭାବକଙ୍କ ଦାୟିତ୍ୱ । ଶିଶୁମାନଙ୍କ ମନକୁ ବୁଝିବା, ଶାରୀରିକ ସ୍ଥିତିକୁ ବୁଝି ବୁଲିବା ଓ ବୁଲାଇବା ଜରୁରୀ । ତା'ର ଅର୍ଥ ନୁହେଁ ଜଣେ ବୟସ୍କ ବ୍ୟକ୍ତି ସହ ସମକକ୍ଷ ହୋଇ ସେ ଚାଲି ପାରିବ, ଝୁଣ୍ଟିବ ନାହିଁ, କୌଣସି ଜିନିଷ, ଖାଦ୍ୟ ପ୍ରତି ଆକୃଷ୍ଟ ହେବ ନାହିଁ, ପ୍ରଲୋଭିତ ହେବ ନାହିଁ । ନିଜର ବିରକ୍ତିଭାବକୁ ପରିପ୍ରକାଶ କରିବାକୁ ଯାଇ ତାକୁ ଦଣ୍ଡ ଦେବା, ଗାଳି କରିବା ସମସ୍ୟାର ସମାଧାନ ନୁହେଁ । ଶିଶୁଟିଏ ସନ୍ଦେହଜନକ, ବିପଦ ସ୍ଥିତିରେ ଥିଲେ ବା ବୁଲୁଥିଲେ ତାକୁ ସାହାଯ୍ୟ କରିବା, ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮, ଶିଶୁ ସୁରକ୍ଷା ବ୍ୟବସ୍ଥା ତଥା ପୋଲିସକୁ ଜଣାଇବା ସମସ୍ତ ନାଗରିକମାନଙ୍କ କର୍ତ୍ତବ୍ୟ । କୌଣସି ଶିଶୁକୁ ଏପରି ଅବସ୍ଥାରେ ପାଇଲେ ସ୍ଥାନୀୟ ଶିଶୁମଙ୍ଗଳ କମିଟିଙ୍କ ନଜରକୁ ନେବା ଜରୁରୀ । କାରଣ ଏହା ଆଇନ, ଶିଶୁ ଅଧିକାରର ପରିସରଭୁକ୍ତ । ଠିକ୍ ଥଇଥାନ ଶିଶୁ ଅଧିକାରର ସୁରକ୍ଷା । ଏଣୁ ଲକ୍ଷାଧିକ ଜନସମାଗମ ହେଉଥିବା ସ୍ଥାନ ବା ଯାନିଯାତ୍ରା ନିମନ୍ତେ ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ଶିଶୁମାନଙ୍କ ଉଦ୍ଧାର, ଉପସ୍ଥାପନ, ଥଇଥାନ ଓ ସଚେତନତା ପାଇଁ ସରକାର ଏକ ମାର୍ଗଦର୍ଶିକା ପ୍ରଣୟନ କଲେ ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏହା ଏକ ମାଇଲଖୁଣ୍ଟ ହେବ ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ବର୍ଣ୍ଣମାଳାରେ ବର୍ଣ୍ଣ ଓ ଧ୍ୱନି ସଂଖ୍ୟା ପ୍ରକୃତରେ କେତେ

ମହାଶୟ,

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଆମ ଓଡ଼ିଆ ବ୍ୟାକରଣ ପୁସ୍ତକର ଦ୍ୱିତୀୟ ଅଧ୍ୟାୟ ଧ୍ୱନି, ଲିପି, ବର୍ଣ୍ଣ ଓ ଅକ୍ଷର ଶୀର୍ଷକ ବିଷୟର ପୃଷ୍ଠା ୧୪ରେ ଓଡ଼ିଆ ବର୍ଣ୍ଣମାଳା ସଂଖ୍ୟା ୫୦ ଓ ଓଡ଼ିଆ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୩ ବୋଲି ଉଲ୍ଲେଖ ରହିଥିବା ସ୍ଥଳେ ଉକ୍ତ ପୃଷ୍ଠାରେ ଏହି ବ୍ୟଞ୍ଜନ ଧ୍ୱନିଗୁଡ଼ିକର ତାଲିକାରେ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୨ ବୋଲି ପ୍ରକାଶିତ ହୋଇଛି । ଡ. କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଅନ୍ୟମାନଙ୍କ ଦ୍ୱାରା ରଚିତ କଟକ ବିନୋଦ ବିହାରୀର ସତ୍ୟନାରାୟଣ ବୁକ୍ ଷ୍ଟୋର ଦ୍ୱାରା ପ୍ରକାଶିତ ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ ପୁସ୍ତକର ତୃତୀୟ ବିଷୟ ଧ୍ୱନି, ବର୍ଣ୍ଣ ଓ ବର୍ଣ୍ଣମାଳା(ପୃଷ୍ଠା-୧୨)ରେ ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯, ବ୍ୟଞ୍ଜନ ଧ୍ୱନି ୩୨ଟି । ତେବେ ଉକ୍ତ ସମସ୍ତ ପୁସ୍ତକଗୁଡ଼ିକରେ ସ୍ଥାନିତ ସଂଖ୍ୟାକୁ ଯଦି ଆମେ ମିଶାଇବା(ସ୍ୱର ଓ ବ୍ୟଞ୍ଜନ) ତେବେ ତାହା ୪୧ ଓ ୪୦ ହେବ । ଓଡ଼ିଆ ଭାଷାବିତ୍ ଡ. ଧନେଶ୍ୱର ମହାପାତ୍ରଙ୍କ ମତରେ, ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯ ଓ ଧ୍ୱନି ସଂଖ୍ୟା ୪୦ । ତେବେ ପ୍ରକୃତରେ କେଉଁଟି ଠିକ୍ ।

**-ପ୍ରଫୁଲ୍ଲ କୁମାର ନାୟକ, ମହେଶ୍ୱରପଲ୍ଲୀ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା-
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର-ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ-ଶକତି,
ଅନ୍ଧୁଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା !
-(ପ୍ରକୃତ-ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏକଲବ୍ୟ ମଡେଲ ସ୍କୁଲରୁ ଛାତ୍ର ନିଖୋଜ

**ପାଟଣା,୩।୭(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ବେଗୁନା ଖମାରସ୍ଥିତ ଏକଲବ୍ୟ ଆବାସିକ ମଡେଲ ସ୍କୁଲରୁ ଗୁରୁବାର ସକାଳେ ଜଣେ ଷଷ୍ଠ ଶ୍ରେଣୀରେ ଛାତ୍ର ନିଖୋଜ ହୋଇଯାଇଛି। ଏ ନେଇ ଅଧକ୍ଷ ମୁକେଶ କୁମାର ଶର୍ମା ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ନିଖୋଜ ଛାତ୍ର ଜଣକ ହେଉଛନ୍ତି ପାଟଣା ବ୍ଲକ୍ ମାରିଗାଁ ପଞ୍ଚାୟତ କଟାଦେଓ୍ୱା ଗ୍ରାମର ଭଗବାନ ମହାନ୍ତଙ୍କ ପୁଅ ମିତ୍ରଭାନୁ(୧୨)। ସେ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ପାଟଣା ଥାନା ଅଧିକାରୀ ନିରଞ୍ଜନ କୁମାର ମହାକୁଡଙ୍କ ନେତୃତ୍ୱରେ ଗଠିତ ଟିମ ଛାତ୍ରଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଛି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବଡ଼ବିଲ,୩।୭(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଉତ୍ତମ ସିଂ ହଟିଂର ଜଣେ ଯୁବକ ରଶି ଲଗେଇ ରଶି ଲଗେଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଚରଣ ଚନ୍ଦ୍ର ଗୋପ (୨୨)। ଉତମସିଂ ହଟିଂ ଅଞ୍ଚଳରେ ଚରଣ ପରିବାର ସହ ରହୁଥିଲେ। ବିବାହ ପରେ ସ୍ତ୍ରୀ କୌଣସି କାରଣକୁ ନେଇ ବାପ ଘରକୁ ଚାଲିଯାଇଥିବା ଯୋଗୁ ସେ କିଛିଦିନ ହେବ ମାନସିକ ଦୁଶ୍ଚିନ୍ତାରେ ଥିଲେ। ବୁଧବାର ରାତିରେ ସେ ଘରେ ଶୋଇଥିଲେ। ଗୁରୁବାର ସକାଳେ ପରିବାର ଲୋକେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଶୋଇବା ଘର ସେଣିରେ ଦଉଡ଼ି ସାହାର୍ଯ୍ୟରେ ଫାଶି ଲଗାଇ ଚରଣ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ବଡ଼ବିଲ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଟ୍ରକ୍-କାର୍ ଧକ୍କା, ଦମ୍ପତି ଗୁରୁତର

**ପାଟଣା,୩।୭(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ସୋରାସପଶି ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡ଼ର ଉପରକୁ ଚଢ଼ି ଟ୍ରକ୍‌କୁ ଧକ୍କା ଦେଇଛି। ଫଳରେ କାରରେ ଥିବା ଦମ୍ପତି ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଦମ୍ପତି ହେଉଛନ୍ତି ତୁରୁମୁଙ୍ଗାର ବିଭୁ ବେହେରା ଏବଂ ତାଙ୍କ ସ୍ତ୍ରୀ। ଉଭୟ କେନ୍ଦୁଝରରୁ ତୁରୁମୁଙ୍ଗାକୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ତୁରୁମୁଙ୍ଗା ପୋଲିସ ଦୁର୍ଘଟଣା ଗ୍ରସ୍ତ ୨ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

### ବିଦ୍ୟାଳୟରେ ଚାରାରୋପଣ

**ଛେନାପଦି/ବଉଳା,୩।୭(ନିରାକାର ପରିଡା/ ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ ଅଧୀନ ଗିରିଗାଁସ୍ଥିତ ଶ୍ରୀଧର ସରକାରୀ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଦେବେନ୍ଦ୍ରନାଥ ସାହାଙ୍କ ସଂଯୋଜନାରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମ ଯଥା ଆମ୍ବ, ଆକାଶିଆ, ମେହେଗାନି, ଜାମୁ, ଓଉ, ପିଆଶାଳ ଆଦି କିସମର ଚାରାରୋପଣ ହୋଇଛି। କାର୍ଯ୍ୟକ୍ରମରେ ସ୍କୁଲ କମିଟିର ଚେୟାରମ୍ୟାନ ପଦ୍ମନାଭ ସ୍ୱାଇଁ, ଯୁବ ସାମାଜିକକର୍ମୀ ନୀଳମଣି ବାରିକଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ହିମାଦ୍ରୀ ନନ୍ଦିନୀ ସ୍ୱାଇଁ, ଶୁଭଶ୍ରୀ ଜେନା, ଶିକ୍ଷକ ଅଜୟ ବରାଳ, ପ୍ରଦୋଷ କୁମାର ନାୟକ ଏବଂ ସ୍କୁଲର ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ।

# ଛୁଟିରେ ଅଧିକାରୀ, କାର୍ଯ୍ୟ ଠପ୍

**କେନ୍ଦୁଝର,୩।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ଭୁବନେଶ୍ୱର ନଗର ନିଗମର ଅତିରିକ୍ତ କମିଶନରଙ୍କୁ ମାଡ ଘଟଣାରେ ୩ ଦିନ ହେଲା ଜିଲାର ସମସ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସମୂହ ଛୁଟିରେ ରହିଛନ୍ତି। ଫଳରେ କେନ୍ଦୁଝର ଜିଲାରେ କାମକାର୍ଯ୍ୟ ବ୍ୟାହତ ହେଉଛି। ସରକାରୀ କାର୍ଯ୍ୟାଳୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ବିଭିନ୍ନ କାମରେ ଆସୁଥିବା ସାଧାରଣ ଲୋକେ ହଇରାଣ ହେଉଛନ୍ତି। ବିଶେଷ କରି ଜିଲାର ୨ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପ ଜିଲାପାଳ, ଆଇଟିଡିଏ, ବ୍ଲକ, ତହସିଲ, ଆରଟିଓ, ରେଜିଷ୍ଟ୍ରି କାର୍ଯ୍ୟାଳୟ ଆଦି ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଲୋକେ ହଇରାଣ ହେଉଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଓଏଏସ୍ ସଂଘର ଏକ ଜରୁରୀ ବୈଠକ ବସି ସମୂହ ଛୁଟି ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ




ଅଧିକାରୀମାନେ ଅଫିସ ଆସି ନ ଥିଲେ। ଫଳରେ ବିଭିନ୍ନ ଜରୁରୀ କାମରେ ଆସୁଥିବା ଲୋକମାନେ ଅଧିକାରୀଙ୍କୁ ନ ପାଇ ନିରାଶ ହୋଇ ଫେରୁଛନ୍ତି। ବିଶେଷ କରି ଜିଲାରେ କୌଣସି କାମର ଆଦେଶ, ବିଲ ପିଠ ବିନା ଅଧିକାରୀଙ୍କ ଦସ୍ତଖତରେ ହୋଇ ନ ପାରି ସେହିପରି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ ଆଫିଡେଭିଟ କାମ ମଧ୍ୟ ହୋଇ ପାରୁ ନ ଥିବାରୁ ଓକିଲ ତଥା ସାଧାରଣ ଲୋକଙ୍କୁ ନିରାଶ ହେବାକୁ ପଡୁଛି। ସେହିପରି ୨ ଦିନ ହେଲା ଜମିଜମା ବିକା ପାଇଁ ରେଜେଷ୍ଟ୍ରି ଅଫିସରୁ ମିଳିଥିବା ସ୍ଲଟ୍‌କୁ ଧରି ଆସିଥିବା ଲୋକଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ୁଛି। ବର୍ଷା ଦିନରେ ଲୋକଙ୍କୁ ବାରମ୍ବାର ଆସିବାକୁ ପଡୁଥିବା ଏବଂ ଜରୁରୀ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଥିବାରୁ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବୃଦ୍ଧଭତ୍ତା, ଭିନ୍ନକ୍ଷମ ଲୋକ ତଥା ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ଏଭଳି ଆନ୍ଦୋଳନ ଘଟଣା ସମ୍ପର୍କରେ ଅବଗତ ହୋଇ ନ ଥିବାରୁ ହଇରାଣ ହୋଇ ଫେରୁଛନ୍ତି। ଏ ନେଇ ତୁରନ୍ତ ସମାଧାନ ବାହାର କରିବାକୁ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ଅବସରପ୍ରାପ୍ତ ଅଧିକାରୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ବରିଷ୍ଠ ନାଗରିକ ସଞ୍ଜୟ କୁମାର ପଣ୍ଡା କହିଛନ୍ତି, ବିବାଦର କାରଣ ଯାହା ହେଉ ନା କାହିଁକି ଏଭଳି ସମୂହ ଛୁଟି ନେଇ ପ୍ରତିବାଦ ଆଜିକାର ସମୟରେ ଆଦୌ ସମୀଚୀନ ନୁହେଁ। ଏହା ଦ୍ୱାରା ସାଧାରଣଲୋକଙ୍କ ସମସ୍ୟା ବଢୁଛି। ଏହା ଅଧିକ ଦିନ ଜାରି ରହିଲେ ଗୁରୁତର ପରିସ୍ଥିତି ସୃଷ୍ଟି ହେବ। ବର୍ଷା ଯୋଗୁ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସେସବୁ ମୁକାବିଲା ପାଇଁ ଅଧିକାରୀମାନେ କାମକୁ ଫେରିବା ଜରୁରୀ। ସରକାର ଘଟଣାକୁ ଗୁରୁତର ସହ ନେଇ ସମାଧାନ କରିବା ଜରୁରୀ ହୋଇପଡ଼ିଛି। ବରିଷ୍ଠ ଆଇନଜୀବୀ ଦେବିପ୍ରସାଦ ଆପଟ କହିଛନ୍ତି, ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଘଟଣାସ୍ଥଳରେ ପୋଲିସ ସହିତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ଜରୁରୀ। ଏଣୁ ଯଦି ଓଏଏସମାନେ ଛୁଟିରେ ଯାଇ ଆନ୍ଦୋଳନ କରିବେ ସେଭଳି ପରିସ୍ଥିତି ଉପୁଜିଲେ କିଭଳି ମୁକାବିଲା କରାଯାଇ ପାରିବ। ଆନ୍ଦୋଳନ ବେଳେ ନିୟନ୍ତ୍ରଣ ପାଇଁ ଆଲୋଚନା କିଏ କରିବ। ଏଣୁ ଏହି ଆନ୍ଦୋଳନ ବନ୍ଦ ହେବା ଜରୁରୀ ବୋଲି ସେ କହିଛନ୍ତି।

# ଅନୁଧ୍ୟାନକଲେ ଖଣି ନିର୍ଦ୍ଦେଶକ

**ଚୋରା ଖଣିଜ ଖନନ ବେଳେ ୩ ଜଣଙ୍କ ମୃତ୍ୟୁ ଘଟଣା**

**ଯୋଡ଼ା,୩।୭(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଝିଲ୍ଲାକୁଣ୍ଡୀ ନିକଟସ୍ଥ ବିତରଣୀ (କ) ସଂରକ୍ଷିତ ଜଙ୍ଗଲ ଦଲାପାହାଡ଼ଠାରେ ଚୋରା ଖଣିଜ ଖନନ ବେଳେ ମାଟି ଧସି ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ପ୍ରାୟ ୭ଟା ସମୟରେ ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରକାଶ ଯେ, ଏହି ଚୋରା ଖନନ ହେଉଥିବା ସ୍ଥାନରୁ ଅତି ଉଚ୍ଚମାନର ହାଇଗ୍ରେଡ଼ ଡାଇ ଅକ୍ସାଇଡ ମାଙ୍ଗାନିଜ ମିଳିଥାଏ। ଯାହାର ମୂଲ୍ୟ ଟନ ପିଛା ୨୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ। ଘଟଣା ଘଟିଥିବା ସ୍ଥାନରେ ରାସ୍ତା ନ ଥିବାବେଳେ ସାଧାରଣତଃ ଖଣିଜ ଚୋରିରେ ସମ୍ପୃକ୍ତ ବ୍ୟକ୍ତି ବସ୍ତାରେ ଭର୍ତ୍ତି କରି ଛୋଟ ଗାଡ଼ିରେ ଚୋରା ପରିବହନ କରିଥାଆନ୍ତି। ଘଟଣା ବାରମ୍ବାର ହୋଇ ଆସୁଥିଲେ ହେଁ ଅତଡ଼ା ଖସି ଶ୍ରମିକ ମୃତ୍ୟୁ ପରେ ଜିଲା ପୋଲିସ, ବନ ବିଭାଗ, ଖଣି ବିଭାଗ ତଦନ୍ତ ଆରମ୍ଭ କରିଛି। ନିର୍ଦ୍ଦେଶକ ଲେଙ୍କା ଗୁରୁବାର ଅଞ୍ଚଳ ପରିଦର୍ଶନ କରିଥିଲେ ହେଁ କୌଣସି ମତାମତ ଦେଇ ନ ଥିଲେ। ମାତ୍ର ସଂରକ୍ଷିତ ଜଙ୍ଗଲରେ ଚୋରା ଖଣିଜ ଖନନକୁ କିପରି ପ୍ରତିହତ କରାଯାଇ ପାରିବ ସେ ନେଇ ଡିଏଫଓ ଏବଂ ଧନରାଜଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। କୋଇଡ଼ା ଖଣି ମଣ୍ଡଳରେ ଚୋରା ଖଣିଜ କାରବାର ବ୍ୟାପକ ହେବାରୁ ରାଜ୍ୟ ସରକାର ଜିରୋ ଟୋଲେରେନ୍ସ ନୀତି ଅନୁଯାୟୀ ଏସ୍ଆଇଟି ଗଠନ କରିବା ସହିତ ଏହାର ତଦନ୍ତ ଭାର ଭିଜିଲାନ୍ସକୁ ଦେଇଛନ୍ତି। ଏଣୁ ଯୋଡ଼ା ଖଣି ମଣ୍ଡଳରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ଟିମ୍ ତଦନ୍ତ କରିବାକୁ ଦାବି ହୋଇଛି। ନିର୍ଦ୍ଦେଶକଙ୍କ ଗସ୍ତ ସମ୍ପର୍କରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିନେଶ ଅଗ୍ରୱାଲଙ୍କୁ ପଚାରିବାରୁ କହିଛନ୍ତି, ଘଟଣାସ୍ଥଳକୁ ନିର୍ଦ୍ଦେଶକ ଯାଇ ପରିଦର୍ଶନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଧିକ ମତାମତ ଦେବାକୁ ମନା କରିଦେଇଥିଲେ।



କେନ୍ଦୁଝର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ନୃସିଂହ, ବାମନ ବେଶ। (ଫଟୋ– ନରେଶ ଚନ୍ଦ୍ର ପଟ୍ଟନାୟକ)

# ଡ୍ରେନ୍ ସଫାକଲେ ଉପନଗରପାଳ

**କେନ୍ଦୁଝର,୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରଗଡ଼ ପୌରପାଳିକାର ୧୬ ନମ୍ବର ୱାର୍ଡର ମୁଖ୍ୟରାସ୍ତା ଡ୍ରେନ୍‌ରେ ପାଣି ନିଷ୍କାସନ ସମସ୍ୟା ହେଉଛି। ଡ୍ରେନ୍ ପାଣି ଘର ଓ ରାସ୍ତାରେ ପଶୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଖବର ପାଇ ଉପ ନଗରପାଳ ବରୋଦା ପ୍ରସନ୍ନ ଦାସ ପହଞ୍ଚି ସଫେଇ କର୍ମଚାରୀଙ୍କ ଖବର ଦେଇଥିଲେ। କର୍ମଚାରୀ ବାଉଁଶ, ଲାଠି ଧରି ଆସିଲେ କିନ୍ତୁ କେହି ସଫେଇ ନ କରିବାରୁ ସେ ନିଜେ ବାଉଁଶ ଧରି ଡ୍ରେନ୍ ସଫା କରିଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ଅନେକ ପ୍ରଶଂସା କରିଛନ୍ତି। ପ୍ରକାଶଯୋଗ୍ୟ, ବର୍ଷା ଯୋଗୁ କେନ୍ଦୁଝର ସହର ଜଳାର୍ଣ୍ଣବ ହୋଇଛି। ଡ୍ରେନ୍ ସଫେଇ ହୋଇ ନ ଥିବାରୁ ବିଭିନ୍ନ ସାହିର ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ। ଫଳରେ ରାସ୍ତାଘାଟରେ ପାଣି ପ୍ରବାହିତ ହେଉଥିବା ବେଳେ ଘରେ ପାଣି ପଶୁଛି। ଡ୍ରେନ୍‌ର ମଇଳା ପାଣି ଘର ଭିତରେ ପଶୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଲୋକମାନେ



ଉପ ନଗରପାଳ ବରୋଦା ପ୍ରସନ୍ନ ଦାସ ସଫେଇ କରୁଛନ୍ତି।

ରାସ୍ତାରେ ଚାଲିଚାଲି ଯାତାୟାତ କରିପାରୁନାହାନ୍ତି। ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ଅନେକ ଲକ୍ଷ ଟଙ୍କା ବିଲ ନେଉଥିଲେ ହେଁ ଡ୍ରେନ୍ ସଫା ହେଉନି। ଏହାର ତଦାରଖ ପୌରପାଳିକା ପକ୍ଷରୁ କରାଯାଉ ନ ଥିବା ଅଭିଯୋଗ ହେଉଛି।

# କେନ୍ଦୁଝର ରୋଟାରି, ଇନର୍ ହୁଇଲ କ୍ଲବ୍‌ର ନୂତନ ସଭାପତି ଚୟନ




ଇନର୍ ହୁଇଲ କ୍ଲବ୍‌ର ନୂତନ ସଭାପତି ଏବଂ ଅନ୍ୟମାନେ।

**କେନ୍ଦୁଝର,୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଶାଖା ରୋଟାରି କ୍ଲବ୍ ଓ ଇନର୍ ହ୍ୟୁଇଲ କ୍ଲବ୍ ପକ୍ଷରୁ କେନ୍ଦୁଝର ଟାଉନ ହଲଠାରେ ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଟାରି କ୍ଲବ୍ ସଭାପତି ଭାବେ ରୋଟାରିଆନ ହରିହର ମହାନ୍ତ ଓ ସମ୍ପାଦକ ବିଜୟ କୁମାର ବେହେରାଙ୍କୁ ଚୟନ କରାଯାଇଥିଲା। ଇନର୍ ହ୍ୟୁଇଲ ସଭାପତି ଭାବେ ସୋନାଲୀ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସର୍ବାଣୀ ମହାପାତ୍ର କ୍ରମାଗତ ଭାବରେ ସମ୍ପାଦିକା ଦାୟିତ୍ୱରେ ରହିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିରିକୃତ ହୋଇଛି। ରୋଟାରି କ୍ଲବ୍‌ର ପୂର୍ବତନ ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ସମ୍ପାଦକ ଦୀପକ ନାୟକ ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ଓ ସମ୍ପାଦକଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରୋଟାରି ଡିଜିଇ ରୋଟାରିଆନ ଅନିଲ ସାମଲ, ଆମନ୍ତ୍ରିତ ଅତିଥିଭାବେ ଜୋନାଲ ଚେୟାର ରୋଟାରୀଆନ ସୁଦିପ୍ତ ମିଶ୍ର ଓ ସମ୍ମାନିତ ଅତିଥିଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନ୍‌ରାଜ ଯୋଗଦେଇଥିଲେ। ନୂତନ ସଭାପତି ରୋଟାରିଆନ ହରିହର ମହାନ୍ତଙ୍କ ନେତୃତ୍ୱରେ ୨ ସାମାଜିକର୍ମୀ ରୋଟାରି କ୍ଲବ୍ କେନ୍ଦୁଝର ଶାଖା ସହିତ ଅନୁବନ୍ଧିତ ହୋଇଛନ୍ତି। କେନ୍ଦୁଝର ବନଖଣ୍ଡ ଓ ରୋଟାରି କ୍ଲବ୍ କେନ୍ଦୁଝରର ମିଳିତ ସହଯୋଗରେ ଏକ ସୁନ୍ଦର ସ୍ମୃତିବନ ସୃଷ୍ଟି କରାଯିବ ବୋଲି ନୂତନ ସମ୍ପାଦକ ସୂଚନା ଦେଇଥିଲେ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରୋଟାରି କ୍ଲବ୍ ସ୍ମରଣିକା ଗୋନାସିକା ଉନ୍ମୋଚିତ କରିଛନ୍ତି।

# କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ 'ଡାକ୍ତର ଫେରିଚି' ରିଲିଜ୍

**କେନ୍ଦୁଝର,୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ମାଟିର କଥା, ମାଟିର କଳାକାରକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଡାକ୍ତର ଫେରିଚି' କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମା ୟୁଟ୍ୟୁବ ଚ୍ୟାନେଲରେ ଗତ ସୋମବାର ରିଲିଜ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ବିଶ୍ୱାଳ, ବିଶିଷ୍ଟ ଲେଖକ ସାଇ ଦୁର୍ଗା ପ୍ରସାଦ ମଲ୍ଲିକ, ସାମାଜିକକର୍ମୀ ମାନସ ରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତିକାର ସନ୍ତୋଷ ଚାଟାର୍ଜୀ, ସାମାଜିକକର୍ମୀ ସୁଭେନ୍ଦୁ ସାମଲ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଧର୍ମେନ୍ଦ୍ର ପଲେଇ ଉପସ୍ଥିତ ଥିଲେ। ଅଙ୍କିତ ମହାପାତ୍ର ନିର୍ଦ୍ଦେଶନା ଦେଇଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ୩ ଗୋଟି କ୍ଷୁଦ୍ର ଚଳଚ୍ଚିତ୍ରର ପୋଷ୍ଟର ମଧ୍ୟ ରିଲିଜ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକର୍ତ୍ତା ରାଜେଶ ରଣା ଆଗାମୀ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜାଜ୍ଞସେନୀ ସ୍ୱାଇଁ, ଲିପି ମିଶ୍ର ପରିଚାଳନା କରିଥିଲେ।

### ବିଦ୍ୟାଳୟରେ ବନ ମହୋତ୍ସବ

**ଆନନ୍ଦପୁର,୩।୭(ସୁଶାନ୍ତ କୁମାର ସାହୁ):** କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଦେଓଗାଁ ବନ ବିଭାଗ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସହଯୋଗରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶଙ୍କର୍ଷଣ ଜେନାଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଦେଓଗାଁ ବନ ବିଭାଗର ରେଞ୍ଜର ଉମାକାନ୍ତ ଦାସ, ବନପାଳ ମଙ୍ଗୁଳି ଚରଣ ସାଙ୍କ ସହଯୋଗରେ ୧୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ପ୍ରିୟ ଦର୍ଶିନୀ ଜେନା, ମମତା ପ୍ରିୟ ଦର୍ଶିନୀ ରାଉତ, ଛବିନ୍ଦ୍ର ପାତ୍ର ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

**'ଇ'-କ୍ରୟ**

**ଟେଣ୍ଡର ସଂ. TP255001A**

**ସାମଗ୍ରୀଗୁଡ଼ିକର ବିବରଣୀ :** ପୂର୍ବ ତଟ ରେଳପଥରେ GHAT ସେକ୍ସନଗୁଡ଼ିକରେ ଅତିରିକ୍ତ ପରୀକ୍ଷଣ ପାଇଁ PSC ସ୍ଲିପର T-8746 ରେ ବ୍ୟାପକ ଭାବେ ବ୍ୟବହୃତ ହେବାକୁ ଥିବା RDSOର କାର୍ଯ୍ୟକ୍ଷମ ଓ ବୈଷୟିକ ଆବଶ୍ୟକତା ପୂରଣ କରୁଥିବା (1) ଏଥିଲିନ୍ ଭିନାଇଲ୍ ଏସିଟେଟ୍ (EVA), (2) ଥର୍ମୋପ୍ଲାଷ୍ଟିକ୍ ପଲିୟୁରେଥେନ୍ (TPU), (3) ପଲିୟୁରେଥେନ୍ (PU), (4) ଏଥିଲିନ୍ ପ୍ରୋପାଲିନ୍ ଡାଇନ୍ ମୋନୋମର (EPDM), (5) ଥର୍ମୋ ପ୍ଲାଷ୍ଟିକ୍ ପଲିମର ଆଧାରିତ ଇଲାଷ୍ଟୋମରରୁ ନିର୍ମିତ ଉଚ୍ଚ କାର୍ଯ୍ୟଦକ୍ଷତା ରେଲ୍ ପ୍ୟାଡ୍‌ର ଉତ୍ପାଦନ ଏବଂ ଯୋଗାଣ, ପରିମାଣ : ପ୍ରତ୍ୟେକ ପ୍ରକାରର 16600 ସଂଖ୍ୟକ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.07.2025ରିଖ 1430 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, EMD, କ୍ରୟ ପ୍ରତିବନ୍ଧ ଏବଂ ବିସ୍ତୃତ ଟେଣ୍ଡର ସର୍ତ୍ତାବଳୀ ଇତ୍ୟାଦି ଭଳି ସମସ୍ତ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ଯନ୍ତ୍ରୀ/TM/ ଭୁବନେଶ୍ୱର

PR-314/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି., ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୨୬** । ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/କେନ୍ଦ୍ରୀୟ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ। **ଟେଣ୍ଡର ମୂଲ୍ୟ:** ₹୧୦,୨୧,୬୮,୩୩୪.୩୯; **ଇଏମ୍‌ଡି:** ₹୬,୬୦,୯୦୦/- । **୨. ସିକେପି-ୱେଷ୍ଟ-୨୫-୨୬-୧୭;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ:** ₹୨୪,୬୭,୪୭,୯୨୬.୫୨; **ଇଏମ୍‌ଡି:** ₹୧୩,୮୩,୭୦୦/- । **୩. ସିକେପି-ଇଷ୍ଟ-୨୫-୨୬-୧୮;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍ (ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ:** ₹୧୦,୦୭,୨୭,୫୧୮.୭୦; **ଇଏମ୍‌ଡି:** ₹୬,୫୩,୬୦୦/- । **୪. ସିକେପି-ସାଉଥ-୨୫-୨୬-୦୯;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ଦକ୍ଷିଣ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆରସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ:** ₹୧୧,୧୬,୩୪,୧୨୫.୭୨; **ଇଏମ୍‌ଡି:** ₹୭,୦୮,୨୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ ୧, ୨ ଓ ୩ ପାଇଁ ପ୍ରତ୍ୟେକ ତା୨୧।୦୭।୨୦୨୫ ଏବଂ କ୍ର.ସଂ. ୪ ପାଇଁ ୨୨।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) ।

(PR-352)



**LIC** भारतीय जीवन बीमा निगम LIFE INSURANCE CORPORATION OF INDIA

**SAMBALPUR DIVISIONAL OFFICE "JEEVAN PRAKASH" AINTHAPALI, SAMBALPUR- 768004**

**WANTED OFFICE PREMISES ON LEASE**

LIC of India intends to hire office premises from the individual/ firms on lease basis admeasuring 1500sq.ft. carpet area [ ±5% variation in areas is acceptable ] which are in ready-to-occupy condition preferably on Ground or Ground and First floor for Satellite Office at Kantabanji, Dist- Balangir (Odisha)-767039. The preferred location of the premises shall be nearer to Railway Station / Bus Stand. For complete details and bid documents please log on to **www.licindia.co.in** and go to **"Property"** and click on the link **"Advertisement for requirement of Office premises at Kantabanji (Odisha) on lease basis".**

LIC of India reserves the right to accept or reject any or all offers in full/part without assigning any reasons whatsoever.

Sd/-

**Date. 03.07.2025** **Sr. Divisional Manager**



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

REF. NO.-ER&C/515 Dt:-23-06-2025

**NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT**

Applications in closed cover are invited for allotment of S P-II canteen (Near S P-II deptt. area) in Rourkela Steel Plant on license basis. The application form along with enclosures for allotment of the said canteen is available in the office of AGM (HR-TA, G & ER&C) on payment of Rs.200/- (Rupees two hundred only) with GST @ 18% towards cost of application papers. The application papers can also be down-loaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.236/- (Online deposit through SB collect).

Application will be accepted up to **3.00PM. of dt:-21-07-2025**.

AGM (HR-TA, G, ER&C)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*


# ବର୍ଷକ ମଧ୍ୟରେ ଦବିଲା ପେଭର ବ୍ଲକ୍



- ବାଲିବରେଇ-ପଢ଼ିଆରିପଲ୍ଲୀ ରାସ୍ତା
- ଯାତାୟାତରେ ସମସ୍ୟା, ତୁରନ୍ତ ମରାମତି ଦାବି

**ଛେନାପଦି,୩।୭(ନିରାକାର ପରିଡା)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ବାଲିବରେଇ ଗ୍ରାମରୁ ପଢ଼ିଆରିପଲ୍ଲୀ ପର୍ଯ୍ୟନ୍ତ ପକାଯାଇଥିବା ପେଭର ବ୍ଲକ୍ ଦବିଯାଇଛି। ନିର୍ମାଣର ମାତ୍ର ବର୍ଷକ ମଧ୍ୟରେ ବିଭିନ୍ନ ସ୍ଥାନରେ ରାସ୍ତା ଦବିବା ଓ ଖରାପ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହୋଇଛି।

ଅଭିଯୋଗ ମୁତାବକ, ଗୋଟିଏ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ କରାଯାଇ ପେଭର ବ୍ଲକ୍ ପକା ଯାଇଥିଲା। ରାସ୍ତା ନିର୍ମାଣ ବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲା। କେହି କର୍ଣ୍ଣପାତ କରି ନ ଥିବା ବେଳେ ଅଳ୍ପଦିନରେ ମୁଖ୍ୟରାସ୍ତାର ବାଲିବରେଇ ଗାଁ ଛକଠାରେ ରାସ୍ତାର କିଛିଅଂଶ ଭାଙ୍ଗି ଶୋଚନୀୟ ହୋଇପଡ଼ିଛି। ରାସ୍ତା ଉପରେ ନିର୍ଭର କରୁଥିବା ୪ ୱାର୍ଡ଼ର ବାସିନ୍ଦା ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ସାଧାରଣତଃ ୨ ଚକିଆ ବାଇକ ଆରୋହୀଙ୍କ ପାଇଁ ରାସ୍ତାଟି ମରଣଯନ୍ତା ପାଲଟିଛି। ଖାଲଖମାରେ ବର୍ଷାପାଣି ଜମି ଅଧିକ ନଷ୍ଟ ହେବାରେ ଲାଗିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତାର ମରାମତି କରିବାକୁ ଗ୍ରାମର ସ୍ୱର୍ଣ୍ଣଲତା ଆୟଚ, ବାସନ୍ତୀ ସାମଲ, ସ୍ୱର୍ଣ୍ଣଲତା ସାମଲ, ଜୟନ୍ତୀ ମହାନ୍ତି, ମଞ୍ଜୁଲତା ମହାନ୍ତି, ସନ୍ତୋଷ ଆୟଚ, ରବିନ୍ଦ୍ର ଚକ୍ର, ମାନସ ସାମଲ, ଭଗୀରଥି ମହାନ୍ତି, ଲକ୍ଷ୍ମୀଧର ରାଉତ, ପ୍ରାଣବନ୍ଧୁ ମହାନ୍ତି, ରମେଶ ସାମଲ ପ୍ରଣାମ ପ୍ରମୁଖ ଦାବି କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ କରୁଣାକର ନନ୍ଦ କହିଛନ୍ତି, ଶୀଘ୍ର ରାସ୍ତାର ମରାମତି କରାଯିବ।


**OFFICE OF THE PRINCIPAL**
**Ekalavya Model Residential School, Nuapada**
(A Unit of NESTS) Ministry of Tribal Affairs Government of India
(Affiliated To CBSE, Delhi, Affiliation No. 1520009, School Code - 17097)
At-Sakhatara, PO-Maulibhatta, PS-Nuapada, Dist.-Nuapada, 766105 (Odisha),
Email id : emrs.nuapada@gmail.com

Letter No : EMRS/NPD/OFF/152/2025-26 /Date : 03.07.2025

**LATERAL ENTRY FOR THE ACADEMIC SESSION, 2025-26**

Applications are invited from eligible students of **class 7th, 8th & 9th** for lateral admission in CBSE Curriculam of EMRS, Nuapada for the academic session 2025-26. ***Selection of candidates will be strictly on the basis of Entrance Exam results as per NESTS guideline.***

***Interested Candidates for Boarders (only ST students) & for Day Scholar candidates (Children of Doctors and Paramedical staff of Govt. Hospital of Nuapada Block) may apply for class VII, VIII & IX.***

**Important Dates :-**

1. Application to be submitted in the office of the Principal, EMRS, Nuapada from 9:00 A.M. to 1:00 P.M. on or before 12.07.2025 (on working days only)
2. Entrance Exam. will be held from 10:00 A.M. to 1:00 P.M. on Date : 15.07.2025 (Tuesday) at Ekalavya Model Residential School, Nuapda.
3. Application Forms available at Ekalavaya Model Residential School, Nuapda.
4. Contact No. 9938487801
5. Students Vacant seat-Class VII-1 Boy, VIII-1, Girl, IX-1 Boy.

**By the order of D.W.O, Nuapada**
**Sd./- Principal (I/C), EMRS, Nuapada**

# ବନ୍ୟାରେ ୩୦ରୁ ଉର୍ଦ୍ଧ୍ୱ ଗାଁ ଜଳବନ୍ଦୀ




ଭଦ୍ରକ ପୌରପାଳିକାର ନୂଆନଗରରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବନ୍ୟା ସ୍ଥିତି ବୁଲି ଦେଖୁଛନ୍ତି। ସଦର ବ୍ଲକର ଅର୍ଣ୍ଣପାଳ ପଞ୍ଚାୟତରେ ପାଣିଘେରରେ ଥିବା ଏକ ଘର।

- ଉଦୁଟୁବୁ ବ୍ଲକ, ପୌରପାଳିକାର ବିଭିନ୍ନ ଅଞ୍ଚଳ
- ବିପନ୍ନଙ୍କ ପାଇଁ ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା
- ଜମି ବୁଡ଼ି ରହିଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ

ଭଦ୍ରକ,୩।୭(ସନାତନ ରାଉତ)

ଲଗାଣ ବର୍ଷା ଯୋଗୁ ଭଦ୍ରକରେ ସାଳନ୍ଦୀ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। କେନ୍ଦୁଝର ଜିଲାର ହାଟଡିହୀ ବ୍ଲକରେ ଥିବା ହଦଗଡ଼ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ କରାଯାଇଛି। ଡ୍ୟାମ୍‌ର ୪ଟି ଗେଟ୍ ଖୋଲାଯାଇଥିବା ବେଳେ ନଦୀରେ ବନ୍ୟା ଆସି ଭଦକ ପୌରପାଳିକା ଓ ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ଡ୍ୟାମ୍‌ର ଗେଟ୍ ଖୋଲାଯିବା ନେଇ କୌଣସି ପୂର୍ବ ସୂଚନା ଦିଆଯାଇ ନ ଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସାଳନ୍ଦୀର ଶାଖା ନଦୀ ନାଳିଆରେ ମଧ୍ୟ ବନ୍ୟାଜଳ ଗାଁ ଭିତରକୁ ପଶି ଆସିଛି। ସାଳନ୍ଦୀ ଓ ଏହାର ଶାଖା ନଦୀରେ ବନ୍ୟା ଯୋଗୁ ଭଦ୍ରକ ବ୍ଲକର ଗୁଜିଦରଡ଼ା, ଖଣ୍ଡତଡ଼ା, ବେନ୍ତାଳ, ଅର୍ଣ୍ଣପାଳ ଓ ବିଷ୍ଣୁପୁର ପଞ୍ଚାୟତ ପ୍ରଭାବିତ ହେବା ସହ ଭଦ୍ରକ ପୌରପାଳିକାର ୨୮, ୨୯ ଓ ୩୦ ନଂ. ୱାର୍ଡ ଜଳାର୍ଣ୍ଣବ ହୋଇଛି। ଏସବୁ ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଗାଁ ଜଳବନ୍ଦୀ ହୋଇଛନ୍ତି।

ସେହିପରି ଚାଷଜମିରେ ମଧ୍ୟ ବନ୍ୟାଜଳ ଜମି ରହିଥିବାରୁ ଧାନତଳି ନଷ୍ଟ ହେବା ସହ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବନ୍ୟା ସ୍ଥିତିକୁ ଲକ୍ଷ୍ୟ କରି ଖଣ୍ଡତଡ଼ା, ବେନ୍ତାଳ ଓ ଗୁଜିଦରଡ଼ା ପଞ୍ଚାୟତର ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବୁଧବାର ବନ୍ୟାଞ୍ଚଳ ପରିଦର୍ଶନ କରିଥିବା ବେଳେ ଗୁରୁବାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରାଧ୍ୟକ୍ଷାଙ୍କ ପ୍ରତିନିଧି ଜାହିଦ୍ ହବିବ, ପୌରପାଳିକାର ୨୮ନଂ. ୱାର୍ଡର ଦୁର୍ଗାପୁର, ୨୯ ନଂ. ୱାର୍ଡର ଧନାଟୋଲା ଓ ନୂଆନଗର ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବାବଦରେ ଅବଗତ ହୋଇଛନ୍ତି। ସାଳନ୍ଦୀ ବନ୍ୟାରେ ଦୁର୍ଗାପୁରରେ ବନ୍ୟାପାଣି ସାମାନ୍ୟ ହ୍ରାସ ହୋଇଥିବା ବେଳେ ଧନାଟୋଲା ଓ ନୂଆନଗରରେ ୨ଶହରୁ ଉର୍ଦ୍ଧ୍ୱ ପରିବାର ପାଣିଘେରରେ ଅଛନ୍ତି। ସେହିପରି ନାଳିଆ ନଦୀର ବନ୍ୟାଜଳ ବିଷ୍ଣୁପୁର ଓ ଅର୍ଣ୍ଣପାଳ ପଞ୍ଚାୟତରେ ତଳିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକ ଜଳବନ୍ଦୀ ହୋଇରହିଛି। ଜିଲାପାଳ ଏସବୁ ଅଞ୍ଚଳ ପରିଦର୍ଶନ କରିବା ପରେ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ କେତେକ ସ୍ଥାନରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି।

## ନଦୀବନ୍ଧ ମରାମତି, ସ୍ଥିତି ପରଖିଲେ ମନ୍ତ୍ରୀ



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନଦୀବନ୍ଧ ଅନୁଧ୍ୟାନ କରିବା ଅବସରରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଧାମନଗର,୩।୭ (ଦେବେନ୍ଦ୍ର ଆଦ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ପଧାନି ପଞ୍ଚାୟତର ଉପର ଶଇଲୋଠାରେ ଧସିଥିବା କୋଚିଳା ନଦୀବନ୍ଧ ବୁଧବାର ମରାମତି ହୋଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର ରାତି ୧୦ଟାରେ ସେଠାରେ ପହଞ୍ଚି ସ୍ଥିତି ପରଖିଥିଲେ। ଏଥିସହ ଆଶଙ୍କାରେ ଥିବା ନଦୀକୂଳିଆ ଲୋକଙ୍କ ସହ ସେ ଆଲୋଚନା କରିଥିଲେ। ୫ ଦିନ ତଳେ ବୈତରଣୀ ନଦୀର ଶାଖା କୋଚିଳାର ଦକ୍ଷିଣ ପାର୍ଶ୍ୱ ବନ୍ଧରେ ପଧାନି ପଞ୍ଚାୟତର ୯ ଓ ୬ ନମ୍ବର ୱାର୍ଡର ଉପର ଶଇଲୋଠାରେ ଏକ ଲମ୍ବା ଫାଟ ସୃଷ୍ଟି ହୋଇଥିଲା। ନଦୀର ଜଳସ୍ତର ହ୍ରାସ ପାଇବା ପରେ ଫାଟ ପଡ଼ିଥିବା ସ୍ଥାନ ନଦୀକୁ ଧସିଯାଇଥିଲା। ଧାମନଗର ଜଳସମ୍ପଦ ବିଭାଗ ଏସ୍‌ଡିଓ କିଶୋର ଦାସ ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ପଧାନି ସରପଞ୍ଚ ଅଶୋକ କୁମାର ପୁହାଣ ଘଟଣାସ୍ଥଳରେ ରହି ଜାଫ୍ରି ଏବଂ ପାଲ ଦେଇ ବାଲିବସ୍ତା ଦ୍ୱାରା ମରାମତି କରିଥିଲେ। ବୁଧବାର ରାତିରେ ମନ୍ତ୍ରୀ ଅଚାନକ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନ ଜଣାଇ ମରାମତି ହୋଇଥିବା ସ୍ଥାନ ବୁଲି ଦେଖିଥିଲେ। ମନ୍ତ୍ରୀଙ୍କ ଉପସ୍ଥିତି ଜାଣିପାରି ପାଖରେ ଥିବା ପରିବାରର କେତେଜଣ ମହିଳା କିପରି ପିଲା ଛୁଆଙ୍କୁ ଧରି ବର୍ଷାଦିନେ ବିପଦ ମୁହଁରେ ଜୀବନ କାଟୁଛନ୍ତି ଜଣାଇଥିଲେ। କୋଚିଳା ଏବଂ ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ନିମନ୍ତେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ସେମାନଙ୍କୁ ବୁଝାଇଥିଲେ। ମନ୍ତ୍ରୀଙ୍କ ସହ ବରିଷ୍ଠ ନେତା ଅଶୋକ ପୁହାଣ, ଅଧର ପରିଡ଼ା, ରୁଦ୍ରକିଶୋର ନାୟକ, ଅରବିନ୍ଦ ପତି, ବୁଦ୍ଧଦେବ ଜେନା, ବିଶ୍ୱଶ୍ରୀ ମହାପ୍ରସାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁବାର ସକାଳେ ବିଜେଡିର ଏକ ପ୍ରତିନିଧି ଦଳ ମଧ୍ୟ ସଇଲୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଜେଡି ନେତା ସଞ୍ଜୟ ଦାସ, ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଶାରଦା ପ୍ରସନ୍ନ ସାହୁ ଓ ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ ନଦୀବନ୍ଧ ଧସିଥିବା ସ୍ଥାନ ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। କିଛି ମାସ ପୂର୍ବରୁ ୨୬ ଲକ୍ଷ ଟଙ୍କା ବ୍ୟୟରେ ବନ୍ଧ ମରାମତି ହୋଇଥିଲା। ନିମ୍ନମାନର କାମ ଓ ଅଫିସରଙ୍କ ଆତ୍ମସାତ୍ ମନୋବୃତ୍ତି ଯୋଗୁ ବନ୍ଧ ଧସିଲା ବୋଲି ଜିଲା ପରିଷଦ ସଭ୍ୟ ପ୍ରଦୀପ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ମଧ୍ୟ ସେ ଦାବି କରିଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ନଦୀବନ୍ଧ ଧସିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବୃକ୍ଷମଣିଷ ନିରଞ୍ଜନଙ୍କ ସ୍ମୃତିଚାରଣ

ଭଦ୍ରକ, ୩।୭ (ରବିନାରାୟଣ ଖିଲାର)

ଦିବଂଗତ ସାମାଜିକ କର୍ମୀ, ବୃକ୍ଷମଣିଷ, ପରିବେଶପ୍ରେମୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ନିରଞ୍ଜନ ମହାନ୍ତିଙ୍କ ଏକାଦଶାହ ଅବସରରେ ଗୁରୁବାର ମଧ୍ୟାହ୍ନରେ ଭଦ୍ରକ ବାଇପାସ୍‌ସ୍ଥିତ ସଙ୍ଗମ ମଣ୍ଡପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସାଳନ୍ଦୀ ନାଗରିକ ପରିଷଦର ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଭାଜପାର ଜିଲା ସଭାପତି ଭଗବାନ ପଣ୍ଡା, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ନାଗରିକ ପରିଷଦ ସଭାପତି ଶ୍ରୀହର୍ଷ ସ୍ୱାଇଁ, ସମ୍ପାଦକ ଇଂ. ଅଭୟ କୁମାର ପଣ୍ଡା, ଯୁବନେତା ଜ୍ୟୋତି ପ୍ରକାଶ ମହାନ୍ତି, ସ୍ୱାଧୀନ ସୁନ୍ଦର ଦାସ, ପ୍ରସନ୍ନ କୁମାର ଷଡ଼ଙ୍ଗୀ, ଶରତ କୁମାର ପାଢ଼ୀ, କାର୍ତ୍ତିକ ଚନ୍ଦ୍ର ଜେନା, ରୂପକ ବିହାରୀ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ନିରଞ୍ଜନ ତାଙ୍କ ଚାକିରି ଜୀବନରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ସହ ଭଲ ବ୍ୟବହାର ପ୍ରଦର୍ଶନ କରୁଥିଲେ। ବାଇପାସ୍ ଦୁର୍ଗା ପୂଜାରେ ସେ ଦୀର୍ଘଦିନ ଧରି କର୍ତ୍ତା ଭାବେ ସଂକଳ୍ପ କରୁଥିଲେ। ବିଶେଷକରି ବୃକ୍ଷ ହିଁ ଜୀବନ ଭାବି ସେ ସଦାସର୍ବଦା ଚାରାରୋପଣ କରୁଥିଲେ ଓ ସମାଜକୁ ସୁସ୍ଥ ରଖିବାକୁ ଏନେଇ ବାର୍ତ୍ତା ଦେଉଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ନାରୀନେତ୍ରୀ କଳ୍ପନା ଜେନା, ମମତାରାଣୀ ବେହେରା, ଚୈତାଳୀ ଖିଲାର, ସୋନାଲି କିଙ୍କର, ଜୀବନାନ୍ଦ ପଣ୍ଡା, ଶଶୀ ବିଶ୍ୱାଳ, ମନୋଜ ବାରିକ, ମୁନା ପରିଡ଼ା, ଅରୁଣ ମଣ୍ଡଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପୁଅ ମାନସ ରଞ୍ଜନ ମହାନ୍ତି, ମନୋରଞ୍ଜନ ମହାନ୍ତି ଓ ମିହିର ରଞ୍ଜନ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।



ସ୍ମୃତିସଭାରେ ଉପସ୍ଥିତ ଅତିଥି।

## ସାଳନ୍ଦୀ, ନାଳିଆର ୬ ସ୍ଥାନରେ ହେବ ପୋଲ, ଆଡ଼ିବନ୍ଧ



ବିଲଣା କଲ୍ୟାଣ ମଣ୍ଡପଠାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମୀକ୍ଷା କରୁଛନ୍ତି।

### ବନ୍ୟାଞ୍ଚଳ ବୁଲିଲେ, ସମୀକ୍ଷା କଲେ ମନ୍ତ୍ରୀ

ତିହିଡ଼ି, ୩।୭ (ସଞ୍ଜିତ ବଳ)

ସାଳନ୍ଦୀର ଶାଖା ନାଳିଆ ନଦୀରେ ବନ୍ୟା ଆସିବା ଯୋଗୁ ତିହିଡ଼ି ବ୍ଲକର ବାରୋ, ବିଲଣା ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇଛି। ଏସବୁ ପଞ୍ଚାୟତରେ ଧାନତଳି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯିବାର ଆଶଙ୍କା ଉପୁଜିଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ତିହିଡ଼ି ବ୍ଲକରେ ବନ୍ୟା ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ତ୍ରୀ ବିଲଣା ପଞ୍ଚାୟତରେ ବନ୍ୟା ଅଞ୍ଚଳ ବୁଲି ଦେଖିବା ସହ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ସ୍ୱରୂପ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟସ୍ଥଳ ବୁଲି ଦେଖିଛନ୍ତି। ଏଥିସହ ମଧ୍ୟାହ୍ନରେ ତିହିଡ଼ି ବ୍ଲକର ବିଲଣା କଲ୍ୟାଣ ମଣ୍ଡପରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ସାଳନ୍ଦୀ ଓ ଡ୍ରେନେଜ ବିଭାଗର ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବାରୋ, ବିଲଣା, ଶ୍ୟାମସୁନ୍ଦରପୁର, କୁବେରା ପ୍ରମୁଖ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବାକୁ ସ୍ଥିର ହୋଇଛି। ବନ୍ୟାର ପ୍ରତିକାର ସ୍ୱରୂପ ସାଳନ୍ଦୀ ଓ ନାଳିଆ ନଦୀରେ ୬ଟି ସ୍ଥାନରେ ପୋଲ ହେବା ସହ ଅନ୍ୟ ୬ଟି ସ୍ଥାନରେ ଆଡ଼ିବନ୍ଧ, ସ୍ଲୁଇସ୍ ଗେଟ୍ ନିର୍ମାଣ ହେବାକୁ ଯୋଜନା ରହିଛି।

ନାଳିଆ ନଦୀରେ ବାରୋ ପଞ୍ଚାୟତ ଅଧୀନ ବଳିଆରପୁର ଆର୍‌ଆଇ କାର୍ଯ୍ୟାଳୟ ଓ ପଞ୍ଚବଟିଠାରେ ପୋଲ, ସାଳନ୍ଦୀ ନଦୀରେ ଗଳଗଣ୍ଡପୁର ଓ ବିଲଣା(୧) ଅଙ୍ଗନୱାଡି କେନ୍ଦ୍ରଠାରେ ପୋଲ, କୁବେରା ପଞ୍ଚାୟତର ଗୋପାଳିଆ କେନାଲରେ ତୋଟାସାହି, ଶ୍ୟାମସୁନ୍ଦରପୁର ପଞ୍ଚାୟତର ଛେଳିଆ ନାଳରେ ବାଲିଘାଇ ରାସ୍ତାର କାଠମୁଣ୍ଡାଠାରେ ପୋଲ ହେବ। ସେହିପରି ନାଳିଆ ନଦୀରେ ବାରୋଠାରୁ ପଞ୍ଚବଟି ଯାଏ ଆଡ଼ିବନ୍ଧ, ସାଳନ୍ଦୀରେ କୁଦମାହାରାଠାରୁ ବାରୋ, ବାରୋଠାରୁ କାଁପଡ଼ା ଯାଏ ଆଡ଼ିବନ୍ଧ, କୁଦମାହାରାଠାରେ ସ୍ଲୁଇସ୍ ଗେଟ୍, ଚବିଶପଡ଼ାଠାରେ ସୁରକ୍ଷା ପ୍ରାଚୀର, କପାଳୀ ନଦୀର ବାମପାର୍ଶ୍ୱରେ ପଞ୍ଚୁରିଖୀଠାରୁ କାଶିମପୁର ଯାଏ ଆଡ଼ିବନ୍ଧ ନିର୍ମାଣ ହେବ। ମନ୍ତ୍ରୀ ସୂର୍ଯ୍ୟବଂଶୀ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ଏସବୁ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଉପଜିଲାପାଳଙ୍କ ସମେତ ବିଡିଓ ନିରଞ୍ଜନ ବାରିକ, ଅତିରିକ୍ତ ତହସିଲଦାର ନମିତା ଧଳ, ସାଳନ୍ଦୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ, ଆଖୁଆପଦା ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ଏସ୍‌ଡିଓ ରାଇକେନ ବେସ୍ରା, କନିଷ୍ଠ ଯନ୍ତ୍ରୀ ସତ୍ୟସୁନ୍ଦର ମଣ୍ଡଳ, ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଏସ୍‌ଡିଓ ଜ୍ଞାନଦତ୍ତ ରାଉତ, କନିଷ୍ଠ ଯନ୍ତ୍ରୀ ଶଙ୍କର୍ଷଣ ମଣ୍ଡଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାଜପାର ବରିଷ୍ଠ ନେତା ଅଜୟ କୁମାର ନାୟକ, ଦେବେନ୍ଦ୍ର ପୁହାଣ, ରଘୁନାଥ ପାତ୍ର, ପ୍ରମୋଦ ଦାଶ, ବୁଦ୍ଧଦେବ ଜେନା, ଶରତ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ମଣ୍ଡଳ ସଭାପତି ସାଇଶରଣ ବେହେରା, ସରୋଜ ନାୟକ, କେଶବ ବେହେରା, ସରପଞ୍ଚ ସଞ୍ଜୀବ ବେହେରା, ଶୁଭ୍ରନାରାୟଣ ସେଠୀ, କୁନ୍ତଳା ମଳିକ, ଯୁବ ସଭାପତି ଯଜ୍ଞଦତ୍ତ ପତି, ଶରତ ନାୟକ, ଉମାକାନ୍ତ ଦାସ, ସନ୍ଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ତଦନ୍ତ କଲେ ଏଡିଇଓ

### ମଧ୍ୟାହ୍ନଭୋଜନରେ ପୋକରା ଚାଉଳ

ଭଣ୍ଡାରିପୋଖରୀ,୩।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନଭୋଜନ ପାଇଁ ପୋକରା ଚାଉଳ ରୋଷେଇ ଘଟଣାରେ ଗୁରୁବାର ତଦନ୍ତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଡିଇଓ (ଅତିରିକ୍ତ ଜିଲା ଶିକ୍ଷାଧିକାରୀ) ତୃପ୍ତିମୟୀ ମହାପାତ୍ର ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଓ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇ ପୋକରା ଚାଉଳ ବ୍ୟବହାର ସମ୍ପର୍କରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ମା' ମନୀଷାଦେବୀ ସ୍ୱୟଂସହାୟକ ଗୋଷ୍ଠୀର ସମ୍ପାଦିକାଙ୍କ ଉତ୍ତର ଲୋଡ଼ିଥିଲେ। ବୁଧବାର ପୋକରା ଚାଉଳରେ ରୋଷେଇ ହେଉଥିବା ଛାତ୍ରୀଛାତ୍ରଙ୍କଠାରୁ ଜାଣିବା ପରେ ପ୍ରଧାନଶିକ୍ଷକ ବେହେରା ତଦାରଖ କରି ରୋଷେଇ ବନ୍ଦ କରିଥିଲେ। ପୋକରା ଚାଉଳ ରୋଷେଇ ପାଇଁ ଅଣାଯାଇଥିବା ଦାୟିତ୍ୱରେ ଥିବା ଗୋଷ୍ଠୀର ସମ୍ପାଦିକା ତଦନ୍ତ ସମୟରେ ସ୍ୱୀକାର କରିଥିଲେ। ଏହି ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମହାପାତ୍ର କହିଛନ୍ତି।



ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତୃପ୍ତିମୟୀ ମହାପାତ୍ର ବିଦ୍ୟାଳୟରେ ତଦନ୍ତ କରୁଛନ୍ତି।

## ନ୍ୟାୟ ପାଇଁ ଶାଶୁଘର ଆଗରେ ବସିଛନ୍ତି ସ୍ତ୍ରୀ

### ଅଧିକ ଯୌତୁକ ଦାବିରେ ଘରୁ ବାହାର କରିଦେଲେ ଶିକ୍ଷକ ସ୍ୱାମୀ

ବାସୁଦେବପୁର,୩।୭ (କାଳିପଦ ରାୟ)

ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ଘରୁ ବାହାର କରି ଦେଇଛନ୍ତି ଶିକ୍ଷକ ସ୍ୱାମୀ। ନ୍ୟାୟ ପାଇଁ ଶାଶୁଘର ସାମ୍ନାରେ ବସିଛନ୍ତି ସ୍ତ୍ରୀ। ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ୨୧ ନଂ. ୱାର୍ଡରେ ଏଭଳି ଘଟଣା ଘଟିଛି। ନ୍ୟାୟ ଦାବି କରୁଥିବା ମହିଳାଙ୍କ ବାପଘର କରଞ୍ଜଆଡ଼ିଆ ଗ୍ରାମରେ। ସେ ବୁଧବାରଠାରୁ ଧାରଣା ଦେଇ ବସିରହିଛନ୍ତି।

ମହିଳାଙ୍କ କହିବା ଅନୁଯାୟୀ, ସେ ୨୦୨୩ରେ ଏହି ୱାର୍ଡର ଜଣେ ଶିକ୍ଷକଙ୍କୁ ବିବାହ କରିଥିଲେ। ଏହାପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରିଆସୁଥିଲେ। ଏହାକୁ ନେଇ ପାରିବାରିକ କଳହରୁ ସେ ଗତ ଦେଢ଼ ମାସ ହେଲା ବାପଘରେ ରହୁଥିଲେ। ହେଲେ ତାଙ୍କ ସ୍ୱାମୀ ତାଙ୍କୁ ଆଉ ଘରକୁ ଆଣୁନାହାନ୍ତି। ଏଣୁ ସେ ସ୍ୱାମୀଙ୍କ ଘର ଆଗରେ ବସିଛନ୍ତି। ତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଶାଶୁ ଓ ଶଶୁର ତାଙ୍କୁ ଘରକୁ ପୂରାଇ ଦେଉନାହାନ୍ତି। ଏପରିକି ବୁଧବାର ରାତିସାରା ସେ ଅଖିଆ ଅପିଆ ଘର ସାମ୍ନାରେ ବସି ରହିଥିଲେ ସୁଦ୍ଧା ଶାଶୁଘର ଲୋକେ ମୁଖ୍ୟ କବାଟ ବନ୍ଦ କରି ଦେଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ନ କରି ପରିବାର ଲୋକେ ସମସ୍ୟାର ସମାଧାନ କରିବେ ବୋଲି ଆଶା ରଖି ସେ ଶାଶୁଘର ସାମ୍ନାରେ ବସି ରହିଥିବା କହିଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଘରୋଇ ଇସିଜି

ଭଣ୍ଡାରିପୋଖରୀ,୩।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ଦ୍ଦିଷ୍ଟ ଘରୋଇ ଇସିଜି ପରୀକ୍ଷକ ରୋଗୀଶଯ୍ୟା ନିକଟରେ ଅର୍ଥ ନେଇ ପରୀକ୍ଷା କରୁଛନ୍ତି। ଏଥିପାଇଁ ରୋଗୀ ପିଛା ୪ଶହରୁ ୫ଶହ ଟଙ୍କା ନିଆଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ନାହାନ୍ତି। ମାତ୍ର ରୋଗୀମାନଙ୍କ ପରୀକ୍ଷା ଆବଶ୍ୟକ ଥିବା ନେଇ ଡାକ୍ତରମାନେ ପରାମର୍ଶ ଦେଉଥିବାରୁ ରୋଗୀମାନେ ବାଧ୍ୟ ହୋଇ ଇସିଜି ପରୀକ୍ଷା କରୁଛନ୍ତି। ଦୈନିକ ଏଭଳି ୩୦ରୁ ୩୫ ଇସିଜି କରାଯାଉଥିବା ଜଣାପଡ଼ିଛି। ସମ୍ପୃକ୍ତ ଇସିଜି ପରୀକ୍ଷକଙ୍କ ଯୋଗ୍ୟତା ଓ ଦକ୍ଷତା ସମ୍ପର୍କରେ ଅଜ୍ଞ ଥିବା ଡାକ୍ତରମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଓ ରୋଗୀଶଯ୍ୟା ନିକଟରେ ଇସିଜି ପରୀକ୍ଷା କରିବାକୁ ଅନୁମତି ଦେଉଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ବ୍ୟାବସାୟିକ ଲକ୍ଷ୍ୟରେ ରୋଗୀମାନଙ୍କୁ ଶୋଷଣ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. କମଳାକାନ୍ତ ସ୍ୱାଇଁ କହିଛନ୍ତି, ଯେକୌଣସି ଡାକ୍ତର ଇସିଜି ପରୀକ୍ଷା ପାଇଁ ପରାମର୍ଶ ଦେଇପାରିବେ ଓ ରିପୋର୍ଟ ଅନୁଧ୍ୟାନ କରିପାରିବେ। ତେବେ ଏହି ଡାକ୍ତରଖାନାରେ ଘରୋଇ ଇସିଜି ସମ୍ପର୍କରେ ତଦନ୍ତ କରାଯିବ।

## କାର୍ଯ୍ୟାଳୟରେ ଅଚଳାବସ୍ଥା
# ଛୁଟିରେ ଅଧିକାରୀ, ଲୋକଙ୍କୁ ମିଳୁନି ସେବା

### ନାମଲେଖା ପାଇଁ ପ୍ରମାଣପତ୍ର ପାଇପାରୁନାହାନ୍ତି ଛାତ୍ରୀଛାତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ଭିତର ଖାଁ ଖାଁ।

ଭଦ୍ରକ,୩।୭ (ସନାତନ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନରଙ୍କୁ ଆକ୍ରମଣର ପ୍ରତିବାଦ ଏବଂ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଓଏଏସ୍ ସଂଘ, ଓଆର୍‌ଏସ୍ ସଂଘ ଅଟଳ ରହି ସମୂହ ଛୁଟିରେ ରହିଛନ୍ତି। ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଇଥିବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ସାଧାରଣ ଲୋକଙ୍କୁ ସେବା ମିଳିପାରୁନାହିଁ। ଭଦ୍ରକ ଜିଲାର ସମସ୍ତ ତହସିଲ, ବ୍ଲକ ଅଫିସ ସମେତ ଜିଲା ପରିଷଦ କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି।

ଜିଲା ମୁଖ୍ୟାଳୟରେ କେବଳ ଜିଲାପାଳଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ଅଧିକାରୀ ନାହାନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ଜରୁରୀ କାମରେ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ବର୍ତ୍ତମାନ ଜିଲାରେ ବନ୍ୟା ପରିସ୍ଥିତିରେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ରିଲିଫ ସହାୟତା ପହଞ୍ଚାଇବାରେ ପ୍ରାୟତଃ ବିଡିଓ ଓ ତହସିଲଦାରମାନଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ସେମାନେ ଛୁଟିରେ ଥିବାରୁ ପାଣିଘେରରେ ଥିବା ଲୋକଙ୍କ ପାଖରେ ଠିକ୍ ଭାବେ ଶୁଖିଲା ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ପହଞ୍ଚିପାରୁ ନାହିଁ। ସେହିପରି ଏବେ ଯୁକ୍ତ ୨ ଓ ୩ ସମେତ ଉଚ୍ଚଶିକ୍ଷା ବିଭାଗରେ ନାମଲେଖା ଚାଲିଥିବା ବେଳେ ବାସସ୍ଥାନ, ଜାତିଗତ ଓ ଆର୍ଥିକ ପ୍ରମାଣପତ୍ର ଜରୁରୀ ହୋଇଛି। ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ଛୁଟିରେ ଥିବାରୁ ଏସବୁ ପ୍ରମାଣପତ୍ର ମିଳିପାରୁ ନାହିଁ। ଛାତ୍ରୀଛାତ୍ର ଓ ଅଭିଭାବକ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହେଉଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ୨ ଅତିରିକ୍ତ ଜିଲାପାଳ, ସହକାରୀ ଜିଲାପାଳ ଓ ଡେପୁଟି କଲେକ୍ଟର ଛୁଟିରେ ଥିବାରୁ ଜିଲାପାଳଙ୍କୁ ଏକୁଟିଆ କାର୍ଯ୍ୟାଳୟ ସମ୍ଭାଳିବାକୁ ପଡୁଛି। କୌଣସି ସ୍ଥାନକୁ କ୍ଷେତ୍ର ପରିଦର୍ଶନରେ ଜିଲାପାଳ ଚାଲିଯିବା ପରେ କାର୍ଯ୍ୟାଳୟ ଅଧିକାରୀଶୂନ୍ୟ ହୋଇଯାଉଛି।

### ବ୍ଲକ୍, ତହସିଲ ଅଫିସ୍‌ରେ କାର୍ଯ୍ୟ ଠପ୍

ଚାନ୍ଦବାଲି, ୩।୭ (କିଷାନ ପାତ୍ର)

ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଥିବାରୁ ଚାନ୍ଦବାଲି ବ୍ଲକ ଓ ତହସିଲରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ବିଡିଓ ଏବଂ ତହସିଲଦାର କାର୍ଯ୍ୟରେ ଯୋଗ ନ ଦେବାରୁ ଅଫିସରେ କିଛି କାମ ହୋଇପାରୁ ନାହିଁ। ଫଳରେ ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଥିବାବେଳେ ଲୋକଙ୍କ ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ଏପରିକି ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧିକାରୀ ଆସି ଅଫିସରେ ବୁଲୁଥିବା ବେଳେ ସେମାନଙ୍କ ଚେୟାର ଫାଙ୍କା ପଡୁଛି। ଲୋକଙ୍କ ଅଭିଯୋଗ ଗ୍ରହଣ କରିବାକୁ ମଧ୍ୟ କେହି ରାଜି ହେଉ ନ ଥିବା ଦେଖିବାକୁ ମିଳିଛି। ସେହିପରି ତହସିଲରେ ନାମଜାରୀ, କିସମ ପରିବର୍ତ୍ତନ, ଆୟ ଓ ଜାତିଗତ ପ୍ରମାଣପତ୍ର ମିଳିପାରୁନି। ଫଳରେ



ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟକୁ କାମରେ ଆସି ନିରାଶ ହୋଇଥିବା ଲୋକେ।

ନାମଲେଖା ସମୟରେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ଏବଂ ତହସିଲ ଅଫିସ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ସାଧାରଣ ଜନତା ଆସି କେବଳ ଖର୍ଚ୍ଚାନ୍ତ ହୋଇ ଫେରୁଛନ୍ତି। ତୁରନ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟରେ ଯୋଗଦେବାକୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ଜମିପଟ୍ଟା ପାଇଁ ସେ ତହସିଲ ଅଫିସ୍‌କୁ ଆସିଥିଲେ। ହେଲେ ତହସିଲଦାର ଉପସ୍ଥିତ ନ ଥିବାରୁ ତାଙ୍କୁ ନିରାଶ ହେବାକୁ ପଡ଼ିଲା ବୋଲି ଜଳେଶ୍ୱରପୁର ପଞ୍ଚାୟତର ରବିନାରାୟଣ ବେହୁରିଆ କହିଛନ୍ତି। ସେହିପରି ଓରାସାହି ପଞ୍ଚାୟତ ନେଡୁଆଳି ଗାଁର କମଳାକାନ୍ତ ସୂତାର ନାମକ ଯୁବକ ତାଙ୍କ ମା'ଙ୍କ ରାଶନ କାର୍ଡ ଯୋଡ଼ିବାକୁ ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିଥିଲେ।

## ସଂକ୍ଷେପରେ

### ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ଖୋଲିବ ବିଜ୍ଞାନ ବିଭାଗ

ଔପଦା, ୩।୭(ଧରିତ୍ରୀ ପଣ୍ଡା)– ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ମହକୁମାରେ ୧୯୭୮ ମସିହାରୁ ଖୋଲାଯାଇଥିବା ଔପଦା କଲେଜ ୨୦୦୯ରୁ ପୃଥକୀକରଣ ହୋଇ ଶେଷରେ ବହୁ ପ୍ରତୀକ୍ଷା ପରେ ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗ ଖୋଲିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉଚ୍ଚକ୍ଷମତା ସମ୍ପୂର୍ଣ୍ଣ କମିଟି ପକ୍ଷରୁ ପତ୍ର ସଂଖ୍ୟା ୩୩୪୮୧ ମୂଳେ ତା୨୫/୦୬ରିଖ ଅନୁଯାୟୀ ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ସ୍ନାତକସ୍ତରରେ ଶିକ୍ଷା ବର୍ଷ ୨୦୨୫/୨୬ଠାରୁ ବିଜ୍ଞାନ ବିଭାଗ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଦୀର୍ଘବର୍ଷ ପରେ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ତାରିଣୀ ମନ୍ଦିରରେ ବାର୍ଷିକ ମହାଯଜ୍ଞ

ଔପଦା, ୩।୭(ଧରିତ୍ରୀ ପଣ୍ଡା)– ବାଲେଶ୍ୱର ଜିଲା ଔପଦା ବ୍ଲକ ତଳକିଆ ପଞ୍ଚାୟତ ଖଇରା ଗ୍ରାମରେ ଥିବା ମା’ ତାରିଣୀ ମନ୍ଦିରରେ ବାର୍ଷିକ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ଜଗତର ବିଶିଷ୍ଟ ଖଳନାୟକ ଦୈତାରୀ ପଣ୍ଡାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ମା’ଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହ ଘୃତାହୁତି ଦିଆଯାଇଥିଲା। ମା’ଙ୍କ ପୂଜାରେ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଯଜ୍ଞ ଦୀର୍ଘ ୩୦ବର୍ଷ ଧରି ହୋଇଆସୁଛି। ପ୍ରତିବର୍ଷ ମୋ ପାଇଁ ଆସୁଥିବା ନାଟକର ନୂଆ ନୂଆ ଚରିତ୍ର ପାଇଁ ମା’ଙ୍କ ଆଶିଷ ନ ରହିଲେ କଣ୍ଠରୁ ବାଣୀ ବାହାରିବ ନାହିଁ ବୋଲି କହି ମା’ଙ୍କ ପ୍ରତି ସମସ୍ତଙ୍କର ସମର୍ପଣ ଭାବ ଦରକାର ବୋଲି କହିଥିଲେ।

### ବ୍ୟାଙ୍କ ସମ୍ମୁଖରେ ଗଣ୍ଡଗୋଳ ଘଟଣା, ୩ ଗିରଫ

ସୋର, ୩।୭(ଜନ୍ମେଜୟ ମିଶ୍ର): ଅନନ୍ତପୁର ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଜଣେ ଯୁବକଙ୍କୁ ମାଡ଼ ମାରିବା ଘଟଣାରେ ସୋର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଏପ୍ରିଲ ୨୭ରେ ଅନନ୍ତପୁର ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଚିତ୍ତଳ ଗ୍ରାମର ଶରତ ରାଉତଙ୍କୁ କୌଣସି କାରଣରୁ ୧୫ରୁ ଅଧିକ ଲୋକ ମାଡ଼ ମାରିଥିଲେ। ଏଥିରେ ଶରତ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ଶରତଙ୍କ ମା’ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୫/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ପାଟିମୁଣ୍ଡା ଗ୍ରାମର ସନ୍ତୋଷ ନାୟକ(୩୪), ଚିତ୍ତଳ ଗ୍ରାମର ରମେଶ ଚନ୍ଦ୍ର ଜେନା(୩୮) ଓ ମନୋରଞ୍ଜନ ପରିଡା(୪୦)ଙ୍କୁ ଗିରଫ କରି ଗୁରବାର ସମସ୍ତଙ୍କୁ କୋର୍ଟଚାଲାଣ କରିଛି ।

# ବନ୍ୟା କ୍ଷୟକ୍ଷତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

**ଭୋଗରାଇ, ୩।୭(ପ୍ରଦୀପ ଦାସ):**

ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟା ଜନଜୀବନକୁ ଦୁର୍ବିଷହ କରିଥିବା ବେଳେ ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭୋଗରାଇ ଓ ବାଲିଆପାଳ ବ୍ଲକ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପରେ ଅପରାହ୍ଣ ସାଢେ ୪ଟାରେ ତାଳସାରୀ ଓଟିଡିସି ସମ୍ମିଳନୀ କକ୍ଷଠାରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏଥିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ ସୁଧାକର ନାୟକ, ଜିଲାପରିଷଦର କାର୍ଯ୍ୟକାରିଣୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ରାଉତ, ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଏସ୍‌ପି ରାଜପ୍ରସାଦ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ଭାଜପା ନେତା ଶୁଭଙ୍କର ମହାପାତ୍ର, ଉମାକାନ୍ତ ମହାପାତ୍ର, ଆଶିଷ କୁମାର ପାତ୍ର, ଅଂଶୁମାନ ମାହାନ୍ତି, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସମୀକ୍ଷା ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକରେ ସେଚ, ପାନୀୟ ଜଳ, ଡ୍ରେନେଜ, ସ୍ୱାସ୍ଥ୍ୟ, ପ୍ରାଣୀଧନ ଚିକିତ୍ସା ଓ ଯୋଗାଣ ବିଭାଗ ଆଦି ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ବନ୍ୟାବିପନ୍ନଙ୍କଠାରେ ସରକାରୀ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ୩ ଜଣଙ୍କ ଅମୂଲ୍ୟ ଜୀବନ ନଦୀଗର୍ଭରେ ଚାଲିଯିବା ସହ ବନ୍ୟାବିପନ୍ନଙ୍କୁ ଡଙ୍ଗା ଯୋଗାଇ ନ ଦେବା, ରିଲିଫ ସାମଗ୍ରୀ ନ ପହଞ୍ଚିବା, ଗୋବାଦୀ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇ ନ ଦେବା ଦୁଃଖ ଦାୟକ ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ବସ୍ତା ବିଧାୟିକା ସୁବାସିନୀ ଜେନା ଅଭିଯୋଗ କରିଥିଲେ। ଭୋଗରାଇରେ ବନ୍ୟା ବିପନ୍ନଙ୍କଠାରେ ଯୋଗାଣ ଅଧିକାରୀଙ୍କ ମନମୁଖୀ ଓ ଅନିୟମିତତା ଯୋଗୁ ବହୁ ବିପନ୍ନ ଶୁଖିଲା ଖାଦ୍ୟ ପାଇ ନ ଥିବାର ବିଧାୟକମାନେ ଅଭିଯୋଗ କରିଥିଲେ। ଉପମୁଖ୍ୟମନ୍ତ୍ରୀ ବନ୍ୟା ବିପନ୍ନଙ୍କ ସକାଶେ ସଦାବେଳେ ହାତ ଖୋଲା ରଖିଥିବାବେଳେ ଯୋଗାଣ ଅଧିକାରୀଙ୍କୁ ଖାଦ୍ୟ ବଣ୍ଟନକୁ ନେଇ ଯୋଗାଣ ଅଧିକାରୀଙ୍କୁ ତଲବ କରିଥିଲେ। ଏଥିସହିତ ବିଧାୟକଙ୍କ ୭ଦିନରୁ ୧୦ଦିନ ପର୍ଯ୍ୟନ୍ତ ରିଲିଫ ସାମଗ୍ରୀ ଦାବିକୁ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହିତ ନେଇ ରିଲିଫ କମିଶନରଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ରିଲିଫ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୋବାଦୀ ପଶୁଙ୍କ ଖାଦ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବାକୁ ବିଭାଗୀୟଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିଥିଲେ। ସୁବର୍ଣ୍ଣରେଖା ବନ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସଂସ୍କାର ଯୋଜନା ଶୀତଳଭଣ୍ଡାରରେ ଥିବା ବିଧାୟକଙ୍କ ପ୍ରଶ୍ନର ଉତ୍ତର ଉପମୁଖ୍ୟମନ୍ତ୍ରୀ ଚତୁରତାର ସହ ଏଡାଇ ଯାଇଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଜରୁରୀ କାର୍ଯ୍ୟ ଠପ୍



ଏଡିଏମ୍ (ସାଧାରଣ)ଙ୍କ କାର୍ଯ୍ୟାଳୟ ଫାଙ୍କା ପଡିଛି।

**ବାଲେଶ୍ୱର, ୩।୭(ବାଞ୍ଛାନିଧି ଦେ)–**

ଓଏଏସ୍ ସଂଘର ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱର ଜିଲା ସଂଘ ପକ୍ଷରୁ ୪୨ଜଣ ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି। ଫଳରେ ଜିଲା ମୁଖ୍ୟାଳୟ ସମେତ ସମସ୍ତ ସରକାରୀ ଦପ୍ତର ଖାଁ ଖାଁ ଲାଗୁଛି। ତିନି ଦିନ ଧରି କାର୍ଯ୍ୟରେ ଅଚଳାବସ୍ଥା ଜାରି ରହିଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ନିରାଶ ହୋଇ ଫେରିଯାଉଥିବା ପରିଲକ୍ଷିତ ହୋଇଛି। ଜମିଜମାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଜିଲା କାର୍ଯ୍ୟାଳୟ ସମେତ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁନାହିଁ।

ଏ ସମ୍ପର୍କରେ ସୋର ବ୍ଲକ ମୂଳେଶ୍ୱର ଅଞ୍ଚଳର ମହିଳା ଶ୍ରୀମତୀ ସେନାପତି ବୁଧବାର ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ସମ୍ପର୍କରେ ଏଡିଏମ୍ (ରାଜସ୍ୱ) ହେମନ୍ତ କୁମାର ସିଂଙ୍କୁ ଦେଖା କରିବାକୁ ଆସି ୪ ଘଣ୍ଟା ବସି ଫେରିଥିଲେ। ସେ କହନ୍ତି, କାମଧନ୍ଦା ଛାଡ଼ି ଖର୍ଚ୍ଚାନ୍ତ ହୋଇ ବାଲେଶ୍ୱର ଆସିଥିଲି। ମାତ୍ର ଅଧିକାରୀ ନ ଥିବାରୁ ଘରକୁ ଫେରିବା ପାଇଁ ବାଧ ହୋଇଛୁ। ପୁଣି କେବେ ଅଫିସର ଆସିବେ ମୋ ସମସ୍ୟା ସମାଧାନ ହେବ ବୋଲି କହିଥିଲେ।

ଏ ସମ୍ପର୍କରେ ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ କୁହନ୍ତି, ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ଆମେ ଛୁଟିରେ ଅଛୁ। ପ୍ରତିବାଦ ଜାରି ରହିଛି। ଅଧିକାରୀଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇବା ସହ ସରକାର ଦାବି ପୂରଣ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

**ନୀଳଗିରି, ୩।୭(ପ୍ରଶାନ୍ତ ବିଶ୍ୱାଳ)–**

ନୀଳଗିରି ବ୍ଲକ କେପିଲାଖରାଜ ପଞ୍ଚାୟତ କାଠଗୋଛି ଗ୍ରାମର ନରହରି ମଲ୍ଲିକ (୭୩) ଗୁରୁବାର ବିଲରେ ଧାନ ତଳି ପକାଉଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇ ନୀଳଗିରି ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଭାଲୁଟି ନରହରିଙ୍କ ଜଂଘରେ କାମୁଡ଼ି ଦେଇ ନିକଟସ୍ଥ ଜଙ୍ଗଲକୁ ଦୌଡି ପଳାଇଥିଲା। ଉପସ୍ଥିତ ଚାଷୀ ନରହରିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ନରହରିଙ୍କ କାନକୁ ଶୁଭୁ ନ ଥିବା ଓ ଦେଖିପାରୁନଥିବା କାରଣରୁ ଏଭଳି ଘଟଣା ଘଟିଥିବା ପୁଅ ବାବୁ ମଲ୍ଲିକ କହିଛନ୍ତି।

# ରାଧାକୃଷ୍ଣ ରାସଲୀଳାରେ ବିମୋହିତ ଦର୍ଶକ



ରାସଲୀଳାର ଏକ ଦୃଶ୍ୟ।

**ବାଲେଶ୍ୱର, ୩।୭(ବାଞ୍ଛାନିଧି ଦେ)–**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଇମାମୀନଗର ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆ ମୁଖରିତ ହୋଇଉଠିଛି। ରଥ ଉତ୍ସବର ୬ଷ୍ଠ ଦିନରେ ଭକ୍ତଙ୍କ ସମାଗମ ଲାଗିରହିଛି। ବିଶେଷ ଭାବେ ରାଧାକୃଷ୍ଣଙ୍କ ରାସଲୀଳା ସମସ୍ତ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଛି। ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ନୀତିକାନ୍ତି ସମାପନ ପରେ ତୁଳସୀ ଅଭିଷେକ, କଳାକାରଙ୍କ ଦ୍ୱାରା ହରିନାମ ସଙ୍କୀର୍ତ୍ତନ, ମହିଳାଙ୍କ ପୂଜାସ୍ଥଳୀ ଡେକୋରେଶନ, ଏକକ ନୃତ୍ୟ ପରିବେଷଣ ହୋଇଥିଲା। ସୁଦୂର ଋଷିକେଶରୁ ଆସିଥିବା ପ୍ରତିଷ୍ଠିତ କଳା ସଂସ୍ଥାନର କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାଧା କୃଷ୍ଣ ଚିତ୍ତାକର୍ଷକ ରାସଲୀଳା ଶ୍ରଦ୍ଧାଳୁଙ୍କ ମନରେ ବେଶ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିଥିଲା।

ଆସନ୍ତା ୫ତାରିଖ ଶନିବାର ବାହୁଡ଼ା ଯାତ୍ରା ନିମନ୍ତେ ଜଗନ୍ନାଥ ମନ୍ଦିରରେ ଥିବା ଆରତୀ ମଣ୍ଡପରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କାଙ୍କ ପୌରୋହିତ୍ୟରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାହୁଡା ଯାତ୍ରାରେ ସମସ୍ତ ଭକ୍ତମାନଙ୍କର ସୁରୁଖୁରୁରେ ଦର୍ଶନ, ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ଓ ରଥଟଣାର ବ୍ୟବସ୍ଥା ନିମନ୍ତେ ବ୍ୟାପକ ପ୍ରସ୍ତୁତି ନିର୍ଦ୍ଧାରିତ ହୋଇଛି। ଇମାମୀ କାଗଜକଳର ସମସ୍ତ ଅଧିକାରୀ, କର୍ମଚାରୀ, ଶ୍ରମିକ, ଶ୍ରମିକ ୟୁନିୟନ୍‌ର ନେତୃମଣ୍ଡଳୀ, ମନ୍ଦିର ପ୍ରଶାସନର କର୍ମକର୍ତ୍ତା ତଥା ଇମାମୀ ଲେଡିଜ୍ କ୍ଲବ୍‌ର ସଦସ୍ୟା ଉପସ୍ଥିତ ଥିଲେ।

### ବାହୁଡ଼ା ଯାତ୍ରା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି

### ସେବାଶ୍ରମରେ ନିମ୍ନମାନର ଖାଦ୍ୟ ପ୍ରଦାନକୁ ନେଇ ଉତ୍ତେଜନା

**ଜଳେଶ୍ୱର, ୩।୭(ନବୀନ ସାହୁ)–**

ଜଳେଶ୍ୱର ବ୍ଲକ ମହମ୍ମଦନଗର ପାଟଣା ପଞ୍ଚାୟତର କୁବାଡ଼ିଆ ସେବାଶ୍ରମରେ ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏଠାରେ ପ୍ରଥମଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୩ ପିଲା ପାଠ ପଢ଼ନ୍ତି। ଏଠାରେ ୮୩ ଛାତ୍ରୀଛାତ୍ର ହଷ୍ଟେଲରେ ରୁହନ୍ତି। ଏହି ସେବାଶ୍ରମରେ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ପିଲାଙ୍କ ପାଇଁ ଥିବା ଖାଦ୍ୟ ତାଲିକା ଅନୁସାରେ ଖାଦ୍ୟ ପ୍ରଦାନ କରାଯାଉନାହିଁ। ଏ ନେଇ ଗୁରୁବାର ପ୍ରଧାନଶିକ୍ଷକ ପ୍ରଦୀପ ପରିଡ଼ାଙ୍କୁ ସରପଞ୍ଚ ଅରୁଣ ସେନାପତି, ଅଭିଭାବକ ଅକ୍ଷୟ ସେନାପତି, କୁନା ଗୁଡ୍ଡୁ, ସରୋଜ ଦେ, କାରଜୀ ସୋରେନ, ଚନ୍ଦନ ସୋରେନ, ଜିତୁ ମୁର୍ମୁ ଅଭିଯୋଗ କରିଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସଜତ୍ ଅନୁପମ ଆସି ପହଞ୍ଚିଥିଲେ। ସକାଳ ଜଳଖିଆ ସୁଜି ଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଖାଲି ମୁଢ଼ି ଦିଆଯାଇଥିବା ବେଳେ ଦ୍ୱିପ୍ରହରରେ ଭାତ ସହିତ ଡାଲି, କଖାରୁ ଘାଣ୍ଟ ଥିବା ବେଳେ ପିଲାଙ୍କୁ କେବଳ କଖାରୁ ଘାଣ୍ଟ ଦିଆଯାଇଛି। ବିଭିନ୍ନ ସମୟରେ ଭାତ ବଦଳରେ ପଖାଳ ଦିଆଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ ପରିଡାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କୁ ଠିକ୍‌ଠାକ୍ ଖାଦ୍ୟ ଦିଆଯାଉଛି ବୋଲି କହିଥିଲେ। ଏ ନେଇ ଅଧିକାରୀ ସଜତ ଅନୁପମଙ୍କୁ ପଚାରିବାରୁ ତଦନ୍ତ କରି ଜିଲା ସମାଜମଙ୍ଗଳ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

# ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖଇରା, ୩।୭(ଉତ୍କଳବନ୍ଧୁ ପଣ୍ଡା):**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ସ୍କୁଲରେ କାର୍ଯ୍ୟରତ ଶିକ୍ଷକ ମହେନ୍ଦ୍ର ନାଥ ପାତ୍ରୀଙ୍କ ଅବସର ପରିପ୍ରେକ୍ଷୀରେ ଏକ ବିଦାୟୀ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରେଶ ପ୍ରସାଦ ଦକ୍ଷିଣରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଶିକ୍ଷକ ନେତା ତପନ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟପରାୟଣ ଓ ପରୋପକାରୀ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି କହିବା ସହ ଏଥିପାଇଁ ପିଲାମାନେ ତାଙ୍କୁ ସବୁଦିନ ପାଇଁ ମନେ ରଖିବେ ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଟିଙ୍କିରାଣି ସେଠୀ, ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ମହାକୁଡ, ସିଆରସିସି ବିଶ୍ୱନାଥ ଜେନା, ପ୍ରାକ୍ତନ ସିଆରସିସି ରଘୁନାଥ ଦଳେଇ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ସୁଶାନ୍ତ କୁମାର ମହାପାତ୍ର, ଜଗନ୍ନାଥ ମହାପାତ୍ର, ସୁଦର୍ଶନ ସେଠୀ, ଶତ୍ରୁଘ୍ନ ଦାସ ଓ ମନୋଜ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦାୟୀ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ‘ଧାନ କ୍ରୟ ନ ହେଲେ ଆନ୍ଦୋଳନ’



ଜିଲା ଯୋଗାଣ ଅଧିକାରିଣୀଙ୍କ ସହ ଯୁବନେତା ପଣ୍ଡା ଆଲୋଚନା କରୁଛନ୍ତି

**ବାଲେଶ୍ୱର, ୩।୭(ବାଞ୍ଛାନିଧି ଦେ)–**

ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଦଲାଲଙ୍କଠାରୁ ଧାନ ସଂଗ୍ରହ ହେଉଛି। ଯୋଗାଣ ବିଭାଗ ଓ ସମବାୟ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ଷଡ଼ଯନ୍ତ୍ର ପାଇଁ ଚାଷୀମାନେ ଧାନ ବିକ୍ରୟ ନ କରି ପାରି ହନ୍ତସନ୍ତ ହେଉଛନ୍ତି। ବାଲେଶ୍ୱର ସଦର ବ୍ଲକ ଅଧୀନ ଶ୍ରୀରାମପୁର ସମବାୟ ସମିତି ବିରୋଧରେ ଚାଷୀମାନେ ଏଭଳି ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ମୁତାବକ, ସମବାୟ ସମିତି ସମ୍ପାଦକ ଓ ସଭାପତି ଚକ୍ରାନ୍ତ କରି ଅଣଚାଷୀ ଏବଂ ଦଲାଲଙ୍କଠାରୁ ଧାନ ସଂଗ୍ରହ କରି ମିଳିଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଛନ୍ତି। ଫଳରେ ଟୋକନ୍ ପାଇଥିବା ଶ୍ରୀରାମପୁର ଓ ରସଲପୁର ପଞ୍ଚାୟତର ବହୁ ଚାଷୀ ଚଳିତ ରବି ଧାନ ବିକ୍ରୟ କରିବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରତିବାଦରେ ଯୁବନେତା ବିକ୍ରମ ପଣ୍ଡା ବୁଧବାର ଜିଲା ଯୋଗାଣ ଅଧିକାରିଣୀ ପୁଷ୍ପିତା ନାୟକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ସେ ଦାବି କରିଥିଲେ। ଧାନ କିଣା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ସୁନିଶ୍ଚିତ। ଏଥିସହ ଦଲାଲଙ୍କଠାରୁ ଧାନ ସଂଗ୍ରହ କରିଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲା ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଯୁବନେତା ପଣ୍ଡା ଚେତାବନୀ ଦେଇଥିଲେ। ଏନେଇ ଜିଲା ଯୋଗାଣ ଅଧିକାରିଣୀ ନାୟକ ୭ ଦିନ ଭିତରେ ଚାଷୀଙ୍କ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଚେତାବନୀ ଦେଲେ ଚାଷୀ

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର, ୩।୭(ନବୀନ ସାହୁ)– ଜଳେଶ୍ୱର ବ୍ଲକ ରାୟାରାମଚନ୍ଦ୍ରପୁର ପଞ୍ଚାୟତର ଜମାଲପୁର ଗ୍ରାମର ତାପସ ପାତ୍ର (୨୬) ବାଇକ୍ ଯୋଗେ ବୁଧବାର ବାଲେଶ୍ୱର ଯାଉଥିବା ବେଳେ ନିଧିପଣ୍ଡା ଛକ ନିକଟରେ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇ ଛିଟ୍‌କି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାପସ ହାଇଦ୍ରାବାଦରେ ରହି ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ ବୁଧବାର ହାଇଦ୍ରାବାଦରୁ ଫେରି ଜଳେଶ୍ୱରରୁ ଏକ ନୂତନ ରେସିଂ ବାଇକ୍ କିଣି ନିଜ କକାଙ୍କୁ ଦେଖା କରିବା ପାଇଁ ବାଲେଶ୍ୱର ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମର ରାଜୀବ ଲୋଚନ ପରିଡ଼ା, ଆଶୋକ ପରିଡ଼ା, କାଳିଚରଣ ଦାସ, ବ୍ରଜମୋହନ ପ୍ରଧାନ, ପ୍ରବୀର ଦାସ ଓ ମଳୟ ପରିଡ଼ା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗୁରୁବାର ଅପରାହ୍ଣରେ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ଗ୍ରାମ ଜମାଲପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୪୭ ଶିକ୍ଷକ ଅଭାବ ସତ୍ତ୍ୱେ ୯ଙ୍କୁ ବଦଳି

**ସିମୁଳିଆ, ୩।୭(ସନ୍ତୋଷ ନାୟକ):**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଶିକ୍ଷା ବିଭାଗରେ ଗୋଳମାଳିଆ ସ୍ଥିତି ପରିଲକ୍ଷିତ ହୋଇଛି। ସରକାରଙ୍କ ନିୟମ ଅନୁସାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ୩୦ଜଣ ଛାତ୍ରୀଛାତ୍ରଙ୍କ ଅନୁପାତରେ ଜଣେ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୫ଜଣ ଛାତ୍ରୀଛାତ୍ରଙ୍କ ଅନୁପାତରେ ଜଣେ ଶିକ୍ଷକ ରହିବାର ନିୟମ ରହିଛି। ତେବେ ସିମୁଳିଆ ବ୍ଲକରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ୪୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ଥିବା ବେଳେ ପ୍ରଶାସନ ୯ଜଣଙ୍କୁ ଅନ୍ୟତ୍ର ବଦଳି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଯେ, ସିମୁଳିଆ ବ୍ଲକରେ ୧୧୬ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ, ୮ଟି ଅନୁଦାନପ୍ରାପ୍ତ ବିଦ୍ୟାଳୟ ରହିଛି। ତେବେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୩୨୨ ଛାତ୍ରୀ ଓ ୬୬୨୯ ଛାତ୍ର ମୋଟ ୧୨ହଜାର ୯୫୧ଜଣ ଶିକ୍ଷାର୍ଥୀ ପାଠ ପଢୁଛନ୍ତି । ଏହି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ୪୭୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି । ସରକାରୀ ଅନୁପାତରେ ମୋଟ ୪୭ଜଣ ଶିକ୍ଷାକର୍ମୀଙ୍କ ଅଭାବ ରହିଛି । ଏହି ପରିପ୍ରେକ୍ଷୀରେ ୬ଜଣ ଶିକ୍ଷକ ସ୍ୱଇଚ୍ଛାରେ ନିଜ ଅଞ୍ଚଳକୁ ବଦଳି ହୋଇଯାଇଛନ୍ତି। ଅପରପକ୍ଷେ ଅନ୍ୟ ୩ଜଣଙ୍କୁ ଅନ୍ୟତ୍ର ବ୍ଲକକୁ ବଦଳି କରିଦିଆଯାଇଛି। ସିମୁଳିଆ ବ୍ଲକ ଦାଣ୍ଡମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ନାୟକଙ୍କୁ ଭୋଗରାଇ ବ୍ଲକକୁ ବଦଳି କରିଦିଆଯାଇଛି। ଏ ସମ୍ପର୍କରେ ସେ କୁହନ୍ତି ଦାଣ୍ଡମଙ୍ଗଳା ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଥିବା ସ୍ଥଳେ ସରକାରୀ ଗାଇଡଲାଇନକୁ ବେଖାତିର କରାଯାଇ ତାଙ୍କ ବଦଳି ଦେଢଶହ କି.ମି. ଦୂରକୁ କରିଦିଆଯାଇଛି। ଅପରପକ୍ଷେ ଶିକ୍ଷା କମିଟି ଓ ଅଭିଭାବକ ମଧ୍ୟ ଏହାକୁ ବିରୋଧ କରିଛନ୍ତି। ଏହି ବଦଳିକୁ ଖାରଜ କରା ନ ଗଲେ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ସେହିପରି କୁପୁରା ଯୁଜିୟୁପିର ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ସାହୁଙ୍କୁ ବସ୍ତା ବ୍ଲକକୁ ବଦଳି କରାଯାଇଛି। ସ୍ୱଳ୍ପ ଦରମାରେ ବ୍ଲକ ବାହାରକୁ ବଦଳି କରାଯିବା ଅତ୍ୟନ୍ତ ଦୁଃଖଦ ବୋଲି ସେ କହିଛନ୍ତି। ସେହିପରି ଅଡା ଏମ୍‌ଇର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁଅଁରଙ୍କୁ ମଧ୍ୟ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି । ଶିକ୍ଷକ ବଦଳି ସମ୍ପର୍କରେ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିକ୍ଷକ କଳ୍ପତରୁ ଦାଶ କୁହନ୍ତି, ଏହି ବଦଳି ପ୍ରକ୍ରିୟା ଆକ୍ରୋଶମୂଳକ, ଆଗାମୀ ଦିନରେ ଶିକ୍ଷକ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି । ସେହିପରି ସିମୁଳିଆ ବ୍ଲକର ୧୬ଟି କ୍ଲଷ୍ଟରରେ କାର୍ଯ୍ୟରତ ସିଆରସିସିମାନଙ୍କ କାର୍ଯ୍ୟକାଳ ଗତ ୧୬।୬।୨୫ରେ ଶେଷ ହେବା ପରେ ତାଙ୍କୁ ଗତ ୩୦।୬।୨୫ରେ ରିଲିଫ ଅର୍ଡର ପ୍ରଦାନ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏବିଇଓ ଅଜୟ କୁମାର ପଣ୍ଡାଙ୍କୁ ପଚାରିବାରୁ ଜିଲା ପ୍ରଶାସନ ପକ୍ଷରୁ ଶିକ୍ଷକମାନଙ୍କ ବଦଳି କରାଯାଇଥିବା ସେ କହିଛନ୍ତି ।

### ସିମୁଳିଆ: ୩ ଶିକ୍ଷକଙ୍କୁ ଦେଢ଼ ଶହ କି.ମି. ଦୂରକୁ ବଦଳି

## ସ୍ମୃତିଚାରଣ ସଭା

**ଉଦଳା,(ସନ୍ତୋଷ କୁମାର ବାଢ଼ିନୀ):** ଉଦଳା କଲେଜ ରୋଡ୍‌ସ୍ଥିତ ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନରେ ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ସାମାଜିକ କର୍ମୀ ସ୍ୱର୍ଗତ ଶରତ ଚନ୍ଦ୍ର ମହାଳିକଙ୍କର ସପ୍ତମ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସ୍ଥାୟୀ ସଭାପତି ସୌମ୍ୟସୁମନ ଦାଶଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦିକା ସୁଜାତା ମହାଳିକ ଏବଂ ସନ୍ତୋଷନୀ ମହାନ୍ତି ସ୍ୱର୍ଗତ ଗୋବିନ୍ଦ ମହାଳିକଙ୍କ ଆଧ୍ୟାତ୍ମିକ ଶିକ୍ଷାନୁଷ୍ଠାନ ପ୍ରତି ଉଚ୍ଚ କୋଟିର ପ୍ରୟାସ ଓ ତାଙ୍କ ସପ୍ନକୁ ସାକାର କରିବା ପାଇଁ ତାଙ୍କ ସହଧର୍ମିଣୀ ଉଦ୍ୟମ ଜାରି ରଖିଥିବା କହିଥିଲେ।

**ମୟୂରଭଞ୍ଜ**



ଖାରପୋଖରିଆ ଶୀର୍ଷାସ୍ଥିତ ଶୂନ୍ୟମାଧବ ଜୀଉଙ୍କ ଗଜାନନ ବେଶ। (ଫଟୋ-ସୁଧୀର କୁମାର ମହାନ୍ତ)



ବାରିପଦାରେ ଶ୍ରୀଜୀଉଙ୍କ ରାଜରାଜେଶ୍ୱର ବେଶ। (ଫଟୋ-ନୀଳାଦ୍ରି ବିହାରୀ ଦଣ୍ଡପାଟ)

# ମଧ୍ୟାହ୍ନଭୋଜନରେ ହେରଫେର

**ଉଦଳା,୩।୭(ସନ୍ତୋଷ କୁମାର ବାଢ଼ିନୀ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଉପାନ୍ତ ହରିଡ଼ାବୁଆ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ହେରଫେର ହେବା ଘଟଣା ସାମ୍ନାକୁ ଆସିଛି। ଉପସ୍ଥିତ ଛାତ୍ରଛାତ୍ରୀଙ୍କଠାରୁ ଅଧିକ ସଂଖ୍ୟକ ପିଲା ଦର୍ଶାଇ ସରକାରଙ୍କୁ ରିପୋର୍ଟ ଦିଆଯାଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ହରିଡାବୁଆ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୪। ଗୁରୁବାର ବିଦ୍ୟାଳୟକୁ ସମୁଦାୟ ୩୭ଜଣ ଛାତ୍ରୀଛାତ୍ର ଆସିଥିଲେ। ହେଲେ ୪୮ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିବା ନେଇ ସରକାରଙ୍କୁ ଦିଆଯାଇଥିବା ଅନ୍‌ଲାଇନ ରିପୋର୍ଟରୁ ଜଣାପଡ଼ିଛି। ଉପସ୍ଥାନ ସଂଖ୍ୟାଠାରୁ ଅଧିକ ୧୧ଜଣ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଥିବା ଦର୍ଶାଯାଇଛି। ଏ ସମ୍ପର୍କରେ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କୁ ଅବଗତ କରାଯାଇଥିଲେ ହେଁ ସେ ଘଟଣାକୁ ବେଶ ହାଲୁକା ଢଙ୍ଗରେ ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ରବିନ୍ଦ୍ର ନାଥ ସାହୁଙ୍କୁ ପଚାରିବାରୁ ଭୁଲରେ ୩୮ ବଦଳରେ ୪୮ ଜଣଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇଥିବା ରିପୋର୍ଟ ଅନ୍‌ଲାଇନରେ ଅପଲୋଡ୍ ହୋଇଥିଲା। ପରେ ସେ ଉକ୍ତ ରିପୋର୍ଟକୁ ସଂଶୋଧନ କରି ୩୮ କରି ଦେଇଥିବା କହିଛନ୍ତି। ଗଣମାଧ୍ୟମ ପ୍ରତିନିଧି ଘଟଣା ବାବଦରେ ଫୋନ କରିବା ପରେ ସେ ସଂଶୋଧନ କରିଥିବାରୁ ଦୁର୍ନୀତିକୁ ଢାଙ୍କିବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ତେବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏନେଇ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ବଢ଼ୁଛି ବିପର୍ଯ୍ୟୟ ମୃତ୍ୟୁସଂଖ୍ୟା

**ବାରିପଦା,୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

- ୫ବର୍ଷରେ ଗଲାଣି ୧୩୯୪ଜଣଙ୍କ ଜୀବନ
- ସରକାରୀ ସହାୟତାରୁ ୧୦୩ ବଞ୍ଚିତ

ମୟୂରଭଞ୍ଜ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ଉଦ୍‌ବେଗ ଜନକ ସ୍ଥିତିରେ ବୃଦ୍ଧି ପାଉଛି। ବଜ୍ରପାତ, ସର୍ପାଘାତ, ଅଂଶୁଘାତ ଓ ପାଣିରେ ବୁଡ଼ି ମୃତ୍ୟୁ ଘଟଣାରେ ରୋକ୍ ଲାଗିପାରୁ ନାହିଁ। ଅନ୍ୟ ପକ୍ଷରେ ମୃତ୍ୟୁ ଜନିତ ଏକ୍ସଗ୍ରାସିଆ ସାହାଯ୍ୟ ପାଇବାରୁ ଅଦ୍ୟାବଧି ୧୦୩ ଜଣ ବଞ୍ଚିତ ରହିଛନ୍ତି। ଯାହାକୁ ନେଇ ପୀଡ଼ିତ ପରିବାର ଲୋକେ ବାରମ୍ବାର କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ବଣପାହାଡ଼ ଘେରା ତଥା ଖଣିଜ ପରିବେଷ୍ଟିତ ମୟୂରଭଞ୍ଜ ଜିଲାରେ ପ୍ରାକୃତିକ ଦୁର୍ବିପାକ ତଥା ବିପର୍ଯ୍ୟୟ ଜନିତ ମୃତ୍ୟୁକୁ ନେଇ ଜିଲାବାସୀ ଭୟଭୀତ ହୋଇଥାନ୍ତି। ବର୍ଷା ଦିନେ ସାପ କାମୁଡ଼ା ଓ ବଜ୍ରପାତ ଏବଂ ଖରାଦିନେ ଅଂଶୁଘାତ ଓ ଘରପୋଡ଼ି ଭଳି ଆକସ୍ମିକ ଦୁର୍ଘଟଣାରେ ଧନଜୀବନ ହାନି ହୋଇଥାଏ। ସଚେତନତା କିମ୍ବା ଅସାବଧାନତା ବଶତଃ ପ୍ରତି ବର୍ଷ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଗତ ୫ବର୍ଷ ମଧ୍ୟରେ ୧୩୯୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆହତଙ୍କ ସଂଖ୍ୟା ୧୭ ରହିଛି। ପାଣିରେ ବୁଡ଼ି ସର୍ବାଧିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ସର୍ବନିମ୍ନ ରହିଛି। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୦ରୁ ଜୁନ ୨୦୨୫ ପର୍ଯ୍ୟନ୍ତ ପାଣିରେ ବୁଡ଼ି ମୃତ୍ୟୁବରଣ କରିବା ସଂଖ୍ୟା ୭୦୦ ରହିଥିବା ବେଳେ ସାପକାମୁଡ଼ାରେ ୪୩୬, ବଜ୍ରପାତରେ ୧୪୬, ଅଂଶୁଘାତରେ ୧୧ ଓ ଅଗ୍ନିକାଣ୍ଡରେ ୧୦୧ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ବିପର୍ଯ୍ୟୟ ଜନିତ ଦୁର୍ଘଟଣାରେ ୧୦୩ ମୃତ୍ୟୁ ବରଣ କରିଥିବା ବେଳେ ବିଭିନ୍ନ କାରଣରୁ ସରକାରୀ ସହାୟତା ପାଇବାରୁ ସେମାନଙ୍କ ପରିବାର ଲୋକେ ବଞ୍ଚିତ ରହିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ବ୍ୟାପକ ସଚେତନତା କରାଯାଉଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଏହି ଜିଲାରେ ଏହା ପ୍ରଭାବଶୂନ୍ୟ ହୋଇପଡ଼ିଛି। ମୃତ ଓ ଆହତଙ୍କ ସଂଖ୍ୟା ଚିନ୍ତାର କାରଣ ସାଜିଥିବା ବେଳେ ଅନେକ ପରିବାର ମୁରବୀ ବିହୀନ ହୋଇପଡ଼ିଛି। ସରକାରୀ ସ୍ତରରେ ବିପର୍ଯ୍ୟୟ ଜନିତ କ୍ଷତିଗ୍ରସ୍ତଙ୍କ ପାଇଁ ଧାର୍ଯ୍ୟ କ୍ଷତିପୂରଣ ରାଶି ଯୋଗାଇ ଦିଆଯାଉଛି। ବିଗତ ୫ବର୍ଷ ମଧ୍ୟରେ ୧୪୧୧ଜଣଙ୍କୁ ମୋଟ ୫୫କୋଟି ୬୪ଲକ୍ଷ ୩ହଜାର ୬ଶହ ଟଙ୍କାର ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଜିଲା ଜରୁରୀକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ କହିଛନ୍ତି। ୨୦୨୦ରେ ୨୪୬ଜଣଙ୍କୁ ୯କୋଟି ୫୬ଲକ୍ଷ ୨୯ହଜାର ୯ଶହ, ୨୦୨୧ରେ ୨୬୫ଜଣଙ୍କୁ ୧୦କୋଟି ୫୩ଲକ୍ଷ, ୨୦୨୨ରେ ୩୦୫ଜଣଙ୍କୁ ୧୨କୋଟି ୧୨ଲକ୍ଷ ୫୪ହଜାର ୩ଶହ, ୨୦୨୩ରେ ୩୧୫ଜଣଙ୍କୁ ୧୨କୋଟି ୩୧ଲକ୍ଷ ୬୯ହଜାର ୪ଶହ, ୨୦୨୪ରେ ୨୧୯ଜଣଙ୍କୁ ୮କୋଟି ୬୫ଲକ୍ଷ ୫୦ହଜାର ଓ ୨୦୨୫ଜୁନ ସୁଦ୍ଧା ୬୧ଜଣଙ୍କୁ ୨କୋଟି ୪୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ବିଳମ୍ବତା ପାଇଁ ୧୦୩ ଆବେଦନକାରୀଙ୍କୁ ସରକାରୀ ସହାୟତା ମିଳି ପାରିନାହିଁ। ଏପରି ଘଟଣାକୁ ଏଡ଼ାଇବା ସହିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଦିଗରେ ତୃଣମୂଳସ୍ତରରୁ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀ ଦାବି କରିଛନ୍ତି।

# ଖୋଲିଲା ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍

## ଆରମ୍ଭ ହେଲା ଏକ୍ସପୋ ଆଣ୍ଡ୍ ଫନ୍ ଫେୟାର

**ବାରିପଦା,୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ଛଉପଡ଼ିଆଠାରେ ଷଷ୍ଠ ବାରିପଦା ଏକ୍ସପୋ ଆଣ୍ଡ ଫନ ଫେୟାର ଗୁରୁବାର ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଛି। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଭାଜପା ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ, ସମ୍ମାନନୀୟ ଅତିଥି ଭାବେ ବାରିପଦା ଜିଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସା ଓ ୱାର୍ଡ ନଂ.୧ର କାଉନସିଲର ସୁକେଶିନୀ ସେଠୀ ଯୋଗ ଦେଇଥିଲେ। ଏହି ମେଳାରେ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉପକରଣ,ବୈଦ୍ୟୁତିକ ଉପକରଣ ତଥା ବିଭିନ୍ନ ରାଜ୍ୟରୁ ଆସିଥିବା ଆଞ୍ଚଳିକ ପ୍ରସିଦ୍ଧ ଶାଢ଼ି ପୋଷାକ ଆଦିର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲମାନ ପ୍ରଦର୍ଶିତ ହେବ। ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ ଏହି ମେଳାରେ ଏକ ବିରାଟ ଷ୍ଟଲ କରାଯାଇଛି ଏବଂ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ବିଭିନ୍ନ ପ୍ରତିଯୋଗିତାମାନ କରାଯାଉଛି। ମେଳା ମଧ୍ୟକୁ ବୁଲି ଆସିବା ସହିତ ନିଜ ମନ ପସନ୍ଦର ସାମଗ୍ରୀ କିଣିନେବା ନିମନ୍ତେ ମେଳାର ଆବାହକ ସଞ୍ଜୟ କୁମାର ସାହୁ ଅନୁରୋଧ କରିଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅବସରରେ ଶପଥପାଠ

**ବୈଶିଙ୍ଗା,୩।୭(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଥିବା ଶକ୍ତି କ୍ଲବ ମାଧ୍ୟମରେ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଇଥିଲା। ପ୍ରଧାନଶିକ୍ଷକ ରଜତ କୁମାର ଦାଶ ପିଲାମାନଙ୍କୁ ବିଦ୍ୟୁତ୍‌ଜନିତ ଦୁର୍ଘଟଣାରୁ କେମିତି ସୁରକ୍ଷିତ ରହି ପାରିବେ, ବିଦ୍ୟୁତ ସଞ୍ଚୟ କରିବାର ବିଭିନ୍ନ ଉପାୟ, ବିଦ୍ୟୁତ୍ ଚୋରି ରୋକିବାକୁ ପ୍ରୟୋଗ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବୋପରି ବିଦ୍ୟୁତ୍ ଏକ ଜାତୀୟ ସମ୍ପତ୍ତି, ଏହାର ସୁରକ୍ଷା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ପିଲାମାନେ ସମୂହ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସରସ୍ୱତୀ ଜେନା, ପ୍ରତିମା ପରିଡ଼ା, ସୁବାସିନୀ ପରିଡ଼ା , ନିଳାକ୍ଷି ଦାସ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ଶିଶୁ ନାଟ୍ୟ କର୍ମଶାଳା

**ବାରିପଦା,୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଡକତପୁର (ମହାରାଜପୁର)ସ୍ଥିତ ଓଆରଡି କେନ୍ଦ୍ରରେ ଜାତୀୟ ନାଟ୍ୟ ବିଦ୍ୟାଳୟ ଦିଲୀ ଆନୁକୂଲ୍ୟରେ ଏକ ମାସ ଧରି ଗ୍ରୀଷ୍ମକାଳୀନ ଶିଶୁ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଆରଡି କେନ୍ଦ୍ର ଓ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୪୦ ଜଣ ବାଳିକା ବାଳକ ନାଟ୍ୟ ତାଲିମ ନେଇଥିଲେ। ଶେଷ ଦିନ ଏନ୍‌ଏସଡି ନାଟ୍ୟ ନିର୍ଦ୍ଦେଶକ ଶେଖ ଖଇରୁଦ୍ଦିନଙ୍କ ନିର୍ଦ୍ଦେଶିତ ନାଟକ 'ଭଗବାନ ବିର୍ସା ମୁଣ୍ଡା'ମଞ୍ଚସ୍ଥ ହୋଇଥିଲା। ନାଟକରେ ରଘୁବୀର ବିନ୍ଧାଣି, ସୌମ୍ୟ ସାରଥି ମଣ୍ଡଳ, ସାଇ ସୁନୟନା ଭକ୍ତା, ସିପୁନ ବିନ୍ଧାଣି, ଜ୍ୟୋତିପ୍ରକାଶ ଦାସ, କାର୍ତ୍ତିକ ମହାନ୍ତ, ଦେବାଶିଷ କୁଅଁର, ସାଇଗୀତା ଭକ୍ତା ଓ ସିନିଗୋ ମୁର୍ମୁ ପ୍ରମୁଖ ଚମତ୍କାର ଅଭିନୟ କରିଥିଲେ। ଓଆରଡିର ପ୍ରତିଷ୍ଠାତା ସୌମ୍ୟା ସୁଚରିତା ମହାନ୍ତି, ସମ୍ପାଦକ ସାଇପ୍ରକାଶ ମହାନ୍ତି, ଅଭିନେତା ସୋମନାଥ ସିଂହ, ନାଟ୍ୟକାର ଗୋବିନ୍ଦ ଚନ୍ଦ୍ର ଗିରି ଓ ଆଶିଷ ବସାଙ୍କ ସମେତ ଶ୍ୟାମଳୀ ପଟ୍ଟନାୟକ, ଅଭିରାମ ପରମହଂସ ବେଦ ବେଦାନ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତାଲି ସାମଲ, ଶିକ୍ଷକ ଫୁଲମଣୀ ହେମ୍ବ୍ରମ, ରାକେଶ କୁମାର ସାମଲ, କମ୍ପ୍ୟୁଟର ଶିକ୍ଷକ ଶୁଭସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଖାଲି ଚେୟାର ଦେଖି ଫେରୁଛନ୍ତି ଲୋକେ

**ବାରିପଦା,୩।୭(ନୀଳାଦ୍ରି ବିହାରୀ ଦଣ୍ଡାପଟ)**

ଓଏଏସ୍ ସଂଘର ଆନ୍ଦୋଳନ ଫଳରେ ମୟୂରଭଞ୍ଜ ଜିଲାରେ ସରକାରୀ କଳ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ସାଧାରଣ ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଗରିବ ଶ୍ରେଣୀର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅଫିସରେ ଖାଲି ପଡିଥିବା ଚେୟାରକୁ ଦେଖି ଲୋକମାନେ ନିରାଶ ହୋଇ ଘରକୁ ଫେରୁଛନ୍ତି। ଫଳରେ ଜିଲା ମୁଖ୍ୟାଳୟକୁ ଆସୁଥିବା ଲୋକେ ସରକାରଙ୍କ ପଦକ୍ଷେପକୁ ଅନାଇ ବସିଛନ୍ତି।

## ଆନ୍ଦୋଳନକୁ ସମର୍ଥନ ଜଣାଇଲା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ

ରାଜ୍ୟରେ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ମୟୂରଭଞ୍ଜ ଜିଲା ଶାଖା ନୈତିକ ସମର୍ଥନ ଜଣାଇଛି। ରାଜ୍ୟ ସଂଘର ସଭାପତି ସଚିନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସଂଘର ସଭାପତି ପଙ୍କଜ କୁମାରୀ ନାଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ୫ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଅତିରିକ୍ତ କମିଶନର ରତ୍ନାକର ସାହୁ, କୁଳିଅଣା ତହସିଲଦାର ଦୁର୍ଗା ଚରଣ ମୁର୍ମୁ, କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ପ୍ରତିବାଦରେ ଓଏଏସ ସଂଘ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିଛି। ବିଗତ ଦିନରେ ଖୁଣ୍ଟା ରାଜସ୍ୱ ନୀରିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ସଂଘ ପକ୍ଷରୁ ଏଭଳି ଘଟଣାକୁ ନିନ୍ଦା କରାଯିବା ସହିତ ଏହାର ପୁନରାବୃତ୍ତି ନ ହେବା ପାଇଁ ଦାବି କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଆକ୍ରମଣକାରୀ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହିତ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମ୍ବେଦନଶୀଳ କାର୍ଯ୍ୟରେ ସ୍ୱଷ୍ଟ ପ୍ରଶାସନିକ ଉପଦେଶାବଳି, ପୋଲିସର ଉତ୍ତରଦାୟିତ୍ୱ, ଜନତା କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସୁପାରିଶ କିମ୍ବା ନିର୍ଦ୍ଦେଶ କ୍ରମେ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଉପଯୁକ୍ତ ଯୋଗାଯୋଗ ଓ ସହଯୋଗ କରିବାକୁ ଦାବିରେ ଉଲ୍ଲେଖ କରାଯାଇଛି।


## ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

File No. 1376/2025 Date: 14.05.2025

No. XXVII-6: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୩/୨୦୨୩ ତା୧୬।୦୬।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଯଜପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି ତହସିଲ: ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଥିଲି | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

### ଭୂମି ଅନୁସୂଚୀ
ମୌଜା: ମାଥିଲି, ଥାନା: ମାଥିଲି ନଂ. ୭୧, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରି
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୪ | ୧୮୨୬ | ୨.୦୦୨ | ୦.୯୩୮୭ | ଧାନ ଦୁଇ | ନିମକୁ କପେ, ପି:ଗଙ୍ଗାଧର କପେ, ଜା:ଭୂମିଆ, ବା:ନିଜଗାଁ |
| ୬୫ | ୧୭୩୫ | ୦.୪୯୪ | ୦.୪୧୨୭ | ଡଙ୍ଗର ଏକ | ଘେନୁ ପ୍ରଧାନି, ପି:କାଲିଆ ମାଳନି, ମଙ୍ଗୁ ପ୍ରଧାନି, ଜା:ରଣା, ବା:ଧଉଡାଗୁଡ଼ା |
| | ୧୭୩୩ | ୦.୫୪୪ | ୦.୦୦୫୧ | ଡଙ୍ଗର ଏକ | |
| | ୧୭୨୨ | ୦.୫୫୧ | ୦.୦୧୧୮ | ଧାନ ଏକ | |
| | ୧୭୩୦ | ୩.୧୬୩ | ୦.୮୮୬୨ | ଧାନ ଦୁଇ | |
| ୮୯ | ୧୭୮୪ | ୦.୮୧୫ | ୦.୦୦୨୧ | ଧାନ ଦୁଇ | ଜଗବନ୍ଧୁ ନାୟକ, ପି:ମାନସିଂହ ନାୟକ, ଭଗବାନ ନାୟକ, ପି:ମଙ୍ଗଳା ନାୟକ, ହାତିରାମ ନାୟକ, ପି:ଭାଗିରଥୀ ନାୟକ, ନରସିଂହ ନାୟକ, ପି:ଅର୍ଜୁନି ନାୟକ, ଘାସିରାମ ନାୟକ, ପି:ଅର୍ଜୁନ ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୯୯ | ୧୮୩୫ | ୧.୯୯୭ | ୧.୯୯୬୬ | ଧାନ ଦୁଇ | ଡମ୍ବୁ ମାଝି, ହରି ମାଝି, ପି:ଜୟସିଂହ ମାଝି, ଜା:ଭୂମିଆ, ବା:ନିଜଗାଁ |
| | ୧୮୩୭ | ୦.୬୩୮ | ୦.୦୩୨୧ | ଡଙ୍ଗର ଏକ | |
| | ୧୮୩୬ | ୦.୨୩୫ | ୦.୦୦୨୪ | ଧାନ ଦୁଇ | |
| ୧୭୦ | ୧୮୦୦ | ୪.୦୦୩ | ୧.୭୨୦୫ | ଧାନ ଦୁଇ | ବଳରାମ ନାୟକ, ପି:ଘାସି ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୧୯୬ | ୧୭୪୯ | ୦.୬୪୦ | ୦.୦୭୮୮ | ଧାନ ଏକ | ଭଗବାନ ପରଜା, ପି:ଗୁରୁ ପରଜା, ଲଛମି ପରଜା, ସ୍ୱା:ଗୁରୁ ପରଜା, ଜା:ପରଜା, ବା:ନିଜଗାଁ (ଧୋତବ ଗୁଡ଼ା) |
| | ୧୭୩୮ | ୩.୦୬୨ | ୨.୧୯୫୪ | ଧାନ ଏକ | |
| ୧୯୮ | ୧୭୬୨ | ୦.୧୨୧ | ୦.୧୨୧୧ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ, ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| | ୧୭୬୫ | ୧.୮୬୮ | ୧.୬୫୧୪ | ଧାନ ଦୁଇ | |
| | ୧୭୭୫ | ୨.୫୮୨ | ୦.୩୫୮୮ | ଧାନ ଦୁଇ | |
| ୨୦୪ | ୧୮୨୦ | ୨.୦୦୨ | ୦.୦୫୫୭ | ଧାନ ଦୁଇ | ଭାଜି କୋପେ, ସ୍ୱା:ବୁଦୁରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡ଼ା |
| ୨୨୬ | ୧୭୭୨ | ୪.୨୮୨ | ୦.୦୧୫୫ | ଧାନ ଦୁଇ | ରସୁଲ ଖାଁ, ପି:ଏନାୟା ତୁଲା ଖାଁ, କୁଲୁସୁମୁ ବିବି, ସ୍ୱା:ଏନାୟା ତୁଲା ଖାଁ, ହସୋନେ ଖାଁ, ପି:ମଜର ଖାଁ, ଜା:ମୁସଲମାନ,ବା:ନିଜଗାଁ |
| ୨୨୮ | ୧୭୮୯ | ୨.୦୭୬ | ୦.୦୨୪୦ | ଧାନ ଦୁଇ | କାନମ ରାଜୁ ନାଏକ, ପି:ରାମ ନାଏକ, ମତୋ ନାଏକ, ସ୍ୱା:ରାମ ନାଏକ, ତିଳକ ନାଏକ, ପି:ମକୁନ୍ଦ ନାଏକ, ଶଶୀ ନାଏକ, ସ୍ୱା:ମକୁନ୍ଦ ନାଏକ,ଜା:ଭୂମିଆ, ବା:ନିଜଗାଁ |
| ୨୯୦ | ୧୭୯୭ | ୧.୭୭୯ | ୦.୩୬୬୮ | ଧାନ ଦୁଇ | ହରି ଦରୋ, ପି:ବୁଦୁରା ଦରୋ, ଜା:ଭୂମିଆ, ବା:ବାରିଆ ବାହାଲା |
| ୨୯୧ | ୧୬୧୯ | ୧.୩୩୨ | ୦.୨୦୮୩ | ଧାନ ଦୁଇ | ହରି ପରଜା, ପି:ରଙ୍ଗିଆ ପରଜା, ଜା:ପରଜା, ବା:ଧଉଡାଗୁଡ଼ା |
| ୨୯୪ | ୧୮୨୭ | ୦.୧୫୧ | ୦.୧୧୦୭ | ଧାନ ଦୁଇ | ହରେକୃଷ୍ଣ ପରଜା, ପି:ଆକୁଳି ଚରଣ ପରଜା, ଜା:ଭୂମିଆଁ, ବା:ନିଜଗାଁ |
| | ୧୮୩୦ | ୦.୧୪୮ | ୦.୧୪୮୩ | ଡଙ୍ଗର ଏକ | |
| ୪୯୪/୧୬୦ | ୧୭୯୬/୨୧୧୨ | ୧.୦୦୧ | ୦.୨୨୨୩ | ଧାନ ଦୁଇ | ସାଦବେ ମାଝୀ, ଗୁରୁ ମାଝୀ, ପି:ସୋନୁ ମାଝୀ, ଜା:ରଣା, ବା:ନିଜଗାଁ |
| ୪୯୪/୩ | ୧୮୩୨ | ୩.୨୮୬ | ୦.୬୨୫୧ | ଧାନ ଦୁଇ | ମୁନୀ ପୂଜାରୀ, ପି:ଚନ୍ଦ୍ର ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୪୯୪/୪ | ୧୮୩୩ | ୧.୬୮୦ | ୦.୧୬୯୮ | ଧାନ ଦୁଇ | ବୁଦୁରା ପୂଜାରୀ, ପି:ଲକିନାଥ ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୧୯୮ | ୧୭୭୪ | ୧.୪୮୨ | ୧.୦୬୫୩ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ,ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| ୪୯୪/୩୦୯ | ୧୮୩୫/୨୦୯୨ | ୦.୬୫୦ | ୦.୪୪ | ଧାନ ଦୁଇ | ହରି କୋପେ, ଭାଗୀରଥି କୋପେ, ପି:ବୁଦରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡ଼ା |
| ୪୯୪/୩୦୯ | ୧୮୩୭/୨୦୯୩ | ୦.୩୫୧ | ୦.୩୪୮୪ | ଡଙ୍ଗର ଏକ | ହରି କୋପେ, ଭାଗୀରଥୀ କପୋ, ପି:ବୁଦ୍ରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡ଼ା |
| ୪୯୪/୫୪୮ | ୧୮୩୫/୨୩୮୭ | ୦.୧୩୭ | ୧.୦୩୨୮ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| ୪୯୪/୫୪୮ | ୧୮୩୬/୨୩୮୮ | ୦.୮୪ | ୦.୪୭୯୩ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| | ମୋଟ | ୪୩.୪୨୮ | ୧୫.୭୨୬ | | |

### ତଫସିଲ-ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନା ବୈଧ ତାରିଖ– ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ**

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରିଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–ଜିଲ୍ଲାପାଳ,ମାଲକାନଗିରି

OIPR-24074/14/0017/2526

**ଦିଲ୍ଲୀ ଏମ୍ସ ଟ୍ରମା ସେଣ୍ଟର ନିକଟରେ ଅଗ୍ନିକାଣ୍ଡ**

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଟ୍ରମା ସେଣ୍ଟର ନିକଟରେ ଥିବା ଟ୍ରାନ୍ସଫର୍ମର ଗୁରୁବାର ଅପରାହ୍ନରେ ବିସ୍ଫୋରଣ ହେବାରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ କେହି ମୃତାହତ ହୋଇ ନ ଥିବା ଦିଲ୍ଲୀ ଫାୟାର ସର୍ଭିସ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ୮ଟି ଦମକଳ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମାଲିରେ ୩ ଭାରତୀୟ ଅପହୃତ

**ତୁରନ୍ତ ମୁକ୍ତ କରିବାକୁ ଭାରତର ନିବେଦନ**

ନୂଆଦିଲ୍ଲୀ,୩।୭

ମାଲିର କାୟେସ ସହରରେ ଥିବା ଡାଇମଣ୍ଡ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ୩ ଜଣ ଭାରତୀୟଙ୍କୁ ସଶସ୍ତ୍ର ଉଗ୍ରପନ୍ଥୀମାନେ ଅପହରଣ କରିନେଇଛନ୍ତି। ଗତ ମଙ୍ଗଳବାର ଘଟିଥିବା ଏହି ଘଟଣାରେ ଭାରତ ସରକାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ମୁକ୍ତ କରିବା ଦିଗରେ ମାଲି ସରକାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିବେଦନ କରାଯାଇଛି। ପଶ୍ଚିମ ଏବଂ କେନ୍ଦ୍ରୀୟ ମାଲିରେ ସୈନ୍ୟବାହିନୀ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ସମନ୍ୱିତ ଆତଙ୍କବାଦୀ ଆକ୍ରମଣ ଜାରି ରହିଥିବାବେଳେ ଅଜଣା ସଶସ୍ତ୍ର ଆକ୍ରମଣକାରୀମାନେ କାରଖାନା ପରିସରରେ ଧସେଇ ପଶି କର୍ମଚାରୀମାନଙ୍କୁ ଅପହରଣ କରିନେଇଥିଲେ। ଭାରତ ସରକାର ଏହାର ନିନ୍ଦା କରିବା ସହ ରିପବ୍ଲିକ୍ ଅଫ୍ ମାଲି ସରକାର ସେମାନଙ୍କୁ ସୁରକ୍ଷିତ ମୁକ୍ତି ପାଇଁ ସମସ୍ତ ଜରୁରୀ ପଦକ୍ଷେପ ନେବା ଲାଗି ନିବେଦନ କରିଛନ୍ତି। ରାଜଧାନୀ ବମାକୋରେ ଥିବା ଭାରତୀୟ ଦୂତାବାସ ଅପହୃତମାନଙ୍କ ମୁକ୍ତି ପାଇଁ ମାଲି ସରକାର, ସ୍ଥାନୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଡାଇମଣ୍ଡ କାରଖାନାର ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚଳାଇଛି।

### ମୋଦିଙ୍କୁ ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରୁଛନ୍ତି।

ଆକ୍ରା, ୩।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର୍ ଅଫ୍ ଘାନା'ରେ ସମ୍ମାନୀତ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୪ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମିଳିଛି। ତାଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଘାନାର ଜନସାଧାରଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ମୋଦି କହିଛନ୍ତି, ଏହି ସମ୍ମାନକୁ ସେ ଦେଶର ୧୪୦ କୋଟି ଜନସାଧାରଣଙ୍କୁ ସମର୍ପିତ କରୁଛନ୍ତି। ଗୁରୁବାର ଆକ୍ରାଠାରେ ଭାରତ ଏବଂ ଘାନା ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପର ସହ ୪ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛନ୍ତି।



## ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ୬୦ ଦିନିଆ ଯୁଦ୍ଧବିରତି ପାଇଁ ଦେଇଥିବା ଆହ୍ୱାନକୁ ଇସ୍ରାଏଲ୍ ଅମାନ୍ୟ କରି ଆକ୍ରମଣ ଜାରି ରଖିଛି। ଇସ୍ରାଏଲୀ ସୈନ୍ୟଙ୍କ ଘନଘନ ମିଶାଇଲ ମାଡ଼ରେ ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଖାନ୍ ୟୁନିସ୍‌ରେ ଏକ ଛୋଟପିଲାକୁ ଧରି ମୃତକଙ୍କ ସମ୍ପର୍କୀୟମାନେ କାନ୍ଦୁଛନ୍ତି।

## ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ଏମ୍‌ପିଙ୍କ ସ୍ୱାକ୍ଷର ସଂଗ୍ରହ ହେବ

ନୂଆଦିଲ୍ଲୀ,୩।୭(ପି.ଟି.)



ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ବହିଷ୍କାର ପ୍ରସ୍ତାବକୁ ସମର୍ଥନ କରିବା ଲାଗି ପ୍ରମୁଖ ବିରୋଧୀ ଦଳଗୁଡ଼ିକ ନୀତିଗତ ଭାବେ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ସାଂସଦମାନଙ୍କ ଦସ୍ତଖତ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସାଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୁରୁବାର କହିଛନ୍ତି। ତେବେ ଏହି ପ୍ରସ୍ତାବ ଲୋକ ସଭାରେ ଆସିବ କି ରାଜ୍ୟ ସଭାରେ ତାହା ଏପର୍ଯ୍ୟନ୍ତ ସରକାର ସ୍ଥିର କରିନାହାନ୍ତି। ଲୋକ ସଭାରେ ପ୍ରସ୍ତାବ ଆଗତ କରିବା ନିମନ୍ତେ ଅନ୍ୟୂନ ୧୦୦ ଏମ୍‌ପିଙ୍କ ସ୍ୱାକ୍ଷର ଆବଶ୍ୟକ ଥିବାବେଳେ ରାଜ୍ୟ ସଭା ପାଇଁ ଅନ୍ୟୂନ ୫୦ ଏମ୍‌ପିଙ୍କ ସମର୍ଥନ ଜରୁରୀ। ପ୍ରସ୍ତାବ କେଉଁ ସଦନରେ ଅଣାଯିବ, ତାହା ନିଷ୍ପତ୍ତି ହେବା ପରେ ଦସ୍ତଖତ ସଂଗ୍ରହ ଆରମ୍ଭ ହେବ।

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ବିଚାରପତି ତଦନ୍ତ ଆଇନ, ୧୯୬୮ ଅନୁଯାୟୀ, ବିଚାରପତିଙ୍କୁ ବହିଷ୍କାର କରିବା ପ୍ରସ୍ତାବ ଯେକୌଣସି ସଦନରେ ଆଗତ ହେବା ପରେ ବାଚସ୍ପତି କିମ୍ବା ଅଧ୍ୟକ୍ଷ ଏହାର ତଦନ୍ତ ପାଇଁ ଏକ ୩ ଜଣିଆ କମିଟି ଗଠନ କରିବେ। କମିଟିରେ ଭାରତ ପ୍ରଧାନ ବିଚାରପତି (ସିଜେଆଇ) କିମ୍ବା ସୁପ୍ରିମକୋର୍ଟର ଜଣେ ବିଚାରପତି, ଯେକୌଣସି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ଖ୍ୟାତନାମା ନ୍ୟାୟବିତ୍ ରହିବେ। ଏହି ମାମଲା ସହ ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗ ସମ୍ପୃକ୍ତ ଥିବାରୁ ସରକାର ସବୁ ରାଜନୈତିକ ଦଳଙ୍କ ସହମତି ଚାହୁଁଛନ୍ତି। ଜଷ୍ଟିସ୍ ବର୍ମାଙ୍କ ବାସଭବନରୁ ବିପୁଳ ଟଙ୍କା ଜବତ ହୋଇଥିବା ଅଭିଯୋଗକୁ ପୂର୍ବରୁ ୩ ଜଣିଆ ବିଚାରପତି କମିଟି ପ୍ରମାଣିତ କରିଥିବାବେଳେ ତାଙ୍କ ବହିଷ୍କାର ସମ୍ପର୍କରେ ପାର୍ଲାମେଣ୍ଟ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସୁପାରିସ କରିଥିଲା। ସୂଚନାଯୋଗ୍ୟ, ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ସରକାରୀ ବାସଭବନ ପରିସରରେ ଥିବା ଷ୍ଟୋର୍ ରୁମ୍‌ରେ ଅଗ୍ନିକାଣ୍ଡ ଘଟି ଅନେକ ଟଙ୍କା ବଣ୍ଡଲ ପୋଡ଼ିଯାଇଥିବା ଅବସ୍ଥାରେ ମିଳିଥିଲା।

## ପିଉସାଙ୍କୁ ବାହାହେବା ପାଇଁ ସ୍ୱାମୀଙ୍କୁ ହତ୍ୟା

**ବିବାହର ୪୫ ଦିନ ପରେ ସ୍ତ୍ରୀଙ୍କ ବର୍ବରତା**

ପାଟନା,୩।୭



ପ୍ରିୟାଂଶୁ | ଗୁଞ୍ଜା ଦେବୀ | ଜୀବନ ସିଂ

ବିହାରର ଔରଙ୍ଗାବାଦ ଜିଲାରେ ଜଣେ ମହିଳା ବିବାହର ୪୫ ଦିନ ପରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମେଘାଳୟ ହନିମୁନ୍ ହତ୍ୟାକାଣ୍ଡ ପରେ ବିହାରର ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁଞ୍ଜା ଦେବୀ ନାମ୍ନୀ ନବବିବାହିତା ତାଙ୍କ ସ୍ୱାମୀ ପ୍ରିୟାଂଶୁ(୨୫)ଙ୍କୁ ହତ୍ୟା କରିବା ପାଇଁ ନିଜ ପିଉସା ତଥା ପ୍ରେମିକ ଜୀବନ ସିଂ (୫୫)ଙ୍କ ସହ ଷଡ଼ଯନ୍ତ୍ର ରଚିଥିଲେ। ପ୍ରିୟାଂଶୁଙ୍କୁ ହତ୍ୟା କରିବା ପାଇଁ ଜୀବନ ସୁପାରି କିଲର ବ୍ୟବସ୍ଥା କରିଥିଲେ। ଜୀବନ ଫେରାର ଥିବାବେଳେ ପୋଲିସ ୨ ସୁପାରି କିଲରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛି।

ଜୀବନଙ୍କ ସହ ଗୁଞ୍ଜା ରିଲେଶନ୍‌ରେ ଥିଲେ ଓ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ଗୁଞ୍ଜାଙ୍କ ପରିବାର ଏଥିରେ ରାଜି ନ ହୋଇ ତାଙ୍କୁ ଜବରଦସ୍ତି ନବିନଗର ଥାନା ଅନ୍ତର୍ଗତ ବରୱାନ ଗ୍ରାମର ପ୍ରିୟାଂଶୁଙ୍କ ସହ ବିବାହ କରାଇଥିଲେ। ପୋଲିସ କହିବା ଅନୁଯାୟୀ, ଭଉଣୀ ଘରକୁ ଯାଇଥିବା ପ୍ରିୟାଂଶୁ ଗତ ୨୫ ତାରିଖରେ ଘରକୁ ଫେରିଥିଲେ। ସେ ନବିନଗର ଷ୍ଟେଶନରେ ଓହ୍ଲାଇବା ପରେ ତାଙ୍କୁ ନେବା ପାଇଁ କାହାକୁ ବାଇକ୍ ସହ ପଠାଇବାକୁ ସ୍ତ୍ରୀଙ୍କୁ ଫୋନ୍ କରି କହିଥିଲେ। ଷ୍ଟେଶନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ୨ ଜଣ ଗୁଳି କରିଥିଲେ। ପୋଲିସ ହତ୍ୟା ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବାବେଳେ ଗୁଞ୍ଜା ଗାଁରୁ ଖସି ପଳାଇବାକୁ ଉଦ୍ୟମ କରିବାକୁ ନେଇ ପ୍ରିୟାଂଶୁଙ୍କ ପରିବାର ସନ୍ଦେହ କରିଥିଲେ। ତାଙ୍କ କଲ୍ ରେକର୍ଡ ଯାଞ୍ଚ କରାଯିବାରୁ ସେ ପିଉସା ଜୀବନଙ୍କ ସହ କ୍ରମାଗତ ସମ୍ପର୍କରେ ଥିବା ଜଣାପଡ଼ିଥିଲା। ଜୀବନଙ୍କ କଲ୍ ରେକର୍ଡ ଯାଞ୍ଚରୁ ସେ ସୁପାରି କିଲରଙ୍କ ସହ ଯୋଗାଯୋଗ କରିଥିବା ଘଟଣା ପଦାକୁ ଆସିଥିଲା। ପୋଲିସ ଗୁଞ୍ଜା ଓ ୨ ଶୁଟରଙ୍କୁ ଗିରଫ କରିଥିବାବେଳେ ଜୀବନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ, ଗତ ମେ'ରେ ମେଘାଳୟକୁ ହନିମୁନ୍‌ରେ ଯାଇଥିବା ରାଜା ରଘୁବଂଶୀଙ୍କୁ ତାଙ୍କ ସ୍ତ୍ରୀ ସୋନମ୍ ଓ ପ୍ରେମିକ ରାଜ କୁଶ୍‌ୱା ସୁପାରି କିଲର ଲଗାଇ ହତ୍ୟା କରିଥିଲେ। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇଛନ୍ତି।

## ମାଆ, ପୁଅଙ୍କୁ ହତ୍ୟାକଲେ ଘରୋଇ ସହାୟକ

**ଦିଲ୍ଲୀରେ ଡବଲ ମର୍ଡର**

ନୂଆଦିଲ୍ଲୀ,୩।୭

ଦିଲ୍ଲୀର ଲଜପତ ନଗର ଅଞ୍ଚଳରେ ଡବଲ ମର୍ଡର ଘଟିଛି। ମାଲିକାଣୀ ଗାଳି ଦେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଘରୋଇ ସହାୟକ ମୁକେଶ ତାଙ୍କୁ ଓ ତାଙ୍କ ନାବାଳକ ପୁଅଙ୍କୁ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ମୁକେଶ(୨୪) ଟ୍ରେନ୍ ଯୋଗେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ରେଲୱେ ପୋଲିସ ତାଙ୍କୁ ଧରିଛି। ଲଜପତ ନଗର-୧ରେ ରହୁଥିବା କୁଲ୍‌ଦୀପ ସେୱାନୀ ବୁଧବାର ସକାଳେ ଘରକୁ ଫୋନ୍ କରିଥିଲେ ମଧ୍ୟ ସ୍ତ୍ରୀ ରୁଚିକା(୪୨) ଓ ପୁଅ ଫୋନ୍ ଉଠାଇ ନ ଥିଲେ। ଘରେ ପହଞ୍ଚି କୁଲଦୀପ ଶିଡ଼ି ପାହାଚରେ ରକ୍ତ ପଡ଼ିଥିବା ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ କବାଟ ଭାଙ୍ଗି ଘରେ ପଶିବା ପରେ ମହିଳା ଓ ତାଙ୍କ ପୁଅଙ୍କ ମୃତଦେହ ଦେଖିବାକୁ ପାଇଥିଲା। ରୁଚିକାଙ୍କ ବେକ କଟାଯାଇଥିବାବେଳେ ମୃତଦେହ ବେଡ୍‌ରୁମ୍‌ରେ ପଡ଼ିଥିଲା। ତାଙ୍କ ପୁଅଙ୍କ ମୃତଦେହ ବାଥ୍‌ରୁମ୍‌ରୁ ମିଳିଥିଲା। ସେମାନଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ପୋଲିସ କହିଛି। ମୁକେଶ କୁଲଦୀପଙ୍କ ଘରେ ୩/୪ ବର୍ଷ ହେଲା କାମ କରୁଥିଲେ। ସେ ଘରକାମ କରିବା ସହ ସେମାନଙ୍କ ପୋଷାକ ଦୋକାନରେ ମଧ୍ୟ ସହାୟତା କରୁଥିଲେ ଓ ଡ୍ରାଇଭର ଭାବେ ମଧ୍ୟ କାମ କରୁଥିଲେ। ମଙ୍ଗଳବାର ରୁଚିକା ତାଙ୍କୁ ଗାଳିଦେବାରୁ ସେ ପ୍ରତିଶୋଧ ପରାୟଣ ହୋଇ ହତ୍ୟାକାଣ୍ଡ ଘଟାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ବେପରୁଆ ଗାଡ଼ିଚାଳନା: ଚାଳକଙ୍କ ମୃତ୍ୟୁରେ ପରିବାରକୁ ମିଳିବନି କ୍ଷତିପୂରଣ

**କର୍ନାଟକ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ**

ନୂଆଦିଲ୍ଲୀ,୩।୭ (ପି.ଟି.)

ନିଜର ବେପରୁଆ ଗାଡ଼ିଚାଳନା ପାଇଁ ଜଣକର ମୃତ୍ୟୁ ଘଟିଲେ, ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ବୀମା କମ୍ପାନୀ ଉତ୍ତରଦାୟୀ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦ୍ରୁତବେଗରେ କାର୍ ଚଳାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ସ୍ତ୍ରୀ, ପୁଅ ଓ ମା'ବାପା ୮୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଜଷ୍ଟିସ୍ ନରସିଂହା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଗତବର୍ଷ ନଭେମ୍ବର ୨୩ରେ ସେମାନଙ୍କ ଆବେଦନକୁ କର୍ନାଟକ ହାଇକୋର୍ଟ ଖାରଜ କରିଥିବାବେଳେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟ ରାୟ ଦେଇସାରିଥିବାରୁ ସ୍ୱତନ୍ତ୍ର ଲିଭ୍ ପିଟିଶନ ଖାରଜ ହେଲା ବୋଲି ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ଜୁନ୍ ୧୮ରେ ଏସ୍. ରବିଶ୍ ଟ୍ରାଫିକ୍ ନିୟମ ନ ମାନି ବେପରୁଆ ଗାଡ଼ିଚାଳନା କରୁଥିବାରୁ କର୍ନାଟକର ଅରସିକେରେ ସହରକୁ ଯାଉଥିବାବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଟ୍ରମ୍ପଙ୍କ ସ୍ତ୍ରୀଙ୍କୁ ବିଦା ପାଇଁ ପିଟିଶନ ସ୍ୱାକ୍ଷର ଅଭିଯାନ

**ଆମେରିକାରେ ଜନ୍ମ ହୋଇ ନ ଥିଲେ ଫାର୍ଷ୍ଟ ଲେଡି ମେଲାନିଆ**

ୱାଶିଂଟନ୍, ୩।୭



ମେଲାନିଆ ଟ୍ରମ୍ପ

ଆମେରିକାରୁ ଆପ୍ରବାସୀଙ୍କୁ ହଟାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ପ୍ରଶାସନର ତ୍ୱରିତ ପଦକ୍ଷେପ ମଧ୍ୟରେ ଏକ ପିଟିଶନ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ, ତାଙ୍କ ମା'ବାପା ଏବଂ ପୁଅ ବାରୋନ ଟ୍ରମ୍ପଙ୍କୁ ଆମେରିକାରୁ ନିର୍ବାସନ କରିବା ପାଇଁ ଦାବି ହୋଇଛି। ଆପ୍ରବାସନକୁ ନେଇ ଟ୍ରମ୍ପ ଯେଉଁ ନୀତି ଗ୍ରହଣ କରିଛନ୍ତି, ସେଥିରୁ ନିଜ ପରିବାରକୁ ବାଦ୍‌ଦେବା ଉଚିତ ନୁହେଁ ବୋଲି ଆମେରିକାର ଏକ ପ୍ରଗତିଶୀଳ ଆଇନଜୀବୀ ଗୋଷ୍ଠୀ 'ମୁଭ୍ ଅନ୍' ପକ୍ଷରୁ ଏହି ପିଟିଶନରେ କୁହାଯାଇଛି। ଅନ୍‌ଲାଇନରେ ଏବେ ଏହି ପିଟିଶନ ଲୋକପ୍ରିୟତା ହାସଲ କରୁଛି।

ଯେହେତୁ ଟ୍ରମ୍ପ ଆପ୍ରବାସୀ ଏବଂ ଆମେରିକାରେ ଜନ୍ମ ହୋଇ ନ ଥିବା ନାଗରିକଙ୍କୁ ନିର୍ବାସିତ କରିବାକୁ ଚାହୁଁଛନ୍ତି, ତେଣୁ ତାଙ୍କୁ ପ୍ରଥମେ ନିଜ ସ୍ତ୍ରୀ ମେଲାନିଆ ଏବଂ ତାଙ୍କ ପରିବାରକୁ ନିର୍ବାସନ କରିବା ଉଚିତ। ଜାତୀୟ ସୁରକ୍ଷାକୁ ଆଳ କରି ଆପ୍ରବାସୀମାନଙ୍କୁ ଦେଶରୁ ତଡ଼ିବା ପାଇଁ ଟ୍ରମ୍ପ କରିଥିବା ଯୋଜନା ପକ୍ଷପାତପୂର୍ଣ୍ଣ। ଟ୍ରମ୍ପଙ୍କ ନିର୍ବାସନ ଏଜେଣ୍ଡାର ଏହା ଦ୍ୱୈତ ମାନଦଣ୍ଡ ବୋଲି ପିଟିଶନରେ କୁହାଯାଇଛି।

ପିଟିଶନରେ ମେଲାନିଆଙ୍କ ଇବି-୧ ଭିଜା ବ୍ୟବହାରକୁ ନେଇ ସମାଲୋଚନା କରାଯାଇଛି। ସାଧାରଣତଃ ବିଜ୍ଞାନ, କଳା, ବ୍ୟବସାୟ ଭଳି କ୍ଷେତ୍ରରେ ଅସାଧାରଣ କ୍ଷମତା ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ସଂରକ୍ଷିତ ରହିଥାଏ। ସେ ଏହି ଭିଜାର ଫାଇଦା ଉଠାଉଛନ୍ତି। ମେଲାନିଆ ୧୯୭୦ ଏପ୍ରିଲ ୨୬ରେ ୟୁଗୋସ୍ଲାଭିଆରେ ଜନ୍ମ ହୋଇଥିଲେ। ଏବେ ଏହା ସ୍ଲୋଭେନିଆ ନାମରେ ପରିଚିତ। ୨୦୦୬ରେ ସେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ। ମେଲାନିଆ ହେଉଛନ୍ତି ଆମେରିକାର ଦ୍ୱିତୀୟ ଫାର୍ଷ୍ଟ ଲେଡି, ଯିଏ ଅନ୍ୟ ଦେଶରେ ଜନ୍ମଗ୍ରହଣ କରିଛନ୍ତି। ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ, ୨୦୧୮ରେ ମେଲାନିଆଙ୍କ ନିର୍ଦ୍ଦେଶରେ ତାଙ୍କ ମା'ବାପାଙ୍କୁ ଆମେରିକାରେ ଗ୍ରୀନ୍ କାର୍ଡ ଏବଂ ନାଗରିକତ୍ୱ ମିଳିଥିଲା।

'ମୁଭ୍ ଅନ୍'ର ଏହି ପିଟିଶନ ୫ ମାସ ତଳର ହୋଇଥିବା ବେଳେ ସମ୍ପ୍ରତି ଏହା ଲୋକପ୍ରିୟ ହେବାରେ ଲାଗିଛି। କିଛିଦିନ ପୂର୍ବରୁ ଏହି ପିଟିଶନରେ ମାତ୍ର ୧୦୦ ଜଣ ସ୍ୱାକ୍ଷର କରିଥିବା ବେଳେ ଏବେ ୬ ହଜାରରୁ ଅଧିକ ଲୋକ ଏଥିରେ ସ୍ୱାକ୍ଷର କରିସାରିଲେଣି।

## ଛୁରିରେ ତିଆରି ୨୭ ଫୁଟର ମୂର୍ତ୍ତି

**ଅପରାଧ ଓ ହିଂସା ବିରୋଧୀ ପ୍ରତୀକ ଭାବେ ଲୋକଙ୍କ ପସନ୍ଦ ପାଲଟିଛି**

ଲଣ୍ଡନ



ପ୍ରତ୍ୟେକ ମୂର୍ତ୍ତିର ଏକ କାହାଣୀ ରହିଥାଏ। ମୂର୍ତ୍ତିକାରମାନେ ସେମାନଙ୍କର କଠିନ ପରିଶ୍ରମ ଦ୍ୱାରା ମୂର୍ତ୍ତିଗୁଡ଼ିକୁ ଏକ ଆକାର ଦେଇଥାନ୍ତି। ଅନେକ ମୂର୍ତ୍ତି କିଛି ବିଶେଷ ଘଟଣାର ସାକ୍ଷୀ ହୋଇଥାଏ। ସେହିପରି କେତେକ ମୂର୍ତ୍ତି ଅନନ୍ୟ ଉପାୟରେ ତିଆରି ହୋଇ ପ୍ରସିଦ୍ଧି ମଧ୍ୟ ପାଇଥାଏ।

ଇଂଲଣ୍ଡର ଓସ୍‌ୱେଷ୍ଟ୍ରିରେ ଥିବା ବ୍ରିଟିଶ୍ ଆଇରନ୍‌ୱାର୍କସ୍ ସେଣ୍ଟରରେ ଏକ ୨୭ ଫୁଟ ଉଚ୍ଚତାର ନିଆରା ମୂର୍ତ୍ତି ରହିଛି, ଯାହାକୁ କେବଳ ଛୁରିରେ ତିଆରି କରାଯାଇଛି। ଏହି ମୂର୍ତ୍ତିରେ ବ୍ୟବହୃତ ହୋଇଥିବା ପ୍ରତ୍ୟେକଟି ଛୁରି କୌଣସି ନା କୌଣସି ଅପରାଧରେ ବ୍ୟବହୃତ ହୋଇଛି ଏବଂ ପ୍ରତ୍ୟେକ ଛୁରିର କିଛି ନା କିଛି ଦୁଃଖଦ କାହାଣୀ ରହିଛି। ଏହି ନିଆରା ମୂର୍ତ୍ତିକୁ ଆଲ୍‌ଫି ବ୍ରାଡ୍‌ଲି ନାମକ ଜଣେ ବ୍ରିଟିଶ ମୂର୍ତ୍ତିକାର ତିଆରି କରିଛନ୍ତି। ନାଇଫ୍ ଆଞ୍ଜେଲ ଭାବରେ ଜଣାଶୁଣା ଏହି ମୂର୍ତ୍ତି ହିଂସା ଏବଂ ଆକ୍ରମଣ ବିରୋଧୀ ଜାତୀୟ ସ୍ମାରକୀ ଭାବେ ଲୋକପ୍ରିୟତା ହାସଲ କରିଛି। ଅପରାଧ ଏବଂ ହିଂସା ବିରୋଧରେ ଏକ ଶକ୍ତିଶାଳୀ ପ୍ରତୀକ ଭାବେ ନାଇଫ୍ ଆଞ୍ଜେଲକୁ ତିଆରି କରାଯାଇଥିଲା। ଏହାକୁ ତିଆରି କରିବା ପାଇଁ ମୋଟ ଏକ ଲକ୍ଷ ଛୁରି ଏବଂ ବ୍ଲେଡ୍‌ର ବ୍ୟବହାର ହୋଇଥିଲା। ଛୁରି ଦ୍ୱାରା ହୋଇଥିବା ବିଭିନ୍ନ ଅପରାଧର ପୀଡିତଙ୍କ ପ୍ରତି ଅତ୍ୟାଚାର ଏବଂ ଦୁଃଖକୁ ଏହି ମୂର୍ତ୍ତି ମନେ ପକାଇଥାଏ। ନାଇଫ୍ ଆଞ୍ଜେଲରେ ବ୍ୟବହୃତ ଛୁରିଗୁଡ଼ିକୁ ସଂଗ୍ରହ କରିବାକୁ ମୂର୍ତ୍ତିକାର ବ୍ରାଡ୍‌ଲିଙ୍କୁ ପ୍ରାୟ ୧୦ ବର୍ଷ ସମୟ ଲାଗିଥିଲା। ୨୦୧୮ ମସିହାରେ ସେ ଏହି ମୂର୍ତ୍ତିର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ଏବଂ ଏହା ନାଇଫ୍ ଆଞ୍ଜେଲ ଭାବେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇଥିଲା।

ବ୍ରାଡ୍‌ଲି କହିଛନ୍ତି, ବ୍ରିଟେନରେ ଛୁରିର ବ୍ୟବହାରରେ ହେଉଥିବା ବିଭିନ୍ନ ଅପରାଧ ବିଷୟରେ ସଚେତନତାର ପ୍ରସାର କରିବା ପାଇଁ ସେ ଏହି ମୂର୍ତ୍ତିକୁ ତିଆରି କରିଥିଲେ। ହିଂସାତ୍ମକ ଆଚରଣ ପୀଡ଼ିତ ବ୍ୟକ୍ତି ଏବଂ ତାଙ୍କ ପରିବାରଗୁଡ଼ିକୁ କେତେ ମାତ୍ରାରେ ପ୍ରଭାବିତ କରିପାରେ, ତାହା ଯୁବପିଢ଼ିଙ୍କୁ ଅନୁଭବ କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ତାଙ୍କୁ ପ୍ରାୟ ୫ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା।

**ଫୁର୍‌ସତ୍**

## କ୍ରିତି, ଧନୁଷ୍‌ଙ୍କ ଲଭ୍ କେମେଷ୍ଟ୍ରି



କ୍ରିତି ସାନୋନ୍

ମୁମ୍ବାଇ

ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ 'ତେରେ ଇସ୍କ ମେଁ' ଫିଲ୍ମ ଆସନ୍ତା ନଭେମ୍ବର ୨୮ରେ ରିଲିଜ୍ ହେବ। ଫିଲ୍ମରେ ଅଭିନେତା ଧନୁଷ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନୋନ୍ ନଜରକୁ ଆସିବେ। ଏହି ଫିଲ୍ମରେ ଉଭୟ ଧନୁଷ୍ ଏବଂ କ୍ରିତିଙ୍କ ମଧ୍ୟରେ ଲଭ୍ କେମେଷ୍ଟ୍ରି ଦେଖିବା ପାଇଁ ଦର୍ଶକ ଉତ୍ସାହର ସହ ଅନାଇ ବସିଛନ୍ତି। 'ତେରେ ଇସ୍କ ମେଁ' ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ କ୍ରିତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରେ ସେ ବିଭିନ୍ନ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଶୁଟିଂ ଶେଷ ହେବା ଖୁସିରେ ଧନୁଷ, କ୍ରିତି ଏବଂ ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟଙ୍କ ସମେତ ଫିଲ୍ମର ପୂରା କ୍ରିଉ ଟିମ୍ କେକ୍ କାଟି ଉତ୍ସବ ପାଳୁଥିବାର ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ କ୍ରିତି ଲେଖିଛନ୍ତି, ଆନନ୍ଦଙ୍କ ନିର୍ଦ୍ଦେଶନାରେ ଫିଲ୍ମ ଶୁଟିଂ ବେଳର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ଉପଭୋଗ କରିଛନ୍ତି। ସେହିପରି ଇଣ୍ଡଷ୍ଟ୍ରିରେ ପ୍ରତିଭାଶାଳୀ ଏବଂ ବୁଦ୍ଧିମାନ ଅଭିନେତାଙ୍କ ମଧ୍ୟରୁ ଧନୁଷ୍ ଅନ୍ୟତମ। ଆଗକୁ ମଧ୍ୟ ସେ ଧନୁଷ୍‌ଙ୍କ ସହ ଅନେକ ପ୍ରୋଜେକ୍ଟରେ କାମ କରିବେ ବୋଲି କ୍ରିତି ଆଶାବ୍ୟକ୍ତ କରିଛନ୍ତି।

**'ତେରେ ଇସ୍କ ମେଁ' ଶୁଟିଂ ଶେଷ**

# ବାର୍ଷିକ ୧ କୋଟି ଫ୍ଲାଏ ଆଶ୍ ଇଟା ଉତ୍ପାଦନ ଆକଳନ

## ଶୁଭଲକ୍ଷ୍ମୀ ସମବାୟ ସହ ବେଦାନ୍ତର ବୁଝାମଣା

ଭୁବନେଶ୍ୱର,୩।୭

ବର୍ତ୍ତମାନ ସମୟରେ ଫ୍ଲାଏ ଆଶ୍ ଇଟାର ଚାହିଦା ସବୁ କ୍ଷେତ୍ରରେ ରହିଛି। ଏପରିକି ଏକ ଅନନ୍ୟ ମହିଳା ନେତୃତ୍ୱାଧୀନ ଫ୍ଲାଏ ଆଶ୍ ଇଟା ଉତ୍ପାଦନ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରିବାରେ ବେଦାନ୍ତ ଆଲୁମିନିୟମ ଆବଶ୍ୟକ ସାହାଯ୍ୟ କରିଛି। ଏହା ବାର୍ଷିକ ପ୍ରାୟ ୧ କୋଟି ଇଟା ଉତ୍ପାଦନ କରିବ ବୋଲି ଆକଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡ଼ାଠାରେ ଏହି ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ଭାରତର ସର୍ବବୃହତ୍ ଗ୍ରାମୀଣ ମହିଳା ସମବାୟ ମଧ୍ୟରୁ ଗୋଟିଏ ଶୁଭଲକ୍ଷ୍ମୀ ସମବାୟ ସହ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି। ବିଶେଷକରି ବେଦାନ୍ତର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ସମବାୟକୁ ମାଗଣାରେ ଫ୍ଲାଏ ଆଶ୍ ପ୍ରଦାନ କରାଯିବ। ଫଳରେ ଅନନ୍ୟ ଭାବେ ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ସହ ବୃତ୍ତାକାର ଅର୍ଥନୀତି ମାର୍ଗର ବିକାଶକୁ ଦୃଢ କରିଛି। ଅପରପକ୍ଷରେ ଦୈନିକ ୨୫,୦୦୦ ରୁ ଅଧିକ ଇଟା ଉତ୍ପାଦନ କରିବାର କ୍ଷମତା ସହିତ ଏହି ସୁବିଧା ସମ୍ପୂର୍ଣ୍ଣ ଭାବେ ଶୁଭଲକ୍ଷ୍ମୀ ସମବାୟର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହେବ। ବେଦାନ୍ତ ଆଲୁମିନିୟମ ଇଟା ଉତ୍ପାଦନ ୟୁନିଟ୍ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବାରେ ସହାୟତା ପ୍ରଦାନ କରିବ। ଏହା ଅପରେଟରମାନଙ୍କୁ ତାଲିମ ଦେବା ଏବଂ ନମୁନା ଇଟାର ତୃତୀୟ ପକ୍ଷ ଗୁଣବତ୍ତା ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିବ, ଯାହାଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବୈଷୟିକ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ, ଫ୍ଲାଏ ଆଶ୍ ହେଉଛି, ତାପଜ ବିଦ୍ୟୁତ୍ ଉତ୍ପାଦନ। ପ୍ରକ୍ରିୟାର ଏକ ଉପ ଉତ୍ପାଦ ଏବଂ ଏହାକୁ ସିମେଣ୍ଟ ଉତ୍ପାଦନ, ଇଟା ଉତ୍ପାଦନ ଏବଂ ରାସ୍ତା ନିର୍ମାଣ ଭଳି ଅନେକ ସ୍ଥାୟୀ ଉପାୟରେ ବର୍ଦ୍ଧିତ ଭାବେ ବ୍ୟବହାର କରାଯାଉଛି। ୨୦୨୨ମାର୍ଚ୍ଚଠାରୁ ବେଦାନ୍ତ ଆଲୁମିନିୟମ ପ୍ରମୁଖ ସିମେଣ୍ଟ ନିର୍ମାତାମାନଙ୍କୁ ୧.୫ ନିୟୁତ ଟନ୍‌ରୁ ଅଧିକ ଫ୍ଲାଏ ଆଶ୍ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)କୁ ସେମାନଙ୍କର ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ୩ ନିୟୁତ ଟନ୍ ଯୋଗାଇଛି। ଏହି ପ୍ରୟାସ ପାଇଁ ସମ୍ପ୍ରତି ଝାରସୁଗୁଡାରୁ ଏହାର ୬୫୦ ଟନ ଫ୍ଲାଏ ଆଶ୍ ରେକ୍ ପଠାଯାଇଛି।

ଶୁଭଲକ୍ଷ୍ମୀ ସମବାୟର ୪୪୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ୫,୦୦୦ରୁ ଅଧିକ ମହିଳା ସଦସ୍ୟ ଅଛନ୍ତି। ଏହା ସମବାୟର ସଦସ୍ୟମାନଙ୍କୁ କ୍ଷୁଦ୍ର ଅର୍ଥ, ଦକ୍ଷତା ବିକାଶ, ଆର୍ଥିକ ସାକ୍ଷରତା ଏବଂ ବଜାର ସଂଯୋଗ ମାଧ୍ୟମରେ ସଶକ୍ତ କରିବା ପାଇଁ କାର୍ଯ୍ୟ କରିଥାଏ। ଏହି ପ୍ରୟାସଗୁଡ଼ିକ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ନିର୍ବାହ କରିବାରେ ସାହାଯ୍ୟ ସହ ସେମାନଙ୍କ ସମ୍ପ୍ରଦାୟର ବିକାଶ ଏବଂ ପ୍ରଗତିରେ ମଧ୍ୟ ଅଧିକ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ (ମୁଖ୍ୟ ପରିଚାଳନା ଅଧିକାରୀ) ସୁନୀଲ ଗୁପ୍ତା କହିଛନ୍ତି, ଫ୍ଲାଏ ଆଶ୍ ଭଳି ଶିଳ୍ପ ଉପ ଉତ୍ପାଦକୁ ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀରେ ପୁନଃ ପ୍ରୟୋଗ କରି ଆମେ କେବଳ ଏକ ବୃତ୍ତାକାର ଅର୍ଥନୀତିରେ ଯୋଗଦାନ ଦେଉ ନାହୁଁ ବରଂ ହଜାର ହଜାର ଗ୍ରାମୀଣ ମହିଳାଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ।



# ୪ ଜଣଙ୍କୁ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ

ଭୁବନେଶ୍ୱର,୩।୭ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡାଲମିଆ ଭାରତ ପକ୍ଷରୁ ୪ ଜଣ ବିଶିଷ୍ଟ ଶିଳ୍ପକାରଙ୍କୁ ପୁରୀ ରଥଯାତ୍ରା ଅବସରରେ 'ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର' ସମ୍ମାନରେ ସମ୍ମାନିତ କରାଯାଇଛି। ଡାଲମିଆ ଭାରତ ଲିମିଟେଡ୍ (ଡିବିଏଲ୍) ର ବହୁ ପ୍ରତୀକ୍ଷିତ ତଥା ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ୪ର୍ଥ ସଂସ୍କରଣ ବୁଧବାର ପୁରୀରେ ପାଳିତ ହୋଇଯାଇଛି। ଏହି ଅବସରରେ ବର୍ଷ ଡାଲମିଆ ଭାରତ ପକ୍ଷରୁ ରଘୁନାଥ ସୁବୁଦ୍ଧି, ରମେଶ ମହାପାତ୍ର, ବାବନା ମହାରଣା ଓ କାର୍ତ୍ତିକ ଭୋଇଙ୍କୁ ତାଙ୍କର ଚମତ୍କାର କାରିଗରି ଓ ଏହି ପବିତ୍ର ପରମ୍ପରା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଆୟୋଜନ ହେଉଥିବା ପୁରୀ ରଥଯାତ୍ରା ସମୟରେ ଏହି ବାର୍ଷିକ ଉତ୍ସବ ପାଳିତ ହେଉଛି। ବିଶେଷକରି କମ୍ପାନୀର ପ୍ରମୁଖ ଅଭିଯାନ 'ସାଲ୍ୟୁଟିଂ ଦି ଏକ୍ସପର୍ଟ'ର ଏକ ପ୍ରମୁଖ ଅଂଶ ବିଶେଷ ହୋଇଥିଲାବେଳେ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ପ୍ରତିଷ୍ଠିତ ଶିଳ୍ପକାରମାନଙ୍କର ଅସାଧାରଣ କାରିଗରିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହା ସେମାନଙ୍କୁ ରଥ ନିର୍ମାଣ ଓ କାରିଗରିର ସମ୍ମାନିତ କ୍ଷେତ୍ରରେ ପ୍ରକୃତ ବିଶେଷଜ୍ଞ ଭାବେ ମାନ୍ୟତା ଦେଇଥାଏ। ଓଡ଼ିଶା ଓ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ବଜାୟ ରଖିବା ସହ ବରିଷ୍ଠ କାରିଗର ଓ ସାଂସ୍କୃତିକ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ସମ୍ମାନିତ ଜୁରି ଦ୍ୱାରା ଏହି ଦକ୍ଷ କାରିଗରମାନଙ୍କର ଚୟନ କରାଯାଇଥିଲା।



# ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୩।୭

ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ୟୁଏସଏଫବିଏଲ)ର ନୂତନ ଅଭିଯାନ ତଥା 'ମନ୍ କୀ ରଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହା ହେଉଛି ଏକ ଅଭିନବ ଗ୍ରାହକ ସମ୍ପୃକ୍ତି କ୍ୟାମ୍ପେନ। ଯେଉଁଠାରେ ଅଂଶଗ୍ରହଣକାରୀମାନେ ନିଜ ମସ୍ତିଷ୍କର ଶକ୍ତିକୁ ବ୍ୟବହାର କରି ଏକ ଭର୍ଚୁଆଲ ରଥ ଟାଣିପାରିବେ। ଏହି ଅଭିନବ ପଦ୍ଧତି ଧ୍ୟାନ ଓ ଶାନ୍ତ ଭଳି ମସ୍ତିଷ୍କ ତରଙ୍ଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାଫ (ଇଇଜି) ନ୍ୟୁରୋ-ସେନ୍ସିଙ୍ଗ ହେଡବ୍ୟାଣ୍ଡଗୁଡ଼ିକର ବ୍ୟବହାର କରୁଛି। ସେହିଭଳି ଏହାକୁ ବ୍ରେନ-କମ୍ପ୍ୟୁଟର ଇଣ୍ଟରଫେସ୍ ଟେକ୍ନୋଲୋଜି ମାଧ୍ୟମରେ କରାଯାଉଛି। ଯେତେବେଳେ ଅଂଶଗ୍ରହଣକାରୀ ହେଡ୍‌ବ୍ୟାଣ୍ଡ କନ୍‌ସେନ୍‌ଟ୍ରେଟ୍‌କୁ ପିନ୍ଧିବେ, ଭର୍ଚୁଆଲ ରଥ ଆଗକୁ ବଢ଼ିବା ଆରମ୍ଭ କରିବ, ଯାହା ଏକ ପ୍ରଥମ ଧରଣର ଅନୁଭୂତିରେ ନ୍ୟୁରୋଟେକ୍ନୋଲୋଜି ସହ ଆଧ୍ୟାତ୍ମିକତାକୁ ମିଶ୍ରଣ କରୁଛି।

ମନ୍ କୀ ରଥ'କ୍ୟାମ୍ପେନ ହେଉଛି ଏକ ଚାରି ଦିନିଆ ଆକ୍ଟିଭେଶନ ଇଭେଂଟ, ଯାହା ନିକଟରେ ଆରମ୍ଭ ହୋଇଛି। ଏହି ଇଭେଂଟକୁ ୟୁଏସଏଫବିଏଲର ଶାଖାଗୁଡ଼ିକରେ ପରିଚାଳନା କରାଯିବ, ଯେପରିକି ଭୁବନେଶ୍ୱରରେ ସାମନ୍ତରାପୁର ଓ ସହିଦ ନଗର ଓ ଚନ୍ଦ୍ରଶେଖରପୁର ଶାଖା ଏବଂ ପୁରୀ ଶାଖା ଓ କଟକର ବକ୍ସିବଜାର ଶାଖାରେ ପରିଚାଳିତ ହେବ। ରଥକୁ ଦିଗ ଓ ଉଦ୍ଦେଶ୍ୟ ପାଇଁ ଏକ ସୂଚକ ଭାବେ ବ୍ୟବହାର କରି ଏହି କ୍ୟାମ୍ପେନ ଏକ ଚିନ୍ତାଶୀଳ ଓ ବିଶ୍ୱସନୀୟ ଆର୍ଥିକ ସହଯୋଗୀ ଭାବେ ଉଜ୍ଜୀବନ ଏସଏଫବିର ସ୍ଥିତିକୁ ସୁଦୃଢ କରିଛି, ଯିଏ ସଚେତନ ବ୍ୟାଙ୍କିଙ୍ଗ ସେବାଗୁଡ଼ିକୁ ଅନୁସରଣ କରିବା ପାଇଁ ଏହାର ଗ୍ରାହକଙ୍କୁ ପ୍ରୋତ୍ସାହିତ କରିଥାଏ ।



# ବଜାରରେ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦

ଭୁବନେଶ୍ୱର,୩।୭

ଟିଭିଏସ ମୋଟର କମ୍ପାନିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ନିକଟରେ ଅନାବରଣ କରାଯାଇଛି। ମୋଟରସାଇକଲର ଏହି ନୂଆ ଭର୍ସନ ବେଶ ବଳିଷ୍ଠ ହୋଇଥିବାବେଳେ ଉନ୍ନତ ସୁରକ୍ଷା ପାଇଁ ଏଥିରେ ଡୁଆଲ ଚ୍ୟାନେଲ ଏବିଏସ ସାମିଲ ରହିଛି। ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ଓବିଡି୨ବି ନିୟମକୁ ପାଳନ କରି ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ବ୍ୟବହାର କରାଯାଇଥିବା ଡୁଆଲ ଚ୍ୟାନେଲ ଏବିଏସ ଉନ୍ନତ ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରିବ। ଏହି ମୋଟରସାଇକଲ ଶ୍ରେଷ୍ଠ ମାନର ପ୍ରଦର୍ଶନ ଏବଂ ଉନ୍ନତ ଗାଡ଼ି ପରିଚାଳନା ପ୍ରଦାନ କରୁଛି ଯାହା ଏହାକୁ ନିଜ ବର୍ଗର ଅନ୍ୟମାନଙ୍କଠାରୁ ଅଲଗ। କରିଛି। ଆଜିର ଚାଳକମାନଙ୍କ ଚାହିଦା ଅନୁସାରେ ଏଥିରେ ସୁବିଧାସୁଯୋଗ ରହିଛି। ଟିଭିଏସ ଆପାଚି ଆରଟିଆର ୧୬୦ରେ ଶ୍ରେଷ୍ଠ ମାନର ପ୍ରଯୁକ୍ତି, ଉନ୍ନତ ଡିଜାଇନ ଓ ଦକ୍ଷତା ରହିଛି। ଏଥିରେ ଲାଲ ଆଲୟ ହ୍ୱିଲ ମଧ୍ୟ ରହିଛି। ଟିଭିଏସ ଆପାଚି ଆରଟିଆର ୧୬୦ ମୋଟରସାଇକଲ ୮୭୫୦ ଆରପିଏମରେ ୧୬.୦୪ ପିଏସ ଓ ୭୦୦୦ ଆରପିଏମରେ ୧୩.୮୫ ଏନଏମ ଟର୍କ ପ୍ରଦାନ କରୁଛି। ଏ ସମ୍ପର୍କରେ ଟିଭିଏସ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ (ପ୍ରିମିୟମ) ବିମଳ ସୁମ୍ବଲି କହିଛନ୍ତି, ଟିଭିଏସ ଆପାଚି ଆରଟିଆର ୧୬୦ ନିଜ ବର୍ଗରେ ନିରନ୍ତର ଭାବେ ମାନଦଣ୍ଡ ବଢ଼ାଉଥିବା ବେଳେ ପ୍ରତି ପିଢ଼ିରେ ଉନ୍ନତ ହେବା ସହ ଆପାଚିର ରେସିଂ ଡିଏନଏର ମୂଳମନ୍ତ୍ରକୁ ଧରି ରଖିଛି। ରାଇଡ ମୋଡ, ସ୍ମାର୍ଟଏକ୍ସକନେକ୍ଟ ଭଳି ନିଜ ଶ୍ରେଣୀର ଅଗ୍ରଣୀ ସୁବିଧା ସହିତ ଭଏସ ଆସିଷ୍ଟ ଓ ଡୁଆଲ ଚ୍ୟାନେଲ ଏବିଏସ ଭଳି ନିଜ ବର୍ଗର ଅଗ୍ରଣୀ ସୁବିଧା ସହିତ ଚାଳକମାନେ ଏହି ମୋଟରସାଇକଲରୁ ଅନେକ କିଛି ଆଶା କରିପାରିବେ।



# କେଡିଏମ୍‌କୁ ଜି ଭାରତ କି ଉଡାନ ପୁରସ୍କାର

ଭୁବନେଶ୍ୱର,୩।୭

କେଡିଏମ ଇଣ୍ଡିଆକୁ ନିକଟରେ ଆଉ ଏକ 'ଜି ଭାରତ କି ଉଡାନ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଛି। ଜି ଭାରତର ପ୍ରମୁଖ କାର୍ଯ୍ୟକ୍ରମ 'ଭାରତ କି ଉଡାନ'ରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ କେଡିଏମକୁ ଭାରତ କା ଚାର୍ଜର ମହାକୁମ୍ଭ ଅଭିଯାନ ପାଇଁ 'ଜି ଭାରତ କି ଉଡାନ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ଏହି ମାନ୍ୟତା ମହାକୁମ୍ଭରେ କେଡିଏମର ସ୍ଥାୟୀ ପ୍ରଭାବକୁ ପ୍ରତିଫଳିତ ଏବଂ ଭକ୍ତମାନଙ୍କୁ ଚାର୍ଜିଂ ସହାୟତା ପ୍ରଦାନ କରିବା ପାଇଁ ୧୦୮୦ ମୋବାଇଲ ଚାର୍ଜିଂ ପଏଟ୍ ସ୍ଥାପନ କରିଥାଏ। କେଡିଏମ୍-ଟି ଟେକ୍ନୋଲୋଜି ଚାର୍ଜରରେ ସଜ୍ଜିତ ଏହି ଷ୍ଟେସନଗୁଡ଼ିକ ୪୫ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୩ ଲକ୍ଷରୁ ଅଧିକ ଫୋନ୍ ଚାର୍ଜ କରିଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ କେଡିଏମ୍‌ର ପ୍ରତିଷ୍ଠାତା ଏନ୍ ଡି ମାଲି କହିଛନ୍ତି, ନିତିନ ଗଡ଼କରୀଙ୍କ ହାତରୁ 'ଜି ଭାରତ କି ଉଡାନ ପୁରସ୍କାର' ଗ୍ରହଣ କରି ଅତ୍ୟନ୍ତ ଗର୍ବିତ ଓ ଗୌରବାନ୍ୱିତ। ନିତିନ ଗଡକରୀ ଯାହା ମୋତେ ଭାରତ କା ଚାର୍ଜର ଅଭିଯାନକୁ ଆଗକୁ ନେବା ପାଇଁ ଉତ୍ସାହିତ, ପ୍ରେରଣା ଏବଂ ପ୍ରେରଣା ଅନୁଭବ କରୁଛି।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**

PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
GSTIN-21AAACO2571K2ZM

No.CAD-958 "e-Procurement NOtice No-15/OCCL/2025-26 (On-line)

On-line item rate tenders are invited for the following work ;

| Sl. No. | Name of Work | Bid Identification No. | Approx value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | Tank Improvement/Renovation/Modernisation works of 13 nos. of MIPs in Ganjam District (Cluster-I) under OIIPCRA Scheme | OCCL_TSI_CL_I_01/2025-26 | Rs.6.69 Crore | Rs.6,69,000/- | 510 days | From 04/07/2025, 10.00 Hrs to 02/08/2025, 15.00 Hrs. |
| 2 | Tank Improvement/Renovation/Modernisation works of 22 nos. of MIPs in Ganjam & Boudh District (Cluster-III) under OIIPCRA Scheme | OCCL_TSI_CL_III_01/2025-26 | Rs.10.00 Crore | Rs.10,00,000/- | | |

Procurement Officer : Managing Director, OCCL
Date of Opening of the Tender : 02.08.2025, 15.30 Hrs. onwards
Further details can be seen from the e-Procurement portal https://www.tendersodisha.gov.in https://octdms.in https://odishaconstruction.com

OIPR-34120/11/0036/2526 Sd./- MANAGING DIRECTOR



**ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ରାଉରକେଲା**

ପତ୍ର ସଂଖ୍ୟା ୮୩୬୭ ତା: ୦୧।୦୭।୨୦୨୫

No. C-608: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି ରାଉରକେଲା ମହାନଗର ନିଗମ ଅଧୀନରେ ଥିବା ନିମ୍ନଲିଖିତ ସଇରାତଗୁଡ଼ିକ ତା୧୫।୦୭।୨୦୨୫ରିଖରୁ ତା୧୪।୦୭।୨୦୨୬ ପର୍ଯ୍ୟନ୍ତ ଜଉମୁଦ ନିଲାମ ଡାକଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ବିଭିନ୍ନ ସଇରାତଗୁଡ଼ିକର ନିର୍ଦ୍ଧାରିତ ମୂଲ୍ୟ ଓ ଏମନ୍ତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନ ମତେ ଦିଆଗଲା।

| କ୍ର.ନଂ. | ସଇରାତର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧ | ଟ୍ରାଫିକଗେଟ ପରିବା ମାର୍କେଟ, ରାଉରକେଲା | ଟ.୯୫୧୭୨୦/- | ଟ.୯୫୧୭୨/- | ଟେଣ୍ଡର ଖୋଲିବା ତାରିଖ: ୧୦।୦୭।୨୦୨୫ |
| ୨ | ଛେଣ୍ଡ ସାପ୍ତାହିକ (ଶୁକ୍ରବାର) ବଜାର | ଟ.୨୯୨୬୦୦/- | ଟ.୨୯୨୬୦/- | ସମୟ: ଅପରାହ୍ନ ୪.୦୦ ଘଟିକା |
| ୩ | ଅମର ଭବନ ପାର୍କିଂ ସ୍ପେସ୍ | ଟ.୬୦୪୩୮୮/- | ଟ.୬୦୪୩୯/- | ସ୍ଥାନ: ରାଉରକେଲା ମହାନଗର ନିଗମ |
| ୪ | ପାନପୋଷ ପରିବା ମାର୍କେଟ | ଟ.୪୯୮୩୦୦/- | ଟ.୪୯୮୩୦/- | ସଭାଗୃହ (Council Hall) |

ସର୍ତ୍ତାବଳୀ:
୧. ପୂର୍ବ ବର୍ଷରୁ ବକେୟା ରଖିଥିବା ବ୍ୟକ୍ତି/ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡର ସମ୍ବନ୍ଧିତ ସମସ୍ତ ସର୍ତ୍ତାବଳୀ ଏବଂ ଟେଣ୍ଡର Paper, ରାଉରକେଲା ମହାନଗର ନିଗମସ୍ଥିତ, ପ୍ରକୋଷ୍ଠ ନଂ.-୩୮ରୁ ଯେ କୌଣସି କାର୍ଯ୍ୟ ଦିବସରେ (ତା୦୨।୦୭।୨୦୨୫ରୁ ତା୧୦।୦୭।୨୦୨୫, ସମୟ: ଅପରାହ୍ନ ୧.୦୦ ଘଟିକା) ପର୍ଯ୍ୟନ୍ତ ଟ.୫୦୦ ପଇଠ କରି ସଂଗ୍ରହ କରିପାରିବେ। ଏହି ଫର୍ମଟି ରାଉରକେଲା ମହାନଗର ନିଗମର Website: (www.rmc.nic.in)ରେ ମଧ୍ୟ ଉପଲବ୍ଧ ଅଛି। ମାତ୍ର ଏଥିପାଇଁ ଟ.୫୦୦ର Demand Draft (Non refundable) ଆବେଦନ ଫର୍ମ ସହିତ ସଂଲଗ୍ନ କରିବେ।
୩. ସମସ୍ତ ଆବେଦନ ପତ୍ର ବନ୍ଦ ଲଫାପା ଗୁଡ଼ିକ ତା୧୦।୦୭।୨୦୨୫ରିଖ ଅପରାହ୍ନ ୦୪.୦୦ ଘଟିକାରେ ରାଉରକେଲା ମହାନଗର ନିଗମ, Council Hallରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସମ୍ପୃକ୍ତକୁ ଆବଣ୍ଟନ କରାଯିବ।
୪. ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ କାର୍ଯ୍ୟାଳୟ ସ୍ଥିତ ପ୍ରକୋଷ୍ଠ ନଂ.୩୮ ରେ ପାଇପାରିବେ।
୫. ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ବାତିଲ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

OIPR-13131/11/0146/2526 ସ୍ୱା./- ଆୟୁକ୍ତ, ରାଉରକେଲା ମହାନଗର ନିଗମ



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NOTICE**
**FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. Online Tender/08-2025-26/PMGSY/BPR**

**No.O-370 : The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads / Bridges under **PRADHAN MANTRI- JANJATI ADIVASI NYAYA MAHA ABHIYAN (PM-JANMAN Batch-1 /2024-25)** under Pradhan Mantri Gram Sadak Yojana (PMGSY) in the districts of **Ganjam for 06 (Six)** number of packages with estimated cost totalling to **Rs 14.73 Cr (Approximate)** including their maintenance for five years from the eligible contractors registered with **State PWD / CPWD/MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract Date of release of Invitation for Bids through e-procurement. Dtd. 05.07.2025

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security and (c) Original Affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/Time for receipt of bids through e-procurement : 19.07.2025 upto 5.30 P.M

For further details and corrigendum (if any) please log on to www.pmgsytenders.gov.in.

Sd./- Chief Construction Engineer
OIPR-25071/11/0099/2526 R.W.Circle, Berhampur



No. PP-

**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**
**ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଭୁବନେଶ୍ୱର-୭୫୧୦୩୦**

SIDAC

ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା, ଭୁବନେଶ୍ୱର ୨୦୨୫-୨୬ ନିମନ୍ତେ ନିମ୍ନଲିଖିତ ୧ ବର୍ଷୀୟା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛନ୍ତି।

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ଉଚ୍ଚତମ ତାଲିମ ପାଠ୍ୟକ୍ରମ (Master Course) | ଜିଲ୍ଲାସ୍ତରୀୟ ମୌଳିକ ତାଲିମ ପାଠ୍ୟକ୍ରମ (District Level Basic Course) |
|---|---|---|---|---|
| ତାଲିମ ଦିଆଯାଉଥିବା ହସ୍ତଶିଳ୍ପର ନାମ ଓ ସ୍ଥାନ ସଂଖ୍ୟା | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଚାନ୍ଦୁଆ ଓ ଟେରାକୋଟା (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଚାନ୍ଦୁଆ ଓ ଟେରାକୋଟା (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ ଓ ପଟ୍ଟଚିତ୍ର (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଟ୍ଟଚିତ୍ର, ସ୍ଥାନ-ଆଙ୍କୁଳା (ଆଠଗଡ଼ ବ୍ଲକ), ଜିଲ୍ଲା- କଟକ ପଟ୍ଟଚିତ୍ର, ସ୍ଥାନ- ପଟ୍ଟଚିତ୍ର, କେନ୍ଦୁବିଲ୍ୱ (ବାଲିଅନ୍ତା ବ୍ଲକ), ଜିଲ୍ଲା- ଖୋର୍ଦ୍ଧା । ପଥର ଖୋଦେଇ, ସ୍ଥାନ- କୋଣାର୍କ, ଜିଲ୍ଲା-ପୁରୀ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) |
| ନାମ ଲେଖାଇବା ପାଇଁ ନ୍ୟୁନତମ ଯୋଗ୍ୟତା ଓ ଅଭିଜ୍ଞତା | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ । | ଆବେଦନକାରୀ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ମୌଳିକ ତାଲିମ ପାଠ୍ୟକ୍ରମ ପାସ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୁନ ୫ ବର୍ଷ କାର୍ଯ୍ୟ କରିଥିବେ କିମ୍ବା ତାଲିମ ଗ୍ରହଣର ଅଭିଜ୍ଞତା ଥିବ । | ଆବେଦନକାରୀ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାସ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୁନ ୭ ବର୍ଷ କାର୍ଯ୍ୟ କରିଥିବେ କିମ୍ବା ତାଲିମ ଗ୍ରହଣର ଅଭିଜ୍ଞତା ଥିବ । | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ । ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ। |
| ବୟସ | ୦୪-୦୭-୨୦୨୫ ସୁଦ୍ଧା ୧୪ରୁ ୪୦ ବର୍ଷ । | ୦୪-୦୭-୨୦୨୫ ସୁଦ୍ଧା ୧୫ରୁ ୪୦ ବର୍ଷ । | ୦୪-୦୭-୨୦୨୫ ସୁଦ୍ଧା ୧୬ରୁ ୪୦ ବର୍ଷ । | ୦୪-୦୭-୨୦୨୫ ସୁଦ୍ଧା ୧୪ରୁ ୪୦ ବର୍ଷ । |
| ନାମ ଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱରଠାରେ ଏବଂ ଜିଲ୍ଲାସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସମ୍ପୃକ୍ତ ତାଲିମ୍ କେନ୍ଦ୍ରଠାରେ ଚିତ୍ରାଙ୍କନ/ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ । ଏହି ପରୀକ୍ଷାରେ ଯୋଗ ଦେବା ନିମିତ୍ତ କୌଣସି ଗସ୍ତ ଖର୍ଚ୍ଚ/ଭତ୍ତା ଦିଆଯିବ ନାହିଁ । ଚୟନ ହୋଇଥିବା ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ପରୀକ୍ଷା ତାରିଖ ପରେ ମୋବାଇଲ/ଇମେଲ ମାଧ୍ୟମରେ ଜଣାଇ ଦିଆଯିବ, ତେଣୁ ଆବେଦନକାରୀ ଦରଖାସ୍ତ ଫର୍ମରେ ଗୋଟିଏ କିମ୍ବା ଦୁଇଟି କାର୍ଯ୍ୟକ୍ଷମ ଥିବା ମୋବାଇଲ ନମ୍ବର ଦେବା ନିତାନ୍ତ ଆବଶ୍ୟକ । | | | |
| ସ୍ଥାନ ସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା | ତଫସିଲଭୁକ୍ତ ଜାତି ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ/ଶାରୀରିକ ଭିନ୍ନକ୍ଷମ/ଜନଜାତି ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି । ସମସ୍ତ ମୌଳିକ ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୨୦୦୦ ଟଙ୍କା, ଉଚ୍ଚତର ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୩୦୦୦ ଟଙ୍କା ଓ ଉଚ୍ଚତମ ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୫୦୦୦ ଟଙ୍କା ଏବଂ ଜିଲ୍ଲାସ୍ତରୀୟ ତାଲିମ ନିମନ୍ତେ ୨୦୦୦ ଟଙ୍କା ଦିଆଯିବାର ବ୍ୟବସ୍ଥା ଅଛି । | | | |
| ଆବେଦନ ପ୍ରଣାଳୀ | ଆଗ୍ରହୀ ଛାତ୍ର/ଛାତ୍ରୀମାନେ ତା୦୩।୦୮।୨୦୨୫ ମଧ୍ୟରେ କେବଳ Online ମାଧ୍ୟମରେ ଆବେଦନ କରିପାରିବେ । ଆବେଦନ ପାଇଁ www.spdp.odisha.gov.in ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସାରଣୀରେ ଆବଶ୍ୟକ ଦସ୍ତାବିଜର ପ୍ରମାଣପତ୍ର ସଂଲଗ୍ନ କରି ଆବେଦନ କରିବେ । ଅଫ୍‌ଲାଇନ୍ ମାଧ୍ୟମରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ସମସ୍ତ ଯୋଗାଯୋଗ ଫୋନ୍/ଇମେଲ୍ ମାଧ୍ୟମରେ କରାଯିବ । ତେଣୁ ଆବେଦନକାରୀମାନେ ନିର୍ଭୁଲ ଦୁଇଟି ଫୋନ ନମ୍ବର ସହ ଇମେଲ ଠିକଣା ଦେବା ପାଇଁ ଅନୁରୋଧ । | | | |

**Onlineରେ ଆବେଦନ କରିବାର ଶେଷ ତାରିଖ: ୦୩।୦୮।୨୦୨୫ । ବି.ଦ୍ର.: କ) ବର୍ତ୍ତମାନ ଅଧ୍ୟୟନରତ ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷାର ଛାତ୍ର/ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ୍ୟ ଆବେଦନ କରିପାରିବେ । ସେମାନଙ୍କର ପରୀକ୍ଷାଫଳ ପ୍ରକାଶ ପାଇସାରିବା ପରେ ସେମାନଙ୍କୁ ନୂତନ ଶିକ୍ଷାବର୍ଷରେ ନାମ ଲେଖାଇବାର ସୁଯୋଗ ପାଇଁ ବ୍ୟବସ୍ଥା ରହିଅଛି । ଖ) ସବିଶେଷ ବିବରଣୀ ନିମନ୍ତେ ମୋବାଇଲ୍ ନମ୍ବର ୦୬୭୪-୨୯୧୫୩୫୦ ଓ ୦୬୭୪-୨୩୫୦୩୧୮ରେ ଯୋଗାଯୋଗ କରିପାରିବେ ।**

**ସଦସ୍ୟ ସଚିବ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର**

OIPR-31036/11/0023/2526



**ODISHA LIVELIHOODS MISSION**
Department of Mission Shakti, Government of Odisha
SIRD & PR Campus, Unit-VIII, Bhubaneswar-751012, Odisha
No.g-54 Tel : (0674) 2560166/2560126, E-mail : smmu.olm@gmail.com
EOI No : 719125 Date : 30/06/2025
File No : OLM-PROC-AGNCY-0003-2021

**Request for Expression of Interest**

1. The Odisha Livelihoods Mission under Department of Mission Shakti now invites eligible Consultant to indicate their interest in providing the service of **Financial Inclusion Consultant (State)**.
2. Interested Consultant should provide information demonstrating that they have the required qualifications and relevant experience to perform the Services in the prescribed format at Annexure-A (ToR)
3. Further information can be obtained at the address below during office hours i.e. 10.00 to 17.30 hours and the details ToR can be seen and downloaded in website https://missionshakti.odisha.gov.in/.
4. In case of any Addendum/Clarification/Corrigendum/Extension regarding this EOI, the same will be published in the above websites only.
5. Expressions of interest in sealed envelope Superscribed as **"Expression of Interest for Financial Inclusion Consultant (State)"** must be delivered in a written form to the State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar, 751012, (post/courier) latest by Dt **23/07/2025, 5.30 pm.**
6. Authority reserves the right to accept or reject any application, and to cancel the procurement process and reject all application, at any time prior to the selection, without assigning any reason thereof.

**Contact Person** : Shri Rabi Prasad Mishra, Dy CEO (Admin & Procurement), OLM
**Contact No** : 9937462008

Sd./- State Mission Director
OIPR-48002/11/0009/2526 Odisha Livelihoods Mission



**CHIEF DISTRICT MEDICAL & PUBLIC HEALTH OFFICER, MALKANGIRI**

No. 7617/CS-09/2025-, dated Malkangiri the 30th June 2025

**TENDER CALL NOTICE**

**No.E-202** : Sealed Tenders/Bids are invited from the intending purchasers in the prescribed format for AUCTION SALE OF DIFFERENT CONDEMNED UNSERVICEABLE EQUIPMENTS / INSTRUMENT / FURNITURES OF DHH, MALKANIGIRI dumping at District Head Quarter Hospital Campus, Malkangiri on "AS IS WHERE IS BASIS, AS IS WHAT IS BASIS". The Tender papers in details along with the term and condition of tenders are available **THROUGH DISTRICT WEBSITE** https://malkangiri.odisha.gov.in. Bidders can download the tender papers from the website and such bidders have to enclose a non-refundable State Bank of India demand draft of Rs.3000/- (Rupees Three Thousand) Only in favour of Chief District Medical & Public Health Officer, Malkangiri payable at SBI, Malkangiri with BID document and subscribe the BID document that it has been downloaded from the website. The sealed tender should reach to the undersigned on or before 21.07.2025 up to 05.00 P.M. through Regd. Post/ Speed Post only.

The Seal tender will be opened 22.07.2025 at 11.00 A.M. in the presence of tenderer or their authorized representative by the Chairman of Purchase Committee at the O/O CDM & PHO, Malkangiri.

Sd./- B.B.Dash
Chief District Medical & Public Health Officer, Malkangiri
OIPR-10206/11/0011/2526

୧୦ମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।


ଧ-୧୧୫୪

# ମୋବାଇଲ ପାଇଁ ସାଙ୍ଗଙ୍କୁ ହତ୍ୟା

## ୪ ଦିନ ପରେ ଜଙ୍ଗଲରୁ ଗଳିତ ମୃତଦେହ ଜବତ

ଆନନ୍ଦପୁର,୩।୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝରଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ରାଇଘାଟି ଗାଁରେ ମୋବାଇଲ ଫୋନ୍ ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ମୋବାଇଲ ବିବାଦକୁ ନେଇ ସାଙ୍ଗଙ୍କୁ ହତ୍ୟା କରିଛି ସାଙ୍ଗ। ମୃତକ ହେଲେ ରାଇଘାଟି ଗ୍ରାମର ସିଲାଇ ପୂର୍ଣ୍ଣିଙ୍କ ପୁଅ ଗୁସା(୧୪)। ପୋଲିସ ଅଭିଯୁକ୍ତ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ମୁତାବକ, ଗୁସା ଓ ତାଙ୍କ ସାଙ୍ଗ କୁଣ୍ଡିଆ ପୁଡୁଚେରୀରେ କାମ କରୁଥିଲେ। ସେହି ସମୟରେ ଗୁସା ଏକ ମୋବାଇଲ କିଣିଥିଲେ। ଗୁସାଙ୍କ ମୋବାଇଲକୁ କୁଣ୍ଡିଆ ଲୁଚାଇ ଦେଇଥିଲେ। ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ତେବେ ପରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଯାଇଥିଲା। ମାତ୍ର କୁଣ୍ଡିଆ ରାଗ ରଖିଥିଲେ। କୁଣ୍ଡିଆ ଗତ ରବିବାର ଗୁସାଙ୍କୁ ନିଜ ଭଉଣୀ ଘରକୁ ଯିବାକୁ କହି ଡାକିନେଇଥିଲେ। ପରଦିନ କୁଣ୍ଡିଆ ଫେରିଥିବା ବେଳେ ଗୁସାଙ୍କ ଦେଖାଦର୍ଶନ ନ ଥିଲା। ଗୁରୁବାର ଗାଁଠାରୁ ୨ କି.ମି. ଦୂର ଜଙ୍ଗଲରେ ଗୁସାଙ୍କ ଗଳିତ ମୃତଦେହ ପଡିଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୋବାଇଲ ଘଟଣାରେ ରାଗ ରଖି କୁଣ୍ଡିଆ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୯/୨୫) ରୁଜୁ କରି କୁଣ୍ଡିଆଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା

## ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼,୩।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଉରିମୁଣ୍ଡା ଗ୍ରାମର ଏକ ପୋଖରୀରୁ ବୁଧବାର ସକାଳେ ମହନ୍ତ ଟପ୍ପୋ ନାମକ ବ୍ୟକ୍ତିଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁନୀଲ ଓରାମ। ଗୁଣିଗାରେଡି ସନ୍ଦେହରେ ମହନ୍ତଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସୁନୀଲ ସ୍ୱୀକାର କରିଥିବା ନେଇ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ଥାନାରେ ଏକ ହତ୍ୟା ମାମଲା ନଂ.୨୩୮/୨୫ ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁସାରେ, ମହନ୍ତ (୫୯) ଗତ ଶୁକ୍ରବାରଠାରୁ ନିଖୋଜ ଥିଲେ। ବୁଧବାର ସକାଳେ ପୋଖରୀରେ ମହନ୍ତଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ସାଇଣ୍ଟିଫିକ ଟିମ୍‌ଙ୍କ ସହାୟତାରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା।

ନିରୁଦ୍ଦିଷ୍ଟ



ନାମ: କେ.ଅନନ୍ତ ମଣିଦୀପ(୧୫), ଉଚ୍ଚତା: ୫'୪'', ପିତା: କୋଲା ମାଝିବାବୁ, ଗୌତମ ନଗର, ଲେନ-୨, ପୋ/ଜି: ରାୟଗଡ଼ା ଗତ ୨୩।୦୬।୨୦୨୫, ୨.୩୦ ସମୟରେ ଘରୁ ବାହାରି ଯାଇଥିଲେ। ପୋଲିସ ତଦନ୍ତ ବେଳେ ମଣିଦୀପ ରାୟଗଡ଼ା ରେଲଷ୍ଟେସନ ପ୍ଲାଟ୍‌ଫର୍ମ ନଂ.-୫ ଠାରେ ଛିଡ଼ା ହୋଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। ୬୦୦୦୦୧୪୪୩୯/୬୩୭୦୧୨୧୫୩୪. ଧ-୧୧୪୪

Classified Everyday
0674-2580101, 9692975378




REAL ESTATE
SALE

କଟକ - ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281




Positively health benefits SPA expert female therapist homely atmosphere. Contact- 9114559860. D-1112


## AFFIDAVIT

By virtue of an affidavit sworn before Notary Public, Bhubaneswar, dated- 13.06.2025, I, Alina Behera, Wife of Rabindra Behera, Address- Haripur, P.O.- Haripur Jemadeipur, P.S.- Sukinda, Dist.- Jajpur, Odisha-755018 declare that I have changed my name from ELINA PRIYADARSHINI ROUT (Old Name) to ALINA BEHERA (New Name). Henceforth, I shall be known as ALINA BEHERA for all purposes.
ALINA BEHERA D-76470

I, Antarjyami Sahu, S/o- Late Dinabandhu Sahu, resident of ward No.- 4, New Kalupatro Street, Aska Road, Brahmapur, P.S.-Brahmapur Sadar, P.O.-Panigrahipentho, District.- Ganjam, PIN-760006, Odisha declare by this affidavit No.- A-615, dtd- 03.07.2025. That now onwards I shall be known as Antarjami Sahu for all future purposes. D-1153

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sahnaz Bari, W/o- Late Sk Abdul Bari, R/o.146, Chintamaniswar Area, Bhubaneswar have changed my name from Sahnaz Bari to Shanaz Bari for all purposes by an affidavit sworn before Executive Magistrate, Bhubaneswar dated- 26.06.2025. D-1148

I, Gagan Bihary Pal, S/o- Late Gopabandhu Pal, resident of flat No.- B- 204, Supratik Exotica, Paikarapur Road, Gothapatna, P.S.- Chandaka, Bhubaneswar, Dist.- Khordha. PIN- 751003, Odisha declare by this affidavit No.- 72AA 498099, dated- 04.04.2025 that now onwards, I shall be known as Gagan Behari Pal for all future purposes. D-1142

By virtue of an affidavit sworn before Executive Magistrate, Bhubaneswar, dated- 14.05.2025, I, Smitajyotshna Patra, D/o of Gadadhar Patra of Village- Patra Sahi, Ketakipatna, P.O.- Lalitapahandi, P.S.- Balanga, Dist.- Puri- 752045, declare that my actual name is Smitajyotshna Patra as per Birth certificate but in Aadhaar Card wrongly Mentioned as Smitojoshna Patra which need correction. D-1155

I, Lili Patra, W/o Trailokyanath Patra, Resident at plot No.- 479/ 2934 Near Ram Mandir, At- Kantilo, P.O.- Kuha, P.S.- Air Field, Bhubaneswar, Dist.- Khurda, PIN- 751002, declare by this affidavit No.-CF- 46, dt- 18.06.2025, that now onwards, I shall be known as **LILI KHATEI** for all future purposes. D-1141

By virtue of an affidavit sworn before the Notary Public, Titilagarh, dated- 20.06.2025, I, Kshirabati Behera, formerly called Khira Behera, D/o. Ainthapatar Behera(Father), Debaki Behera(Mother), R/o. At- Silpara, Digsira, P.O.- Kushkela, P.S.- Sindhekela, Dist.- Bolangir, Odisha-767035, declare that I have changed my name from Khira Behera to Kshirabati Behera. Henceforth, I shall be known as Kshirabati Behera for all purposes.
Kshirabati Behera D-1151

By virtue of an affidavit sworn before Executive Magistrate, Bhubaneswar, on dated- 24.06.2025, I Priyadarsani Rout, Address: W/o.- Banamali Kandi, AT- Balipada, P.O.- Dadha, P.S.- Nandankanan, Bhubaneswar, Dist.- Khordha, Odisha, PIN- 754005 declare that I have changed my name from "SANGITA KANDI" to "PRIYADARSANI ROUT". Henceforth, I shall be known as "PRIYADARSANI ROUT" for all purposes.
PRIYADARSANI ROUT D-1150

By virtue of an affidavit sworn before Executive Magistrate, Pipili, dated- 23.06.2025, AF. No.- 2452, I Kanchan Kumari Das, Address: At- Mahasinghpatna, P.O.- Dandamukundapur, P.S.- Pipili, Dist.- Puri, Odisha, PIN-752104, declare that I have changed my name from Kanchan Das to Kanchan Kumari Das. Henceforth, I shall be known as Kanchan Kumari Das for all purposes. D-1146

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

In the Court of C.J.J.D. Chandbali
C.S. 533/01
Rangadhar Nayak & others ....Plaintiffs
(Vrs)
State of Odisha & others ....Defendants

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସ୍ୱତ୍ୱସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମୋକଦ୍ଦମାର ଧାର୍ଯ୍ୟ ତା 08.07.25ରିଖ ଦିବା 10.30 AM ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜର ଆପତ୍ତି ଅଭିଯୋଗମାନ ଜଣାଇବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି

ଜି: ଭଦ୍ରକ, ତହସିଲ- ଚାନ୍ଦବାଲି, ମୌ- ଶେଣ୍ଡଗଡ଼ା C.S. ଖାତା ନଂ.- 88, C.S. Plot No.- 281, Southern side A0. 33 1/2 dec of A0.67dec, C.S. Plot No.- 312 Southern side A0.57dec out of A1-14dec, C.S. Plot No.- 320 Southern side A0.22dec out of A0.44dec, C.S. Plot No.-322 Southern Side A0.06dec out of A0.12dec, C.S. Plot No.- 605 Southern Side A0.06dec out of A0.12dec, CS Plot No.- 607 Southern side A0.58dec out of A1-16dec, CS Plot No.-706 Southern side A0.25 1/2 dec out of A0.51dec, CS Plot No.- 720 Western side A0.10dec out of A0.20dec, CS Plot No.-753 Southern side A0.68 1/2 dec out of A1-37dec, CS Plot No.- 856 Southern side and West A0.06 1/2 dec., CS Plot No.- 881 Southern side A0.35 1/2 dec out of A0.71dec Corresponds to MS Khata No.- 380, MS Plot No.-326/1646 A0.32dec., MS Plot No.- 312 Southern side A0.29dec out of MS Plot No.- 306 A0.19dec., MS Plot No.- 394 A0.09dec., MS Plot No.- 893 A0.06dec., MS Plot No.- 892 A0.60dec., MS Plot No.- 890 A0.28dec., MS Plot No.- 871 Western side A0.04dec., MS Plot No.- 871/1652 Western side A0.04dec., MS Plot No.- 760 A0.90dec., MS Plot No.- 1256 Southern side A0.03dec., MS Plot No.- 1256/1648 Western side A0.02 1/2 dec., MS Plot No.- 853 Southern side A0.12dec., MS Plot No.- 853/1642 Southern side A0.12dec., MS Plot No.- 854 Southern side A0.12dec

ଅଦ୍ୟ ତା୨୩।୦୬।୨୪ରିଖ ଅଦାଲତଙ୍କର ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

ସ୍ୱା./- ସିଭିଲ୍ ଜଜ୍ ଜୁନିଅର ଡିଭିଜନ ଚାନ୍ଦବାଲି, Dt.- 23.06.25
D-1152

Letter No.- 966/ Dt.- 17.05.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନଂ.- ୧୫୯/୨୦୨୪

ଜୟରାମ ନାୟକ ....ବାଦୀ
ବନାମ
ରମେଶ ଚନ୍ଦ୍ର ନାୟକ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୧. ରମେଶ ଚନ୍ଦ୍ର ନାୟକ, ପିତା- ଘନଶ୍ୟାମ ନାୟକ, ୨. ଆନନ୍ଦ ଚନ୍ଦ୍ର ଗଡ଼ବାଡ଼, ପିତା- ସ୍ୱର୍ଗତ- କେଲୁ ଚରଣ ଗଡ଼ବାଡ଼ ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.-୧ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୪।୦୮।୨୫ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.- ୧୪୪, ସାବକ ପ୍ଲଟ୍ ନଂ.-୨୩୦୬, ଏରିଆ- ଏ.୦.୦୩୬ଡି., ହାଲ୍ ଖାତା ନଂ.- ୧୮୮, ହାଲ୍ ପ୍ଲଟ୍ ନଂ.-୩୦୮୭, ଏରିଆ- ଏ.୦.୦୩୬ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷ ଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.- ୪ଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୧୪୯

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ ଇଂ.ବିଜୟ କୁମାର ବେଉରା
ଚକେଇସିଆଣି, ଭୁବନେଶ୍ୱର
ଜନ୍ମ ତାରିଖ: ୧୪।୦୧।୧୯୫୩
ତିରୋଧାନ: ୨୪।୦୬।୨୦୨୫
ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ମାର୍ଗଦର୍ଶନଗୁଡ଼ିକ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: କିତୁ, ବାପି, ହାପି, ଟୁଟୁ, ଝିଅ ଓ ଜ୍ୱାଇଁ, ନାତି, ନାତୁଣୀ, ବୋହୂ ଓ ପରିବାରବର୍ଗ
ଧ-୧୧୨୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚାରୁଲତା ବାରିକ
କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ଆବିର୍ଭାବ: ୧୩।୦୧।୧୯୫୧
ତିରୋଧାନ: ୧୪।୦୭।୨୦୨୪
ଆପଣଙ୍କର ନିରଳସ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସ୍ମୃତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ- ଗଗନ ବିହାରୀ ବାରିକ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୭୬୦୬୭

୩୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ତା୧୨।୦୪।୧୯୪୫ରିଖ
ତିରୋଧାନ: ତା୦୪।୦୭।୧୯୯୦ରିଖ
ଆମେ ଆଜିର ୩୫ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୧୧୪୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଖଡ଼ିଆଳ ତହସିଲଦାରଙ୍କୁ ହତ୍ୟା ଧମକ

ଖଡ଼ିଆଳ,୩।୭
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତହସିଲଦାର ତଥା ବିଡ଼ିଓ ଦାୟିତ୍ୱରେ ଥିବା ନରସିଂହ ଗାଡ଼ବାଙ୍କୁ ଫୋନରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗାଡ଼ବା ଏ ନେଇ ଗୁରୁବାର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଓଏଏସ୍ ସଂଘର ନିଷ୍ପତ୍ତି ଅନୁଯାୟୀ ସବୁ ଅଫିସରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଖଡ଼ିଆଳ ବ୍ଲକରେ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଏଣୁ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହୋଇଛି। ଏପରିସ୍ଥଳେ ବୁଧବାର ଗାଡ଼ବାଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଫୋନକଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ଏକ ରାଜନୈତିକ ଦଳର କର୍ମୀ ବୋଲି ପରିଚୟ ଦେଇ ତୁକଲାଠାରେ ନିର୍ମିତ ଆଡିଶନାଲ କ୍ଲାସ୍‌ରୁମ୍‌ର ଚେକ୍ ପାସ୍ କାହିଁକି କରୁନାହାନ୍ତି ବୋଲି ପଚାରିବା ସହ ଅଭଦ୍ର ଭାଷାରେ ଗାଳିକରି ମାରିଦେବାକୁ ଧମକ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଡ଼ବା ଦାବି କରିଛନ୍ତି। ଏ ନେଇ ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ।

# ପୂର୍ବ ଶତ୍ରୁତାରୁ ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ

## ବାପ, ପୁଅଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶବରସାହିର ରଞ୍ଜିଆ ଓରଫ ରଞ୍ଜିତ ବେହେରା (୪୩) ଓ ନବୀନା ବେହେରା(୪୭) ଓ ନବୀନାଙ୍କ ପୁଅ ଦିନେଶ(୨୧)। ସେମାନଙ୍କ ନିକଟରୁ ପ୍ଲାଷ୍ଟିକ୍ ପାଇପ୍ ଏବଂ ବାଡ଼ି ଜବତ କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟା ବେଳେ ଦିଲୀପ ଦେହୁରୀ ଓ ତାଙ୍କ ଭଣଜା ଜିତୁ ଶବରସାହି ଛକ ନିକଟରେ ଠିଆ ହୋଇଥିଲେ। ରଞ୍ଜିଆ ସେଠାକୁ ଆସି ଉଭୟଙ୍କୁ ଗାଳି କରିଥିଲେ। ଦିଲୀପ ବିରୋଧ କରିବାରୁ ରଞ୍ଜିଆ ତାଙ୍କ ପରିବାର ସଦସ୍ୟମାନଙ୍କୁ ଡାକି ଦେଇଥିଲେ। ପରିବାର ସଦସ୍ୟମାନେ ବାଡ଼ି, ରଡ୍ ଏବଂ ପ୍ଲାଷ୍ଟିକ୍ ପାଇପ୍ ଧରି ସେଠାରେ ପହଞ୍ଚି ଦିଲୀପ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ହତ୍ୟା ଧମକ ଦେଇଥିଲେ। ରଞ୍ଜିଆ ଏକ ବାଡ଼ିରେ ଦିଲୀପଙ୍କୁ ପିଟିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଦିଲୀପଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିବାରୁ ବାବୁଲି ତାଙ୍କୁ ମଧ୍ୟ ଆକ୍ରମଣ କରିବାରୁ ତାଙ୍କ ବାମଗୋଡ଼ ଭାଙ୍ଗି ଯାଇଥିଲା। ଜିତୁଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୧୪/୨୦୨୫) ରୁଜୁ କରାଯାଇଛି।

# ସ୍ୱପ୍ନ ସାକାର ପଥରେ ସାତ୍ତ୍ୱିକ

**ଜୁନିୟର ସ୍ତରରେ ୱାର୍ଲ୍ଡ କ୍ୟାଡେଟ ଓ ଫିଡେ ବିଶ୍ୱକପରେ ପ୍ରତିଭା ପ୍ରଦର୍ଶନ ପରେ ଜାତୀୟ ଚାମ୍ପିୟନ ହୋଇ ଓଡ଼ିଶା ଚେସ୍‌ରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି ସାତ୍ତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ନିଜ ପ୍ରତିଭାର ଭରପୂର ସଦୁପଯୋଗ କରି ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ଅଗ୍ରସର ହୋଇଛନ୍ତି ଏହି ଚେସ୍ ପ୍ରତିଭା...**

–ପ୍ରସ୍ତୁତି ତପନ ସ୍ୱାଇଁ



ଓଡ଼ିଶା ଚେସ୍‌ରେ ଏବେ ଖୁସିର ଲହରି। ଏହାର କାରଣ ଜଣେ ଶିଶୁ ପ୍ରତିଭା। ୱାର୍ଲ୍ଡ କ୍ୟାଡେଟ୍, ଫିଡେ ବିଶ୍ୱକପ୍ ପରେ ଜାତୀୟ ଚେସ୍‌ରେ ଦକ୍ଷତା ଦେଖାଇ ରାଜ୍ୟକୁ ଗର୍ବିତ କରିଥିବା ଏହି ବିସ୍ମୟ ବାଳକ ହେଲେ ସାତ୍ତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ନିକଟରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ଚାମ୍ପିୟନ ହୋଇ ସେ ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୧୦ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଥିଲେ ସାତ୍ତ୍ୱିକ। ପୂରା ଟୁର୍ଣ୍ଣାମେଣ୍ଟରେ ସେ ଅପରାଜେୟ ରହିଥିଲେ। ପଞ୍ଜାବର ଆକର୍ଷ ଗୁପ୍ତାଙ୍କ ବିପକ୍ଷରେ ବିଜୟରୁ ତାଙ୍କ ଅଭିଯାନ ଆରମ୍ଭ ହୋଇଥିଲା। ଏହାପରେ ଉତ୍ତରାଖଣ୍ଡର ଅକ୍ଷତ ଜାନୋତି, ଦିଲ୍ଲୀର ଆରିଭ ଭୋରା, ତାମିଲନାଡୁର ରାୟାନ ମିକାଏଲ ରୋଜାରିଓ, କର୍ଣ୍ଣାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା, ତାମିଲନାଡୁର ତାମିଜ ଅମୁଧନ ଏସ୍, ତେଲେଙ୍ଗାନାର ଦିଭିଥ ଅଦୁଲ୍ଲା ରେଡ୍ଡୀଙ୍କୁ ହରାଇବା ପରେ ତାମିଲନାଡୁର ଶିଭିନ କେ.ଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ୯ମ ରାଉଣ୍ଡରେ ସେ ପଶ୍ଚିମବଙ୍ଗର ଆୟାନ ଗୁପ୍ତାଙ୍କୁ ହରାଇ ଥିବାବେଳେ ୧୦ମ ରାଉଣ୍ଡରେ ପଶ୍ଚିମବଙ୍ଗର ଅନ୍ୟତମ ଖେଳାଳି ଅନିକେତ ଦାସଙ୍କ ବିପକ୍ଷରେ ଡ୍ର ରଖି ଟାଇଟଲ ଆଶା ଉଜ୍ଜୀବିତ କରିଥିଲେ। ୧୧ତମ ତଥା ଅନ୍ତିମ ରାଉଣ୍ଡରେ ସେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ପରାସ୍ତ କରି ଏକାକୀ ଅଗ୍ରଣୀ ସହ ମାତ୍ର ୯ ବର୍ଷ ବୟସରେ ହୋଇ ଯାଇଥିଲେ ଜାତୀୟ ଚାମ୍ପିୟନ। ଏହି ଟୁର୍ଣ୍ଣାମେଣ୍ଟରୁ ତାଙ୍କୁ ୫୬.୮ ପଏଣ୍ଟର ଫାଇଦା ହୋଇଥିଲା। ପରିବାରରେ ମା'ଙ୍କ ନିକଟରୁ ଚେସ୍ ବୋର୍ଡକୁ ଚିହ୍ନିବା ଶିଖିଥିବା ସାତ୍ତ୍ୱିକ ପରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ବିଶ୍ୱଜିତ ରାୟଙ୍କ ପ୍ରଶିକ୍ଷଣ ସହ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ମାର୍ଗଦର୍ଶନରେ ନିଜ ପ୍ରଦର୍ଶନକୁ ମାର୍ଜିତ କରିଛନ୍ତି।

୨୦୧୬ ଜାନୁଆରୀ ୧୭ରେ ଜନ୍ମିତ ସାତ୍ତ୍ୱିକଙ୍କ ମା ହେଉଛନ୍ତି ସୋନମ ସରିତା ମହାନ୍ତି ଓ ବାପା ସମ୍ମିତ ସ୍ୱାଇଁ। ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ରହୁଥିବା ଏହି ଚେସ୍ ପ୍ରତିଭା ଏବେ ଚନ୍ଦ୍ରଶେଖରପୁର ଡିଏଭିରେ ୪ର୍ଥ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ। ମାତ୍ର ୬ ବର୍ଷ ବୟସରୁ ଚେସ୍‌ରେ ଗୋଟି ଚାଳନା ଆରମ୍ଭ କରିଥିବା ସାତ୍ତ୍ୱିକ କେବଳ ରାଜ୍ୟ ଏବଂ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ୨୦୨୩ ଅଗଷ୍ଟରେ କଟକର ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ରନରଅପ୍ ହୋଇ ଆରମ୍ଭ କରିଥିଲେ ଅଭିଯାନ। ସେହିବର୍ଷ ଭୁବନେଶ୍ୱରସ୍ଥିତ ଇନ୍‌ଫୋସିଟିରେ ଅନୁଷ୍ଠିତ ରାଜ୍ୟ ୭ ବର୍ଷରୁ କମ୍ ଚେସ୍‌ରେ ସେ ଟାଇଟଲ ଅର୍ଜନ କରିଥିଲେ। ପରେ ୨୦୨୪ ଅଗଷ୍ଟରେ କଟକ ଗୋପାଳପୁରସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍ସିଆଲ କଲେଜରେ ଆୟୋଜିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇଥିଲେ। ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମେ ୩ରୁ ୫ ପର୍ଯ୍ୟନ୍ତ ଭୁବନେଶ୍ୱରର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ମଧ୍ୟ ସେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

୨୦୨୪ ଥିଲା ସାତ୍ତ୍ୱିକଙ୍କ ପାଇଁ ସ୍ମରଣୀୟ ବର୍ଷ। ଏହି ବର୍ଷ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ଚେସ୍ ୱାର୍ଲ୍ଡ କପ୍ (୮–୧୨ ବର୍ଷରୁ କମ୍)ର ୮ ବର୍ଷରୁ କମ୍ ଓପନ ବର୍ଗରେ ବ୍ରୋଞ୍ଜ ପଦକ ଜିତି ସେ ରାଜ୍ୟକୁ ଗର୍ବିତ କରିଥିଲେ। ଏହାପରେ ନଭେମ୍ବର ୧୫ରୁ ୨୬ ପର୍ଯ୍ୟନ୍ତ ଇଟାଲୀର ମୋଣ୍ଟେସିଲଭାନେରେ ଆୟୋଜିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍‌ର ୮ ବର୍ଷରୁ କମ୍ ବର୍ଗରେ ସେ ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଚାଇନାର ଗୁଓ ଜିମିଙ୍ଗ୍ ଓ ଅନ୍ୟତମ ଭାରତୀୟ ଡିଭିଥ ରେଡ୍ଡୀଙ୍କ ସମକକ୍ଷ ୯ ପଏଣ୍ଟ ପାଇଥିଲେ। ତେବେ ଟାଇବ୍ରେକ୍ ସ୍କୋରରେ ଡିଭିଥ୍ ଚାମ୍ପିୟନ ଓ ସାତ୍ତ୍ୱିକ ରନରଅପ୍ ହୋଇଥିଲେ ଏବଂ ଜିମିଙ୍ଗ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଏବେ ହରିୟାଣାର ଗୁରଗାଓଁରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ଟାଇଟଲ ହାସଲ କରି ଓଡ଼ିଶାର ବିଚକ୍ଷଣ ଚେସ୍ ପ୍ରତିଭାଙ୍କ କ୍ଲବରେ ନିଜକୁ ସାମିଲ କରାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନର ପୂର୍ବତନ ଯୁଗ୍ମ ସମ୍ପାଦକ ତଥା ଆୟକର ବିଭାଗର ବରିଷ୍ଠ ଅଧିକାରୀ ରଞ୍ଜନ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ସାତ୍ତ୍ୱିକଙ୍କୁ ପୁରସ୍କୃତ କରିଥିଲେ। ଜାତୀୟ ଚେସ୍ ଚାମ୍ପିୟନ ହୋଇଥିବାରୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସାତ୍ତ୍ୱିକଙ୍କ ନିକଟକୁ ଏବେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ରଞ୍ଜନ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ବାଟ ଦେଖାଇଥିଲା କୋଭିଡ୍

କୋଭିଡ୍ ମହାମାରୀ ସମୟରେ ବାହାରକୁ ବାହାରିବାକୁ ନେଇ ଅନେକ କଟକଣା ରହିଥିଲା। ଏହି ସମୟ ଅନେକଙ୍କ ଜୀବନ ଦୁର୍ବିସହ କରିଥିବାବେଳେ ସାତ୍ତ୍ୱିକଙ୍କୁ କିନ୍ତୁ ଚେସ୍ ବୋର୍ଡ ଧରିବାକୁ ବାଟ ଦେଖାଇଥିଲା। ଘରେ ବସି ଟିଭିରେ କାର୍ଟୁନ ଦେଖିବାରେ ସମୟ ଅତିବାହିତ କରୁଥିବାରୁ ମା' ସୋନମ ସରିତା ତାଙ୍କୁ ଚେସ୍ ଖେଳିବାକୁ ପ୍ରବର୍ତ୍ତାଇଥିଲେ। ମା'ଙ୍କ କଥାକୁ ଗ୍ରହଣ କରି ସାତ୍ତ୍ୱିକ ଚେସ୍‌କୁ ଆପଣେଇଥିଲେ ଏବଂ ସୋସିଆଲ ମିଡିଆ ମାଧ୍ୟମରେ କିଛି ଜ୍ଞାନ ଆହରଣ କରିଥିଲେ। ମାତ୍ର ଏହା ଯେ ତାଙ୍କୁ ଦିନେ ଜାତୀୟ ଚାମ୍ପିୟନ କରାଇବ ତାହା କେବେ ଭାବି ନ ଥିଲେ। ମାତ୍ର ତୁଳସୀ ଦୁଇ ପତ୍ରରୁ ବାସିବାପରି ସାତ୍ତ୍ୱିକଙ୍କ ପ୍ରତିଭା ମହକିଥିଲା। କିଙ୍ଗ୍ସ ଚେସ୍ ସେଣ୍ଟରରେ ସେ ଚେସ୍‌ର ମୌଳିକତା ଶିକ୍ଷା କରି ସଫଳତାର ସ୍ୱାଦ ଚାଖିଥିଲେ ଏବଂ ପରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ସଂସ୍ପର୍ଶରେ ଆସିବାପରେ ପ୍ରଦର୍ଶନକୁ ମାର୍ଜିତ କରି ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ସଫଳତା ହାସଲ କରିଥିଲେ। ତାଙ୍କୁ ବହୁ ଆଗକୁ ନେବାକୁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ସାତ୍ତ୍ୱିକଙ୍କ ବାପା ସମ୍ମିତ ସ୍ୱାଇଁ।

## ୨୦୨୭ ସୁଦ୍ଧା ଆଇଏମ୍ ଲକ୍ଷ୍ୟ: ବିଶ୍ୱଜିତ୍

ପିଲାବେଳୁ ଘରୋ ମା'ଙ୍କ ନିକଟରୁ ଚେସ୍ ସମ୍ପର୍କରେ ଶିକ୍ଷା ପାଇଥିବା ସାତ୍ତ୍ୱିକ କୋଭିଡ ସମୟରେ କିଙ୍ଗ୍ ଚେସ୍ ଏକାଡେମୀ କୋଚ୍ ବିଶ୍ୱଜିତ ରାୟଙ୍କ ନିକଟରୁ ଅନ୍‌ଲାଇନ୍‌ରେ କୋଚିଂ ନେଇଥିଲେ। ପରେ ୨୦୨୨ ସେପ୍ଟେମ୍ବରରୁ କିଙ୍ଗ୍ ଚେସ୍ ଏକାଡେମୀ ତାଙ୍କ ପ୍ରଶିକ୍ଷଣ କେନ୍ଦ୍ର ପାଲଟି ଯାଇଥିଲା। ସାତ୍ତ୍ୱିକଙ୍କ ଖେଳ ଦେଖି ଦୂରଦ୍ରଷ୍ଟା କୋଚ୍ ବିଶ୍ୱଜିତ ପ୍ରଭାବିତ ହୋଇଥିଲେ ଏବଂ ଏହି ପ୍ରତିଭା ବହୁ ଆଗକୁ ଯିବେ ବୋଲି ଜାଣି ପାରିଥିଲେ। ଏବେ ସାତ୍ତ୍ୱିକ ଯେପରି ଖେଳୁଛନ୍ତି ଯଦି ତାହା ଜାରିରୁହେ ତେବେ ୨୦୨୭ ବେଳକୁ ୧୧ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ କରିପାରିବେ ବୋଲି ପୂର୍ବାନୁମାନ କରୁଛନ୍ତି ବିଶ୍ୱଜିତ। ତେବେ ଏଥିପାଇଁ ସାତ୍ତ୍ୱିକଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ଦେଶ/ବିଦେଶରେ ଅନେକ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଅଧୁରା ସ୍ୱପ୍ନ ପୂରଣ କରିବାକୁ ଚାହେଁ: ଦେବାଶିଷ

"୨୦୨୩ ଡିସେମ୍ବର ୮ରେ ସାତ୍ତ୍ୱିକ ମୋ ନିକଟକୁ ଆସିଥିଲେ। ସେବେଠାରୁ ମୋ ସହ ଅଛନ୍ତି। ସେତେବେଳେ ତାଙ୍କ ରେଟିଂ ଥିଲା ୧୨୩୦। ଏବେ ତାଙ୍କ ରେଟିଂ ୧୯୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ସେ ଜଣେ କ୍ୱାଲିଟି ଖେଳାଳି। ମୁଁ ସାଧାରଣତଃ ମୋ ଛାତ୍ର ମାନଙ୍କ ସହ ଫଟୋ ନେଇ ନ ଥାଏ। ମାତ୍ର ସାତ୍ତ୍ୱିକଙ୍କୁ ଯେବେ ପ୍ରଥମେ ଦେଖିଲି ତାଙ୍କସହ ଫଟୋ ଉଠାଇବାକୁ ଇଚ୍ଛାହେଲା। ଏ ପିଲା ଦିନେ ବହୁ ଆଗକୁ ଯିବ ବୋଲି ମୋର ଅନୁଭବ ହୋଇଥିଲା। ଏବେ ତାହା ସତ ହେବାକୁ ଲାଗିଛି। ୧୩ ବର୍ଷରେ ମୁଁ ଆର.ବି. ରମେଶଙ୍କଠାରୁ ଗ୍ରାଣ୍ଡମାଷ୍ଟର ଟ୍ରେନିଂ ନେବା ଆରମ୍ଭ କରିଥିଲି। ଆର୍ଥିକ ସଙ୍କଟରୁ ଆରମ୍ଭକରି ସେତେବେଳେ ମୁଁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲି। ତେବେ ଜୀବନରେ ଅନେକକିଛି ହାସଲ କରିଛି ଏବଂ ଆହୁରି ଅନେକ ବାକି ରହିଛି। ମୁଁ ସେତେବେଳେ ଖେଳରେ ଯେଉଁ ତ୍ରୁଟି କରିଥିଲି ତାହା ସାତ୍ତ୍ୱିକଙ୍କ ଖେଳରେ ସୁଧାରିବାକୁ ଚେଷ୍ଟା କରୁଛି। ସାତ୍ତ୍ୱିକଙ୍କ ମାଧ୍ୟମରେ ମୁଁ ମୋ ମନର ଅଭିଳାଷ ପୂରଣ ସହ ଅଧୁରା ସ୍ୱପ୍ନକୁ ସାର୍ଥକ କରିବାକୁ ଚାହେଁ। ସେ ୧୪ ବର୍ଷରେ ଗ୍ରାଣ୍ଡମାଷ୍ଟର ହୁଅନ୍ତୁ ଏବଂ ୧୮ ବର୍ଷ ବେଳକୁ ତାଙ୍କ ରେଟିଂ ୨୭୦୦ ସ୍ପର୍ଶ କରୁବୋଲି ମୁଁ ଚାହୁଁଛି। ତାଙ୍କୁ ଏବେ ସରକାରୀ ଏବଂ ବେସରକାରୀ ସ୍ତରରୁ ସପୋର୍ଟ ଆବଶ୍ୟକ ହେଉଛି। କୌଣସି ନିର୍ଦ୍ଦିଷ୍ଟ ଗେମ୍‌ରେ ସୁଧାର ନୁହେଁ ବରଂ ତାଙ୍କୁ ଜଣେ କମ୍ପ୍ଲିଟ୍ ଚେସ ଖେଳାଳିଭାବେ ପରିଣତ କରିବାକୁ ମୋର ଇଚ୍ଛା ଅଛି'' ବୋଲି ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ପ୍ରକାଶ କରିଛନ୍ତି।



କୋଚ୍ ବିଶ୍ୱଜିତ ରାୟ ଓ ଦେବାଶିଷ ଦାସଙ୍କ ସହ ସାତ୍ତ୍ୱିକ।

# ଆଶାରେ ସମ୍ମିତ୍



**ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ହାଇଦ୍ରାବାଦ୍ ହିରୋଜ୍ ପକ୍ଷରୁ ଖେଳିଥିବା ସମ୍ମିତ୍ ପ୍ରଧାନ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଅନେକ ବିଦେଶୀ ଓ ତାରକା ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ସେ ଦଳର ନିୟମିତ ସଦସ୍ୟ ଥିଲେ...**

ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍(ଆର୍‌ପିଏଲ୍)ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ସମ୍ମିତ ପ୍ରଧାନ ଅନ୍ୟତମ। ସମ୍ମିତ ସାମିଲଥିବା ହାଇଦ୍ରାବାଦ୍ ହିରୋଜ୍ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଲିଗ୍ ପର୍ଯ୍ୟାୟରେ ଦଳ ୧୦ ମ୍ୟାଚରୁ ୯ ବିଜୟ ଓ ୧ ପରାଜୟ ସହ ୩୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ଦଳର ସଫଳ ପ୍ରଦର୍ଶନ ପଛରେ ଜୋଜି ନାସୋଭା, କେଭିନ ୱେକେସା, ଟେରିଓ ଟାମାନିଙ୍କ ଭଳି ବିଦେଶୀ ମାର୍କା ଖେଳାଳିଙ୍କ ସହ ଜାଭେଦ ହୁସେନ ଓ ସୁକୁମାର ହେମ୍ବ୍ରମ୍‌ଙ୍କ ଭଳି ଭାରତୀୟ ଖେଳାଳିଙ୍କ ଅବଦାନ ମଧ୍ୟ ରହିଥିଲା। ଫରୱାର୍ଡ ସମ୍ମିତ୍ ପ୍ରଧାନ ଦଳର ନିୟମିତ ଖେଳାଳି ପାଲଟିଥିଲେ। ଦଳ ପାଇଁ ସେ ସମସ୍ତ ମ୍ୟାଚ୍ ଖେଳିଥିଲେ।

ଦଳର ଲକର ରୁମ୍ ପରିବେଶ ସମ୍ପର୍କରେ ସମ୍ମିତ୍ କହିଛନ୍ତି, ଆମ ଦଳ ମଧ୍ୟରେ ଖୁବ୍ ଭଲ ପରିବେଶ ରହିଥିଲା। ଆମେ ଯଦିଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍‌ଠାରୁ ପରାଜିତ ହୋଇଥିଲୁ ତେବେ କେହି ଆମ ଭୁଲ୍‌କୁ ଧରି ନଥିେ କିମ୍ବା ପରାଜୟ ଲାଗି କାହାକୁ ଦାୟୀ କରି ନ ଥିଲେ। ଏପରିକି ଆମ କୋଚ୍ ଡିଜେ ଫୋର୍ବ୍ସ ଆମ ମନୋବଳକୁ ଉପରେ ରଖିବା ପାଇଁ ବର୍ଗର ପାର୍ଟି ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍ ଲାଗି ଆମ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲୁ। ଆର୍‌ପିଏଲ୍ ଯୋଗୁ ଭାରତୀୟ ଖେଳାଳିଙ୍କ ଉପରେ ବିଦେଶୀ ଖେଳାଳିଙ୍କ ପ୍ରଭାବ ସମ୍ପର୍କରେ ସେ ପ୍ରକାଶ କରି କହିଛନ୍ତି ମୁଁ କଦାପି ଚିନ୍ତା କରି ନ ଥିଲି ଯେ, ମୁଁ ଏବେ ବଡ଼ ବଡ଼ ଅନ୍ତର୍ଜାତୀୟ ରଗ୍‌ବୀ ଷ୍ଟାରଙ୍କ ସହ ଖେଳିବି। ସେମାନଙ୍କୁ ମୁଁ ପୂର୍ବରୁ କେବଳ ଟିଭିରେ ଦେଖିଥିଲି। ଟେକ୍‌ନିକାଲି ସେମାନେ ବହୁତ ଭଲ। ସେମାନେ ସର୍ବଦା ନିଜ ବେସିକ୍ ଉପରେ ଧ୍ୟାନ ଦିଅନ୍ତି। ମ୍ୟାଚ୍ ଖେଳିଲାବେଳେ ସେମାନେ ଖୁବ୍ ଶାନ୍ତ ରୁହନ୍ତି। ଏଣୁ ସେମାନେ ଭୟଭୀତ ହୁଅନ୍ତି ନାହିଁ। ଏଥିଯୋଗୁ ସେମାନଙ୍କର ଭୁଲ୍ କମ୍ ହୁଏ। ଆମେ ଭାରତୀୟ ଖେଳାଳିମାନେ ନିଜ ତ୍ରୁଟିକୁ ଯଥାସମ୍ଭବ କମ୍ କରିବାକୁ ଚେଷ୍ଟା କରୁଛୁ। ଆମକୁ ଶୀର୍ଷସ୍ତରର ଖେଳ ପ୍ରଦର୍ଶନ କରିବା ଦରକାର। ସେ ପୁଣି ଆର୍‌ପିଏଲ୍ ସମ୍ପର୍କରେ କହିଛନ୍ତି, ଆଗାମୀ ୩ରୁ ୪ ବର୍ଷରେ ଆର୍‌ପିଏଲ୍ ଯୋଗୁ ନୂଆ ଭାରତୀୟ ଖେଳାଳି ଆଗକୁ ଆସିବେ। ଏହି ଲିଗ୍ ଜରିଆରେ ସେମାନେ ନିଜ ସ୍କିଲ ସୁଧାରିବେ ଓ ସେମାନଙ୍କ ପ୍ରତିଭା ପ୍ରଦର୍ଶିତ କରିବେ। ଯେମିତି ମୋ ସାଥୀ ଖେଳାଳି ଜାଭେଦ ହୁସେନ ଖୁବ୍ ଭଲ କରୁଛନ୍ତି ଏବଂ ନିଜ ପ୍ରଦର୍ଶନ ବଳରେ ଲୋକପ୍ରିୟତା ହାସଲ କରିଛନ୍ତି। ଏପରି ଆହୁରି ଅନେକ ଖେଳାଳି ଲୋକଲୋଚନକୁ ଆସିବେ।

୨୭ ବର୍ଷୀୟ ସମ୍ମିତ୍‌ଙ୍କ ଘର କଟକ ଜିଲା ଅଡଶପୁର। ସେ ଏକ ଚାଷୀ ପରିବାରରୁ ଆସିଛନ୍ତି। ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ କଲେଜରେ ପଢ଼ିବା ବେଳେ ରଗ୍‌ବୀ ସହ ପରିଚିତ ହୋଇଥିଲେ। ଏଠାରୁ ତାଙ୍କ ରଗ୍‌ବୀ ଅଭିଯାନ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ଯେ, କଲେଜରେ ଜଣେ ସିନିୟର ମୋତେ ରଗ୍‌ବୀ ଖେଳିବାକୁ କହିଥିଲେ। ମୁଁ ଇଚ୍ଛୁକ ନ ଥିଲି। କିନ୍ତୁ ସେ ମୋତେ କହିଥିଲେ ଯେ, ତୁମକୁ ଷ୍ଟାଡିୟମରେ ଖେଳିବାକୁ ମିଳିବ। ଏହା ମୋ ଉତ୍ସାହ ବଢ଼ାଇ ଦେଇଥିଲା। କାରଣ ମୁଁ ପୂର୍ବରୁ କୌଣସି ଷ୍ଟାଡିୟମରେ କୌଣସି ପ୍ରକାର ଖେଳ ଖେଳି ନ ଥିଲି। ଏମିତି ମୁଁ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ଏହାପରେ ମୁଁ ଓଡ଼ିଶା ପାଇଁ ଜାତୀୟ ସିନିୟର ସ୍ତରରେ ଖେଳିଥିଲି ଏବଂ ମୋ ରଗ୍‌ବୀ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୧୫ରେ ମୁଁ ଜାତୀୟ ସିନିୟର ପ୍ରତିଯୋଗିତା ଲାଗି ବିହାର ଯାଇଥିଲି, ଯେଉଁଠାରେ ମୁଁ ନିଜ ଗେମ୍‌କୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଥିଲି। ମୋ ଦଳରେ ମୁଁ ସବୁଠୁ ଯୁବ ଖେଳାଳି ଥିଲି ଏବଂ ନିଜକୁ ପ୍ରମାଣିତ କରିବାକୁ ଚାହୁଁଥିଲି। ସମ୍ମିତ୍ ନିଜ ରାଜ୍ୟ ଓ କ୍ଲବ ପାଇଁ ନିୟମିତ ଭାବେ ଟୁର୍ଣ୍ଣାମେଣ୍ଟରେ ଖେଳୁଛନ୍ତି। ୨୦୧୯ରେ ସେ ଆହତ ହୋଇଥିଲେ। ଏଥିଯୋଗୁ ୩ ବର୍ଷ ତାଙ୍କୁ ରଗ୍‌ବୀଠାରୁ ଦୂରେଇ ରହିବାକୁ ପଡ଼ିଥିଲା। 'ମୁଁ ଅମ୍ରିତ୍‌ସରରେ ଏକ ଟୁର୍ଣ୍ଣାମେଣ୍ଟରେ ଖେଳୁଥିବା ବେଳେ ମୋ ହାତ ଭାଙ୍ଗିଯାଇଥିଲା। ଏଥିଯୋଗୁ ମୋତେ ୩ ବର୍ଷ ଖେଳଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ମୋର ସରକାରୀ ହସ୍ପିଟାଲରେ ଅପରେଶନ କରାଯାଇଥିଲା। ମୁଁ ପୁଣି ଥରେ ରଗ୍‌ବୀ ଖେଳିପାରିବି କି ନାହିଁ ଚିନ୍ତାରେ ଥିଲି। କିନ୍ତୁ ମୁଁ ରଗ୍‌ବୀ ଖେଳିବା ଜାରି ରଖିପାରିବି ବୋଲି ମୋତେ ଡାକ୍ତରମାନେ ଆଶ୍ୱାସନା ଦେଇଥିଲେ, ଯାହାକି ମୋ ଆତ୍ମବିଶ୍ୱାସ ବଢ଼ାଇଥିଲା। ଏହାପରେ ମୁଁ ଏକ ସ୍କୁଲରେ ପାର୍ଟଟାଇମ୍ ଜବ୍ କରିବା ସହ ମୋ ରିକଭରି ଉପରେ କଠିନ ପରିଶ୍ରମ କରିଥିଲି। ସେହି ସ୍କୁଲରେ ପିଲାମାନଙ୍କୁ ମୁଁ ବିଭିନ୍ନ ଖେଳ ସମ୍ପର୍କରେ ଶିଖାଉଥିଲି। ୨୦୨୨ରେ ମୁଁ ପୁଣି ଥରେ ଭୁବନେଶ୍ୱର ରଗ୍‌ବୀ କ୍ଲବ ପାଇଁ ଖେଳିବା ଆରମ୍ଭ କରିଥିଲି, ଯାହାଫଳରେ ମୁଁ ଆଜି ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଖେଳିପାରୁଛି ବୋଲି ସେ ପ୍ରକାଶ କରିଛନ୍ତି।

## ସ୍ମରଣୀୟ

ବିଗ୍ ଉଇକେଟ ଡକେଟ ପଛକୁ
ହ୍ୟାରୀ ଉଇକେଟ ନେଇ
ଶାର୍ଦ୍ଦୁଳ ଠାକୁର ବ୍ରେକ୍ ଥ୍ରୁ ଗିଲ୍‌ର
ମନ ଟାଣ କଲା ଭାଇ
ଜେମି, ରୁଟ୍ ଦେଲେ ଥୋଇ
ଚାନ୍ସ ମାରି ଡ୍ୟାନ୍ସ କଲେ, ଇଂଲଣ୍ଡକୁ
ସ୍ମରଣୀୟ ୱିନ୍ ଦେଇ।

ବାଇଶ ବର୍ଷୀୟ ଆମ ତିଳକ ବର୍ମା
ହାମ୍ପଶାୟାର ପାଇଁ ଖେଳି
କାଉଣ୍ଟି ଚାମ୍ପିୟନଶିପ୍
ପଦାର୍ପଣ ମ୍ୟାଚରେ
ଶହେ କଲା ମାର ତାଳି
ଇଏ ସ୍ମରଣୀୟ ପାଳି
ଚାରି ଦିନିକିଆ ପଚିଶ ଟିୱେଣ୍ଟି
ଖେଳି ଟୋକା ଯାଏ ଜଳି।



ନ' ବର୍ଷରୁ କମ୍ ଜାତୀୟ ଓପନ ଚେସ୍
ଓଡ଼ିଶା ସାତ୍ତ୍ୱିକ ସ୍ୱାଇଁ
ତିନିଶ ଅଠର ଖେଳାଳିଙ୍କୁ କାଟି
ଚାମ୍ପିୟନ ଏଇ କଇଁ
ଡିଜିଟାଲ ପଛେ ଧାଇଁ
କିଶୋର ଏଣ୍ଡ ୟୁଥ୍ ଫ୍ୟୁଚର ଡ୍ୟାମେଜ
ମୋବାଇଲ ଚାହିଁ ଚାହିଁ।

–ସୁବାସ ଚନ୍ଦ୍ର ପ୍ରଧାନ

# ଗିଲ୍‌ଙ୍କ ଦ୍ୱିଶତକ, ଭାରତ ୫୮୭

**ବର୍ମିଂହାମ,୩।୭**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ୨୬୯ ରନର ଦ୍ୱିଶତକୀୟ ପାଳି ଯୋଗୁ ଭାରତୀୟ ଦଳ ପ୍ରଥମ ଇନିଂସରେ ବିଶାଳ ସ୍କୋର କରିଛି। ଭାରତ ୧୫୧ ଓଭରରେ ୫୮୭ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଏହି ମ୍ୟାଚ୍‌ରେ ଗିଲ୍ ଭାରତୀୟ ଅଧିନାୟକ ଭାବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି।

ଗୁରୁବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର

**ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ**

୩୧୦/୫ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଗିଲ୍ ଓ ରବୀନ୍ଦ୍ର ଜାଡେଜା ସତର୍କତା ସହିତ ଦିନର ପ୍ରଥମ ସେଶନରେ ଖେଳିଥିଲେ। ଦୁହେଁ ଷଷ୍ଠ ଉଇକେଟ ପାଇଁ ୨୦୩ ରନର ଭାଗୀଦାରି କରି ଦଳୀୟ ସ୍କୋରକୁ ୪୦୦ ପାର କରାଇଥିଲେ। ୧୩୭ ବଲରେ ୧୦ ଚୌକା ଓ ୧ ଛକା ସହିତ ୮୯ ରନ କରି ଶତକ ଆଡ଼େ ଅଗ୍ରସର ହେଉଥିବା ଜାଡେଜା ପ୍ରତିପକ୍ଷ ଦଳର ପେସର ଜୋଶ ଟଙ୍ଗଙ୍କ ଏକ ବାଉନ୍ସର ବଲରେ ଉଇକେଟ କିପର ଜେମି ସ୍ମିଥଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଜାଡେଜା ପ୍ୟାଭିଲିଅନ ଫେରିବା ପରେ ଗିଲ୍‌ଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱାଶିଂଟନ ସୁନ୍ଦର। ଗୋଟିଏ



ଦ୍ୱିଶତକ ହାସଲ ପରେ ଉଲ୍ଲସିତ ଶୁବମନ ଗିଲ୍।

ପକ୍ଷରୁ ଗିଲ୍ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ସୁନ୍ଦର ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳିଥିଲେ। ଦୁଇ ବ୍ୟାଟର ସପ୍ତମ ଉଇକେଟରେ ଦଳୀୟ ସ୍କୋରରେ ୧୪୪ ରନ ଯୋଡ଼ିଥିଲେ। ଇତିମଧ୍ୟରେ ଗିଲ୍ ଦ୍ୱିଶତକ ପୂରଣ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଦ୍ୱିଶତକ ଥିବା ବେଳେ ସେ ଭାରତର ପଞ୍ଚମ ଟେଷ୍ଟ ଅଧିନାୟକ ଭାବେ ଦ୍ୱିଶତକ ହାସଲ କରିଥିଲେ। ଭଲ ବ୍ୟାଟିଂ କରୁଥିବା ସୁନ୍ଦରଙ୍କୁ ଜୋ ରୁଟ୍ କ୍ଲିନ ବୋଲ୍ଡ କରିଥିଲେ। ସୁନ୍ଦର ୩ ଚୌକା ଓ ୧ ଛକା ସହିତ ୪୨ ରନ କରି ଆଉଟ୍ ହୋଇଥିଲେ। ଚା' ପାନ ବିରତି ପରେ ଗିଲ୍ ଟଙ୍ଗଙ୍କ ଏକ ସର୍ଟ ପିଚ୍ ବଲକୁ ପୁଲ ମାରିବାକୁ ଯାଇ ସ୍କୋୟାର ଲେଗ୍‌ରେ ଓଲି ପୋପ୍‌ଙ୍କ ହାତରେ ଧରା ପଡ଼ିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୩୮୭ ବଲରେ ୩୦ ଚୌକା ଓ ୩ ଛକା ସହିତ ୨୬୯ ରନ କରିଥିଲେ। ଏହା ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର। ପରବର୍ତ୍ତୀ ଓଭରରେ ଆକାଶ ଦୀପ ଆଉଟ୍ ହୋଇଥିଲେ। ମହମ୍ମଦ ସିରାଜ ୮ ରନ୍ କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ ପ୍ରସିଦ୍ଧ କ୍ରିଷ୍ଣା ୫ ରନ୍ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବସୀର ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିସ ୱକ୍ସ ଓ ଜୋଶ ଟଙ୍ଗ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବ୍ରାଇଡନ କାର୍ସ, ଅଧିନାୟକ ବେନ ଷ୍ଟୋକ୍ସ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୫୧ ଓଭରରେ ୫୮୭/ଅଲ୍‌ଆଉଟ୍ (ଶୁବମନ ଗିଲ–୨୬୯, ରବୀନ୍ଦ୍ର ଜାଡେଜା–୮୯, ଯଶସ୍ୱୀ ଜୟସ୍ୱାଲ–୮୭, ୱାଶିଂଟନ ସୁନ୍ଦର–୪୨, କ୍ରିସ ୱକ୍ସ–୨/୮୧, ଜୋଶ ଟଙ୍ଗ–୨/୧୧୭, ଶୋଏବ ବସୀର–୩/୧୬୭)।

# ମିଳିତ ଶୀର୍ଷରେ ଗୁକେଶ

**ଜାଗ୍ରେଭ,୩।୭(ପି.ଟି.)**

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ଲଗାତର ଦୁଇ ବିଜୟ ସହ ସୁପର ୟୁନାଇଟେଡ୍ ରାପିଡ ଆଣ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ଦିନ ଶେଷ ସୁଦ୍ଧା ମିଳିତ ଶୀର୍ଷରେ ରହିଛନ୍ତି। ତାଙ୍କ ସହିତ ୱାର୍ଲ୍ଡ ନଂ–୧ ମାଗ୍ନସ କାର୍ଲସେନ, ପୋଲାଣ୍ଡର ଦୁଦାଜାନ–କ୍ରଜିସଟଫ ଓ ଆମେରିକାର ୱେସଲେ ସୋ ଶୀର୍ଷରେ ରହିଛନ୍ତି।

ଦୁଦାଙ୍କଠାରୁ ମିଳିଥିବା ପରାଜୟ ସହ ଦିନ ଆରମ୍ଭ କରିଥିବା ଗୁକେଶ ଦ୍ୱିତୀୟ ମ୍ୟାଚ୍‌ରେ ଫ୍ରାନ୍ସର ଅଲିରେଜା ଫିରୌଜା ଓ ଭାରତର ଅନ୍ୟତମ ଖେଳାଳି ଆର ପ୍ରଜ୍ଞାନନ୍ଦଙ୍କୁ ହରାଇଛନ୍ତି। ତାଙ୍କ ପାଖରେ ୪ ପଏଣ୍ଟ ରହିଛି। ନରୱେର କ୍ଲାସେନ ପ୍ରଥମ ମ୍ୟାଚ୍‌ରେ ୱେସଲେ ସୋଙ୍କୁ ପରାସ୍ତ କରିଥିବା ବେଳେ ବଳକା ଦୁଇଟି ମ୍ୟାଚ୍‌କୁ ଡ୍ର' ରଖିଥିଲେ। ଗୁକେଶଙ୍କ ଭଳି ୱେସଲେଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ଆମେରିକାର ଫାବିଆନୋ କାରୁଆନା ଓ ହଲାଣ୍ଡର ଅନୀଶ ଗିରିଙ୍କୁ ପରାସ୍ତ କରିଥିଲେ। ଫର୍ମରେ ଥିବା ପ୍ରଜ୍ଞାନନ୍ଦଙ୍କ ଲାଗି ଆଜି ଏକ କଷ୍ଟକର ଦିନ ରହିଥିଲା। ସେ ଗୁକେଶଙ୍କଠାରୁ ପରାସ୍ତ ହୋଇଥିବା ବେଳେ ଫିରୌଜା ଓ ଉଜ୍‌ବେକିସ୍ତାନର ନୋଡିର୍ବେକ ଆବଦୁସାଟୋରୋଭଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ।

# ପୂର୍ବତନ ଫୁଟବଲରଙ୍କ ପରଲୋକ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ସୁକାନ୍ତ ଦତ୍ତରାୟଙ୍କର କଟକସ୍ଥିତ ସୂତାହାଟ ବାସଭବନରେ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି। ଦ୍ୱିତୀୟ ଝିଅ ବେଙ୍ଗାଲୁରୁରୁ ଆସିବାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦତ୍ତରାୟ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷଧରି ପ୍ରତିନିଧିତ୍ୱ କରିଥିଲେ। ପରେ ସେ ଓଡ଼ିଶା ସିନିୟର ଫୁଟବଲ ଦଳର କୋଚ୍ ମଧ୍ୟ ଥିଲେ। ଏହା ବ୍ୟତୀତ ସେ ଜୟଦୁର୍ଗା ଏବଂ ରୋହିତ ଏକାଡେମୀରେ କୋଚ୍‌ଭାବେ କାର୍ଯ୍ୟ କରିଥିଲେ। ଦତ୍ତରାୟ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଭୁବନେଶ୍ୱରସ୍ଥିତ ଏଜି ଅଫିସରେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ସମସ୍ତ



ସୁକାନ୍ତ ଦତ୍ତରାୟ

କର୍ମକର୍ତ୍ତା, ଭୁବନେଶ୍ୱର ଫୁଟବଲ ପ୍ଲେୟର୍ସ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଟ–୬ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ତଥା ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଦଣ୍ଡସେନା, ସୁସ୍ମିତା, ସୁମନଙ୍କୁ ସ୍ୱର୍ଣ୍ଣ



ଅଶୋକ ଦଣ୍ଡସେନା



ସୁସ୍ମିତା ଟିଗା



ସୁମନ ଶେଖର ଦାସ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

ଇଂଲଣ୍ଡର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶାର ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗାଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ଗୁରୁବାର ଏହି ଦୁଇ ଆଥ୍‌ଲେଟ୍ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଦଣ୍ଡସେନା ପୁରୁଷ ୧୫୦୦ ମିଟର ରେସ୍‌ରେ ୪:୧୩.୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସୁସ୍ମିତା ମହିଳା ୧୫୦୦ ମିଟରରେ ୪:୩୭.୯୧ ସେକେଣ୍ଡ ସହିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ପୁରୁଷ ୮୦୦ ମିଟରରେ ଦଣ୍ଡସେନା ସ୍ୱର୍ଣ୍ଣ ଓ ମହିଳା ୮୦୦ ମିଟରରେ ସୁସ୍ମିତା ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ସ୍ୱର୍ଣ୍ଣିମ ଅଭିଯାନରେ ଆଉଜଣେ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଦଣ୍ଡସେନା ଓ ସୁସ୍ମିତା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି।

# ସମ୍ବର୍ଦ୍ଧିତ ହେବେ ୧୦ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ):** ପୁରୀର ପ୍ରଥମ କୁସ୍ତିଗୁରୁ ଭାବେ ପରିଚିତ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଚଳିତ ମାସ ୧୨ ତାରିଖରେ ୧୦ମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କ୍ରୀଡ଼ାବିତ୍‌ମାନେ ହେଲେ ଉଷୁ ସାମରିକ କଳା ପାଇଁ ଯୁଗ୍ମ ଭାବେ ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, କୁସ୍ତିରେ ରୋହିତ୍ ସାମଲ, ଫୁଟ୍‌ବଲ ପାଇଁ ଈପ୍‌ସିତା ରାଉତ, ବନ୍ଧୁକ ଚାଳନା ପାଇଁ କଣିକା ପ୍ରଧାନ ଓ ମୁକୁନ୍ଦ ବରାଳ ସ୍ମାରକୀ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ୍ସ ପାଇଁ ସମୀକ୍ଷା ସ୍ମରଣିକା। ସେହିପରି କ୍ରୀଡ଼ାଗୁରୁ ଭାବେ କୁସ୍ତିଗୁରୁ କସ୍ତୁରି ମହାସୁଆର, ଉଷୁ କ୍ରୀଡ଼ା ପାଇଁ ପୃଥ୍ୱୀରାଜ ହରିଚନ୍ଦନ, ଫୁଟ୍‌ବଲରେ ଊର୍ମିଳା କୁମାରୀ ଦାସ, ମିନି ଗଲ୍ଫ ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସାମରିକ କଳା ପାଇଁ ବାସୁଦେବ ସାହୁଙ୍କୁ ସମ୍ମାନିତ କରାଯିବ ବୋଲି ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ପୀୟୂଷ ମହାନ୍ତି ଓ କୈବଲ୍ୟ ବରାଳ ସୂଚନା ଦେଇଛନ୍ତି। ଉତ୍ସବରେ ସାଂସ୍କୃତିକ ଅନୁଷ୍ଠାନ ସୁର ତରଙ୍ଗ ପକ୍ଷରୁ ଦିବଂଗତ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ଜାତୀୟ ସିନିୟର ମିନିଗଲ୍ଫରେ ଓଡ଼ିଶାର ସଫଳତା



ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସହ ଜାତୀୟ ସିନିୟର ମିନିଗଲ୍ଫରେ ସଫଳତା ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**


ନାଗପୁରରେ ଅନୁଷ୍ଠିତ ୧୦ମ ଜାତୀୟ ସିନିୟର ମିନିଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ବର୍ଗରେ ଓଡ଼ିଶା ଦ୍ୱିତୀୟ ଓ ପୁରୁଷ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସ ଡବଲ୍ସ ଇଭେଣ୍ଟରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବ୍ୟକ୍ତିଗତ ମହିଳା ବର୍ଗରେ ଲତା ସମର୍ଥ ସ୍ୱର୍ଣ୍ଣ ଜିତିଥିବାବେଳେ ଆନିକା ପଟ୍ଟନାୟକ ବ୍ରୋଞ୍ଜ ପାଇଛନ୍ତି। ମହିଳା ଦଳଗତ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ସୌମ୍ୟଶ୍ରୀ ରଥ, ଆନିକା ପଟ୍ଟନାୟକ, ଅଦିତି ପଟେଲ, ରେଶମା ମାଝୀ, ଆୟେସା ଘଟୁଆଲୋ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଡବଲ୍ସରେ ସୌମ୍ୟଶ୍ରୀ ରଥ ଓ ଅଭିପ୍ସା ପଣ୍ଡାଙ୍କୁ ରୌପ୍ୟ ଏବଂ ପୁରୁଷ ଡବଲ୍ସରେ କୁମାର ଦେବଦତ୍ତ ଓ କୁମାର ଦେବଜିତଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ସ୍ୱିଡ୍ ମିନିଗଲ୍ଫ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ଲତା ସମର୍ଥ, ରେଶମା ମାଝି, ଅଦିତି ପଟେଲ, ଆୟଶା ଘଟୁଆଲୋ ଓ ସ୍ମରଣୀକା ମହାନ୍ତିଙ୍କୁ ନେଇ ଗଠିତ ମହିଳା ଦଳ ରୌପ୍ୟ, ମିକ୍ସଡ ଡବଲ୍ସରେ କୁମାର ଦେବଜିତ ଓ ଆନିକା ପଟ୍ଟନାୟକ ବ୍ରୋଞ୍ଜ ଜିତିଛନ୍ତି। ଓଡ଼ିଶା ଦଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏସ୍‌ଡି ସ୍ୱରୂପାନନ୍ଦ ସାହୁ, ଅର୍ଥ ପରାମର୍ଶଦାତା ନେଲସାନ ଲାକଡ଼ା ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜୋକୋଭିଚ୍, ଆନ୍ଦ୍ରିଭା ୩ୟ ରାଉଣ୍ଡରେ

**ଲଣ୍ଡନ,୩।୭ (ପି.ଟି.)**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ କୋକୋଭିଚ୍ ୱିମ୍ବଲେଡନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଷଷ୍ଠ ସିଡ୍ ଜୋକୋଭିଚ୍ ୬–୩, ୬–୨, ୬–୦ ସିଧାସଳଖ ସେଟ୍‌ରେ ବ୍ରିଟେନର ଡାନ ଇଭାନ୍ସଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୧୧ତମ ସିଡ୍ ଆଲେକ୍ସ ଡି ମିନାଉର ୪–୬, ୬–୨, ୬–୪, ୬–୦ ସେଟ୍‌ରେ ଆର୍ଥର କାଜାକ୍ସଙ୍କୁ ଓ ୧୫ତମ ସିଡ୍ ଜ୍ୟାକବ ମେନସିକ ୬–୪, ୩–୬, ୬–୪, ୭–୬(୭/୪) ସେଟ୍‌ରେ ମାର୍କସ ଗିରୋନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମିଓମିର କେସମାନୋଭିକ୍ ୧–୬, ୬–୩, ୬–୨, ୬–୪ ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ, ୨୨ତମ ସିଡ୍ ଫ୍ଲାବିଓ କୋବୋଲି ୬–୧, ୭–୬(୮/୬), ୬–୨ ସେଟ୍‌ରେ ବ୍ରିଟେନର ଜ୍ୟାକ ପିନିଂଟନ ଜୋନ୍ସଙ୍କୁ ହରାଇଛନ୍ତି।

ମହିଳା ସିଙ୍ଗଲ୍ସରେ ସ୍ୱଳ୍ପ ବୟସ୍କା ତଥା ୭ମ ସିଡ୍ ରୁଷିଆର ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ ନମ୍ବର–୧ରେ ସେ ବିଶ୍ୱର ୬୩ ନମ୍ବର ଖେଳାଳି ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ୬–୧, ୭–୬ (୭–୪)ରେ ହରାଇ ଦେଇଛନ୍ତି। ଚାମ୍ପିୟନଶିପ୍‌ର ୩ ମଧ୍ୟରେ ମହିଳା ଡ୍ର'ର ଟପ୍ ୧୦ ସିଡ୍ ମଧ୍ୟରୁ ଯେଉଁ କେତେଜଣ ଖେଳାଳି ଟିକ୍ତି ରହିଛନ୍ତି, ସେମାନଙ୍କ ମଧ୍ୟରେ ଏହି ୧୮ବର୍ଷୀୟା ଖେଳାଳି ଅନ୍ୟତମ। କୋକୋ ଗଫ୍ ଏବଂ ଗତବର୍ଷର ରନରଅପ୍ ଜସ୍ମିନ ପାଓଲିନି ଇତିମଧ୍ୟରେ ବିଦାୟ ନେଇ ସାରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ୧୦ମ ସିଡ୍ ଏମା ନାଭାରୋ କୋର୍ଟ ନମ୍ବର ୩ରେ ବିଶ୍ୱର ୪୬ତମ ଖେଳାଳି ରୁଷିଆର ଭେରୋନିକା



ମୀରା ଆନ୍ଦ୍ରିଭା

କୁଦରମେଟୋଭାଙ୍କୁ ୬–୧, ୬–୨ରେ ପରାସ୍ତ କରିଛନ୍ତି।

**ବାଲାଜୀ ଦ୍ୱିତୀୟ ରାଉଣ୍ଡରେ:** ଭାରତର ଏନ୍ ଶ୍ରୀରାମ ବାଲାଜୀ ପୁରୁଷ ଡବଲ୍ସ ଇଭେଣ୍ଟରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୱାର୍ଲ୍ଡ ନଂ–୭୪ ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ ରେୟେସ–ଭରେଲା ୬–୪, ୬–୪ ସେଟ୍‌ରେ ଲିର୍ନର ତିଏନ ଓ ଆଲେସାଣ୍ଡର କୋଭାସେଭିଙ୍କୁ ପରାସ୍ତ କରିଛନ୍ତି।

# ଭାରତରେ ଖେଳିପାରିବ ପାକିସ୍ତାନ ହକି ଦଳ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଆସନ୍ତା ମାସରେ ଭାରତରେ ହେବାକୁଥିବା ଏସିଆ କପ୍ ଏବଂ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିପାରିବ। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ସତ୍ତ୍ୱେ ଏହ ଦେଶକୁ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବାରଣ କରାଯାଇପାରିବ ନାହିଁ। କାରଣ ଏହାଦ୍ୱାରା ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ ବୋଲି ଗୁରୁବାର କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ଜଣାଯାଇଛି। ଏସିଆ କପ୍ ବିହାରର ରାଜଗିରିରେ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ପର୍ଯ୍ୟନ୍ତ ହେବାକୁଥିବା ବେଳେ ଜୁନିୟର ବିଶ୍ୱକପ୍ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ପର୍ଯ୍ୟନ୍ତ ଖେଳାଯିବ। ଦେଶରେ ଏକ ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୌଣସି ଦଳକୁ ଆମେ ବାରଣ କରିପାରିବୁ ନାହିଁ। ଆମେ ପାକିସ୍ତାନକୁ ରୋକିଲେ ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ। ମାତ୍ର ଦ୍ୱିପାକ୍ଷିକ ପ୍ରତିଯୋଗିତା କ୍ଷେତ୍ରରେ ଭିନ୍ନ ନୀତି ଆପଣାଇବାକୁ ପଡ଼ିବ। ଏଥିରେ କୋହଳ ଅବଲମ୍ବନ



କରିବାର ପ୍ରଶ୍ନ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ସନନ୍ଦ ହେଉଛି ଅଲିମ୍ପିକ ଆନ୍ଦୋଳନର ସମ୍ବିଧାନ ଭଳି। ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗକୁ ଏହା ପ୍ରୋତ୍ସାହିତ କରିଥାଏ। ଯଦି ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଏକ ପ୍ରତିଦ୍ୱନ୍ଦ୍ୱୀ ଦେଶକୁ ଅଂଶଗ୍ରହଣ କରିବାରେ ବାରଣ କରାଯାଏ ତେବେ ଭାରତ ଭବିଷ୍ୟତରେ ଏଭଳି ଟୁର୍ନାମେଣ୍ଟର ଆୟୋଜନରୁ ବଞ୍ଚିତ ହୋଇପାରେ। ସେପ୍ଟେମ୍ବରରେ ଏସିଆକପ୍ କ୍ରିକେଟର ଆୟୋଜନ କରାଯାଇଛି। ଏଥିରେ ପାକିସ୍ତାନ ସହିତ ଖେଳିବା ଲାଗି ଭାରତକୁ ଅନୁମତି ମିଳିବ କି ବୋଲି ପ୍ରଶ୍ନ ହେବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଆଲୋଚନା କରି ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ଟୁର୍ନାମେଣ୍ଟରେ ଖେଳିବା ଲାଗି ଅନୁରୋଧ ପତ୍ର ଆସିଲେ ସେକଥା ବିଚାର କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ପ୍ରାୟ ଦୁଇ ଦଶନ୍ଧି ଧରି ଭାରତ–ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ନାହିଁ। ଏପ୍ରିଲରେ ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଭାରତ–ପାକିସ୍ତାନ ମଧ୍ୟରେ ତିକ୍ତତା ଆହୁରି ବୃଦ୍ଧି ପାଇଛି। ବହୁ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ଆମେ ନ ଓହରୁ ବୋଲି ଅନ୍ତର୍ଜାତୀୟ କ୍ରୀଡ଼ା ଚାହୁଁଛି। ଉଦାହରଣ ସ୍ୱରୂପ ବର୍ତ୍ତମାନ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିଲେ ମଧ୍ୟ ଏହି ଦୁଇଦେଶ ବହୁରାଷ୍ଟ୍ରୀୟ ଇଭେଣ୍ଟଗୁଡ଼ିକରେ ଭାଗ ନେଉଛନ୍ତି। ଭାରତରେ ହେବାକୁଥିବା ଏସିଆ କପ୍ ଓ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନକୁ ଅଂଶଗ୍ରହଣ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ଦେବା ନିଷ୍ପତ୍ତିକୁ ହକି ଇଣ୍ଡିଆ (ଏଚ୍‌ଆଇ) ସ୍ୱାଗତ କରିଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ